# ଉତ୍କଳ ପ୍ରସଙ୍ଗ

2

6407
23/11/93



ଦୁଃଖୀ ରତନରେ ! ମୋ ପାପ ନଥିଲେ
ତୋର ଦରଶନ ପାଇଁ
ମରି ହଜି ଯିବା ଆଶରୁ ତୋ'ପାଶେ
ଦୋଳାରେ ଆସିଛି ଧାଇଁ

ମୋର ଦାନା ଦନା ପାଇଁ ମନ ଦେଲୁ,
ବଞ୍ଚିବି ମୁଁ କେତେ ଦିନ
ବଞ୍ଚି ରହିଥାଉ ହୃଦୟେ ତୋରରେ,
ଦୁଃଖୀ ସେବା ଚିରଦିନ



# ପଲ୍ଲୀ ପ୍ରଗତି



ଭାତ କଂସେଇରେ, ଧୂଳି ବାଲି ଘରେ,
ଖେଳିବାକୁ ବେଳ କାହିଁ ?
ସରକାର ମୋତେ କାମ ଦେଇଅଛି
ଟସର କାଟିବାପାଇଁ ।

ନିଜ ଦୁଃଖ ନିଜେ ଶୁଣି ହେଉଥିଲୁ,
ସବୁ ନଥିଲା ତ ଦିନ,
ଏବେ ସେଲାଇରେ ବେଳ ନ ଅଣ୍ଟଇ,
କାହିଁରେ ନ ଲାଗେ ମନ ।






ସାଥି ଅଭାବରେ ଦୀନ ଦୁଃଖୀଙ୍କର
ଦୁଃଖକୁ ପୋଛିବା ପାଇଁ,
'ଦାଦିଙ୍କ' ଆଦରେ ଅଭାବର ଘରେ !
ଜିଏ ବା କରିବ ନାହିଁ ?

PRINTED AT ORISSA GOVERNMENT PRESS, CUTTACK-10

# ଓଡ଼ିଶାରେ ଜନତନ୍ତ୍ର ଦିବସ ପାଳନ



କୋରାପୁଟ

କଟକ

ବାଲେଶ୍ୱର

ଅନୁଗୁଳ

# ଉତ୍କଳ ପ୍ରସଙ୍ଗ

ମାଘ ୧୯୦୩ ଶକାବ୍ଦ ୩୮ ଭାଗ ସପ୍ତମ ସଂଖ୍ୟା ଫେବୃଆରୀ ୧୯୮୨


## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : **ଶ୍ରୀ ମିହିର କୁମାର ରାଉ**

ସମ୍ପାଦକ : ଶ୍ରୀ **ବିପିନ ବିହାରୀ** ପଟ୍ଟନାୟକ

ସହ ସମ୍ପାଦକ : ଛନ୍ଦରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

ପ୍ରଚ୍ଛଦ ଶିଳ୍ପୀ
ଶ୍ରୀ ବି. ମହାରଥୀ

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ


**ଓଡ଼ିଶା ସରକାରଙ୍କ** ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

**ଉତ୍କଳ ପ୍ରସଙ୍ଗ** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

*ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର*

*ବାର୍ଷିକ ଦେୟ ୧୦.୦୦* *ପ୍ରତି ଖଣ୍ଡ ୧.୦୦*

# ସୂଚୀପତ୍ର


| | | |
|---|---|---|
| ମୋ ଦୃଷ୍ଟିରେ .. | | |
| ଲୁପ୍ତ ଗୌରବର ପୁନରୁଦ୍ଧାର .. | | ୩ |
| ବିଦ୍ୟାର ଆଦର୍ଶ : ବିନୟ .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୯ |
| ପ୍ରାଚୀନ ଓଡ଼ିଶାରେ ଶିକ୍ଷାର ଆଦର୍ଶ .. | ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ | ୧୨ |
| କାନ୍କୁନ୍ ସମ୍ମିଳନୀର ତାତ୍ପର୍ଯ୍ୟ ଓ ଦିଲ୍ଲୀ ସମ୍ମିଳନୀର ଲକ୍ଷ୍ୟ । | ଶ୍ରୀ ରାମଚନ୍ଦ୍ର ମିଶ୍ର | ୧୫ |
| ପଠାଣି ସାମନ୍ତ .. | ଶ୍ରୀ କାର୍ତ୍ତିକେଶ୍ୱର ପାତ୍ର | ୨୧ |
| ତତ୍ତ୍ୱ କୋଣାର୍କର .. | ଶ୍ରୀ ପୀତବାସ ମହାରଣା | ୨୪ |
| ଯୁବଶକ୍ତି ଓ ଆଜିର ସମାଜ .. | ଶ୍ରୀ ରାଜ କିଶୋର ଛୋଟରାୟ | ୨୭ |
| ଶ୍ରଦ୍ଧା ଓ ସମୃଦ୍ଧିର ସମ୍ବତ୍ସର-୧୯୮୧ .. | | ୨୯ |
| ରାଇସୁଆଁରେ ଶ୍ୱେତ ବିପ୍ଲବ .. | ଶ୍ରୀ ବିନୋଦ ବିହାରୀ ମହାନ୍ତି | ୩୧ |
| ସର୍ବେ ସନ୍ତୁ ନିରାମୟା .. | ଡା: ଅଜିତ କୁମାର ମହାପାତ୍ର | ୩୩ |
| କୃତ୍ରିମ ବୃଷ୍ଟିପାତ: ଏହାର ସମ୍ଭାବନା ଓ ପରିସର.. | | ୩୬ |
| ପ୍ରଗତି ପ୍ରସଙ୍ଗ .. | | ୩୭ |
| ମଲ୍ଲଗୁଣି କ୍ଷୁଦ୍ର ଜଳସେଚନ ଯୋଜନା .. | | ୪୧ |


## ଆଗାମୀ ସଂଖ୍ୟାରେ........

| | |
|---|---|
| ❋ ଓଡ଼ିଆ ଜାତୀୟତାର ବୈଶିଷ୍ଟ୍ୟ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ |
| ❋ କଟକର ନାଲିକୋଠା | ମାନ୍ୟବର ଶ୍ରୀ ଗଙ୍ଗାନାଥ ମିଶ୍ର |
| ❋ ଓଡ଼ିଶା ମିଶଣର ଆଦିପର୍ବ | ଡକ୍ଟର ସତ୍ୟନାରାୟଣ ରାଜଗୁରୁ |
| ❋ ଉତ୍କଳ ଦିବସର ସ୍ମୃତିଚାରଣ | ଶ୍ରୀ ସୁରେନ୍ଦ୍ର ମହାନ୍ତି |
| ❋ ଏପ୍ରିଲ ପହିଲର ସାହିତ୍ୟିକ ପୃଷ୍ଠପଟ | ଅଧ୍ୟାପକ ଗୌରୀକୁମାର ବ୍ରହ୍ମା |
| ❋ ନୂତନ ଓଡ଼ିଶା | ଶ୍ରୀ ଅଖିଳ ମୋହନ ପଟ୍ଟନାୟକ |
| ❋ ଓଡ଼ିଶାର କ୍ରମ କ୍ଷୟିଷ୍ଣୁ ଜନଜାତି | ଡକ୍ଟର ଲକ୍ଷ୍ମଣକୁମାର ମହାପାତ୍ର |
| ❋ ମୋ ଜୀବନ ପଥେ ଜର୍ଜେ ପଡ଼ିଥାଇ.. | ଅଧ୍ୟାପକ ଶତ୍ରୁଘ୍ନ ନାଥ |
| ❋ ଖଣିଜ ସମ୍ପଦର ଭବିଷ୍ୟତ | ଶ୍ରୀ ବସନ୍ତ କୁମାର ବିଶ୍ୱାଳ |

# ମୋ ଦୃଷ୍ଟିରେ

ବସନ୍ତର ମୃଦୁ ମଳୟ ଆଜି ଓଡ଼ିଶାର ଅଙ୍ଗେ ଅଙ୍ଗେ ପ୍ରବାହିତ ହେଲଣି । ଉତ୍କଳ ଭୂମିର ପ୍ରାକୃତିକ ଶୋଭା, ଅଲୌକିକ ସୌନ୍ଦର୍ଯ୍ୟ ମାଧୁରୀରେ ପୂରି ଗଲଣି—ତା'ର ବିସ୍ତୀର୍ଣ୍ଣ ଶ୍ୟାମ ବନାନୀ ରକ୍ତ ରଙ୍ଗର ପଲାଶ କୁସୁମରେ ଭରି ଉଠିଲଣି । ବସନ୍ତର କୋକିଳ ଆଜି ଆନନ୍ଦରେ ଓଡ଼ିଶାର ପୁରପଲ୍ଲୀରେ ତାର ପଞ୍ଚମ ତାନ ଖେଳାଇ ଦେଉଛି ।


ଓଡ଼ିଶା ଏକ ସମୃଦ୍ଧିଶାଳୀ ରାଜ୍ୟ ହେବା ନିମନ୍ତେ ବଳିଷ୍ଠ ଓ ନିଶ୍ଚିତ ପଦକ୍ଷେପ ନେଇ ଚାଲିଛି । କୃଷି ଓ ଶିଳ୍ପ କ୍ଷେତ୍ରରେ ଅଗ୍ରସର ହେବା ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ଆମ ଦେଶବାସୀଙ୍କୁ ଆମର ଅପ୍ରତିଦ୍ୱନ୍ଦ୍ୱୀ ନେତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ନୂତନ ବର୍ଷର ନବ ଆହ୍ୱାନ "ଶ୍ରମ ଏବ ଜୟତେ" ପ୍ରତି ଧ୍ୟାନ ଦେବାକୁ ନିବେଦନ କରୁଛୁ । ଉନ୍ନତି ପଥରେ ଶ୍ରମ ହିଁ ଏକମାତ୍ର ସହାୟ । ଅପରାଜେୟ ମନୋବଳ ନେଇ ଶ୍ରମ କରି ଚାଲିଲେ ଆମର ବିଜୟ ସୁନିଶ୍ଚିତ । ସତ୍ୟ ଦ୍ୱାରା ଆଧ୍ୟାତ୍ମିକ ଉନ୍ନତି ଓ ଶ୍ରମଦ୍ୱାରା ପାର୍ଥିବ ଉନ୍ନତି ସାଧନା କରାଯାଇ ପାରିବ । ତେଣୁ ଆଜି ପ୍ରତ୍ୟେକ ଓଡ଼ିଆଙ୍କର ଧ୍ୟେୟ ଶ୍ରମ-କଠୋର ଶ୍ରମ ହେବା ଉଚିତ । ଶ୍ରମ ଦ୍ୱାରାହିଁ କୃଷକ କୃଷି କ୍ଷେତ୍ରରେ, ଶ୍ରମିକ ଶିଳ୍ପ କ୍ଷେତ୍ରରେ, ଛାତ୍ର ଶିକ୍ଷା କ୍ଷେତ୍ରରେ, କର୍ମୀ କର୍ମ କ୍ଷେତ୍ରରେ ବିଜୟ ଲାଭ କରି ପାରିବ ।

ଏହି ବର୍ଷକୁ ଆମର ପ୍ରଧାନମନ୍ତ୍ରୀ "ଉତ୍ପାଦିକା ବର୍ଷ" ବୋଲି ଘୋଷଣା କରିଛନ୍ତି । ଶ୍ରମଦ୍ୱାରା ଉତ୍ପାଦନ ବୃଦ୍ଧି କରି ଦେଶରୁ ଦାରିଦ୍ର୍ୟ ଦୂର କରିବାକୁ ଶ୍ରୀମତୀ ଗାନ୍ଧୀଙ୍କ ଆହ୍ୱାନକୁ ସଫଳ କରିବା ଆମର ଆଜି ଏକ ପବିତ୍ର କର୍ତ୍ତବ୍ୟ । ଏହି ଲକ୍ଷ୍ୟ ହାସଲ କରିବାକୁ ସେ "ବିଂଶ ସୂତ୍ରୀ" ପରିକଳ୍ପନା ଆମକୁ ଦାନ କରିଛନ୍ତି ।

"ଉତ୍କଳ ପ୍ରସଙ୍ଗ"ର ଏହି ସଂଖ୍ୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର "ବିଦ୍ୟାର ଆଦର୍ଶ : ବିନୟ" ଲେଖାଟି ପ୍ରକାଶ ପାଉଛି । ବିଦ୍ୟାର ସାର୍ଥକତା ବିନୟରେ । ବିନୟହିଁ ମନୁଷ୍ୟର ଭୂଷଣ । ଶ୍ରମ ଓ ବିନୟର ମିଳନରେ ଓଡ଼ିଆ ଜାତି ଧନ୍ୟ ହେଉ ।


ସତ୍ୟାନନ୍ଦ ଚମ୍ପତିରାୟ


ଓଡ଼ିଶାରେ ଅଭିନବ କାର୍ଯ୍ୟକ୍ରମ
ଦରିଦ୍ରତମଙ୍କ ଆର୍ଥନୀତିକ ଅଭ୍ୟୁତ୍ଥାନ

# ହୃତ ଗୌରବର ପୁନରୁଦ୍ଧାର

**ପୁରୀଜିଲ୍ଲା ଟାଙ୍ଗୀଠାରେ ଅନୁଷ୍ଠିତ ହୋଇଥିବା "ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ" ମେଳାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ**

ଟାଙ୍ଗୀ ଖୋର୍ଦ୍ଧା ସବ୍‌ଡିଭିଜନ ଅନ୍ତର୍ଭୁକ୍ତ । ଖୋର୍ଦ୍ଧା ଓଡ଼ିଶାର ବୀରତ୍ୱପୂର୍ଣ୍ଣ ପରମ୍ପରାର ପ୍ରତୀକ । କାଳକ୍ରମେ ଖୋର୍ଦ୍ଧା ଓଡ଼ିଶାରେ ସବୁଠାରୁ ପ୍ରଜ୍ୱଳିତ ଅଞ୍ଚଳରେ ପରିଣତ ହୋଇଛି । ମାତ୍ର ଏ ପରମ୍ପରା ଥିଲେ ମଧ୍ୟ ନାନା କାରଣରୁ କୃଷିରେ, ଶିଳ୍ପରେ ଖୋର୍ଦ୍ଧା ବହୁତ ପଛରେ ପଡ଼ିଛି । ଓଡ଼ିଶା ଯେପରି ଭାରତବର୍ଷରେ ବହୁ ପଛରେ ପଡ଼ିଛି, ଖୋର୍ଦ୍ଧା ସେହିପରି ଓଡ଼ିଶାରେ ବହୁତ ପଛରେ ପଡ଼ିଛି । ଆମ ଆଗରେ ଗୋଟିଏ ଆହ୍ୱାନ ଆସିଛି, ଆମେ କିପରି ଓଡ଼ିଶାର ପୂର୍ବ ଗୌରବ ଫେରାଇ ଆଣିବା, ଖୋର୍ଦ୍ଧାର ହୃତ ଗୌରବ ଫେରାଇ ଆଣିବା । ତାହା କରିବାକୁ ହେଲେ, ଓଡ଼ିଶାକୁ ଭାରତବର୍ଷର ଗୋଟିଏ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାକୁ ହେବ ଏବଂ ଖୋର୍ଦ୍ଧାକୁ ଓଡ଼ିଶାର ଗୋଟିଏ ଶ୍ରେଷ୍ଠ ଅଞ୍ଚଳରେ ପରିଣତ କରିବାକୁ ହେବ । ଏଥିପାଇଁ ଶିଳ୍ପ କ୍ଷେତ୍ରରେ, କୃଷି କ୍ଷେତ୍ରରେ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ କ୍ଷେତ୍ରରେ ଓଡ଼ିଶାକୁ ଆଗେଇ ନେବା ପାଇଁ ହେବ । ଅଳ୍ପକାଳ ଭିତରେ ବିପୁଳ ପୁଞ୍ଜି ଓ ସମ୍ବଳ ଖଟାଇ



ଓଡ଼ିଶାକୁ ଭାରତର ଗୋଟିଏ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ଏ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏଥିପାଇଁ ଆମର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ପୂର୍ଣ୍ଣ ସହଯୋଗ ଓ ଆଶୀର୍ବାଦ ରହିଛି । ସୁଖର ବିଷୟ ଶ୍ରୀମତୀ ଗାନ୍ଧୀଙ୍କ ନେତୃତ୍ୱରେ ଆଜି କେନ୍ଦ୍ରରେ ତଥା ରାଜ୍ୟରେ ଦୃଢ଼ ଶାସନ ପ୍ରତିଷ୍ଠିତ ହୋଇ ପାରିଛି । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସୁସଂପର୍କ ରହିଚି । ଅତୀତରେ ଯେଉଁ ରାଜନୈତିକ ଅସ୍ଥିରତା ପାଇଁ ଓଡ଼ିଶା ପଛରେ ପଡ଼ି ରହିଥିଲା, ଆଜି ସେ ସବୁ ଦୂର ହୋଇଯାଇଛି । ଦେଶ ଓ ରାଜ୍ୟର ବିକାଶ ପାଇଁ ଉଭୟ ସ୍ତରରେ ଏକ ଦୃଢ଼ ରାଜନୈତିକ ସ୍ଥିତି ସର୍ବପ୍ରଥମ ପ୍ରୟୋଜନ ।

ଓଡ଼ିଶାରୁ ଯୁଗ ଯୁଗର ଦାରିଦ୍ର୍ୟର କଳଙ୍କ ଓ କାଳିମା ଛଡ଼ାଇବା ପାଇଁ ଆମକୁ ଶିଳ୍ପ କ୍ଷେତ୍ରରେ ଓ କୃଷି କ୍ଷେତ୍ରରେ ଯୋଜନାବଦ୍ଧ ଭାବରେ କାର୍ଯ୍ୟ କରିବାକୁ ହେବ । ଏଥିପାଇଁ ଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ହଜାର ହଜାର ଶିଳ୍ପ ସ୍ଥାପନ



କରିବାକୁ ପଡ଼ିବ । ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଆଶୀର୍ବାଦରେ ଓଡ଼ିଶାରେ ଯୋଡ଼ିଏ ବଡ଼ କାରଖାନା ବସିବାର ନିଷ୍ପତ୍ତି ନିଆଯାଇଛି । ତାହା ଆପଣମାନେ ସମସ୍ତେ ଜାଣନ୍ତି । ଓଡ଼ିଶାର ଦ୍ୱିତୀୟ ଇସ୍ପାତ କାରଖାନା ଓ ଅନ୍ୟଟି ଆଲୁମିନିୟମ ଆଲୁମିନା କାରଖାନା । ଏହି ଦୁଇଟି କାରଖାନାରେ ପ୍ରତ୍ୟକ୍ଷରେ ଏବଂ ପରୋକ୍ଷରେ ଅଶୀ ହଜାର ଲୋକ କାମ ପାଇବେ । ସେମାନେ ସମସ୍ତେ ଓଡ଼ିଶାର ଲୋକ । ଓଡ଼ିଶାର ବିଶେଷଜ୍ଞ, ଓଡ଼ିଶାର ଇଞ୍ଜିନିୟର ଓ ଓଡ଼ିଶାର କାରିଗରମାନେ କାମ ପାଇବେ । ଉଚ୍ଚ ଅଫିସରଙ୍କଠାରୁ ଆରମ୍ଭ କରି ଶ୍ରମିକ ମଜଦୁର ପର୍ଯ୍ୟନ୍ତ ଓଡ଼ିଶାର ଲୋକେ ପୂର୍ଣ୍ଣ ସୁଯୋଗ ନେବେ । କିନ୍ତୁ ଦୁଇ ତିନିଗୋଟି ବଡ଼ ବଡ଼ କଳକାରଖାନା ହୋଇଗଲେ ରାଜ୍ୟରେ କେବେହେଲେ ଶିଳ୍ପ ବିସ୍ତାର ହୁଏ ନାହିଁ । ଏଥି ସହିତ ବହୁତ ମଧ୍ୟମ ଧରଣର ଓ ଛୋଟ ଛୋଟ କଳ କାରଖାନା ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରତି ଜିଲ୍ଲା ହେଡ୍‌କ୍ୱାଟର, ସବ୍‌ଡିଭିଜନ, ଥାନା ଓ ବ୍ଲକ ସ୍ତରରେ କଳକାରଖାନା ହେଲେ ଶିଳ୍ପ ବିସ୍ତାର ହେବ । ସେଥିପାଇଁ ଓଡ଼ିଶା ସରକାର ହଜାରେ ଦିନରେ ହଜାରେ କୋଟି ଟଙ୍କା ବ୍ୟୟରେ ହଜାରେ ଗୋଟି ଶିଳ୍ପ ସ୍ଥାପନ କରିବାର କାର୍ଯ୍ୟକ୍ରମ ରଖିଛନ୍ତି । ତା'ର ଅର୍ଥ ହେଉଛି ପ୍ରତି ଅନୁନ୍ନତ ଅଞ୍ଚଳରେ ମଧ୍ୟ କଳ କାରଖାନା ବସାଯିବ । ଆଜି ଖୋର୍ଦ୍ଧାରେ ଏକ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟର ଶୁଭ ଦେଲି । ସେ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ପ୍ରଥମେ ଦଶଗୋଟି ଛୋଟ କାରଖାନା ଆରମ୍ଭ କରାଯାଉଛି । ଦଶକୋଟି ଟଙ୍କା ବ୍ୟୟରେ ଗୋଟିଏ ବଡ଼ଧରଣର ଶିଳ୍ପ, ସୂତାକଳ ଓ କୋଟିଏ ଟଙ୍କା ବ୍ୟୟରେ ଗୋଟିଏ ମଧ୍ୟମଧରଣର ଶିଳ୍ପ ସେଠାରେ ସ୍ଥାପନ କରାହେବ । ଯେଉଁ ଖୋର୍ଦ୍ଧା ସବ୍‌ଡିଭିଜନରେ ଗୋଟିଏ ହେଲେ କଳ କାରଖାନା ନ ଥିଲା, ଆଜି ତାର କେନ୍ଦ୍ରସ୍ଥଳରେ ତେର ଚଉଦ କୋଟି ଟଙ୍କାର କଳ କାରଖାନା ପ୍ରତିଷ୍ଠା କରାହେବ । ତଦ୍ୱାରା ପ୍ରାୟ ଦୁଇ ହଜାର ଲୋକ ଏଥିରେ ନିଯୁକ୍ତି ପାଇବେ ଓ ଖୋର୍ଦ୍ଧା ସବ୍‌ଡିଭିଜନର ଲୋକେ ତାର ସୁଯୋଗ ନେବେ । କେବଳ ଖୋର୍ଦ୍ଧାରେ କଳ କାରଖାନା ବସିଗଲେ ଯଥେଷ୍ଟ ହେବ ନାହିଁ । ଏ ସବଡ଼ିଭିଜନର ଅନ୍ୟାନ୍ୟ ଅଞ୍ଚଳରେ, ଟାଙ୍ଗୀରେ ମଧ୍ୟ କିଛି କଳ କାରଖାନା ସ୍ଥାପନ କରିବା ସରକାରଙ୍କର ଇଚ୍ଛା । ତା' ହେଲେ ଓଡ଼ିଶାର ଶିଳ୍ପ ବିପ୍ଳବର ମାନଚିତ୍ରରେ ପ୍ରତ୍ୟେକ ଅଞ୍ଚଳ ସ୍ଥାନ ପାଇ ପାରିବେ ଓ ନିଜ ଘର ପାଖରେ କିଛି ନା କିଛି କଳ କାରଖାନା ହେଉଥିବାର ସେମାନେ ଆଖିରେ ଦେଖି ପାରିବେ । ସେଥିପାଇଁ ଯେଉଁମାନଙ୍କ ପାଖରେ କିଛି ପୁଞ୍ଜି ରହିଛି, ସେମାନେ ଏହି ବିପ୍ଳବରେ ଯୋଗ ଦେବା ପାଇଁ ଆଗେଇ ଆସନ୍ତୁ । ସରକାର ସେମାନଙ୍କୁ କମ୍ ମୂଲ୍ୟରେ ଜମି ଯୋଗାଇ ଦେବେ, ଜଳ ଓ ବିଦ୍ୟୁତ୍ ଶକ୍ତିର ବ୍ୟବସ୍ଥା କରିଦେବେ, ବିକ୍ରୀଟିକସ ବାବଦରେ ରିହାତି ଦେବେ ଏବଂ ଯେଉଁ ଜିନିଷପତ୍ର ଉତ୍ପାଦନ ହେବ ତାର ବିକ୍ରୟ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରିଦେବେ । ତିରିଶ ହଜାର ଟଙ୍କାରୁ ଆରମ୍ଭ କରି ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥରେ କ୍ଷୁଦ୍ର ଶିଳ୍ପ ସ୍ଥାପନ କରାଯାଇ ପାରିବ । ଏଥିପାଇଁ ବ୍ୟାଙ୍କ ଲୋନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାରେ ସରକାର ସାହାଯ୍ୟ କରିବେ ।

ଶିଳ୍ପ ବ୍ୟତୀତ ଗାଁ ଗଣ୍ଡାରେ ଯେଉଁ କାରିଗର ଶ୍ରେଣୀର ଲୋକମାନେ ଅଛନ୍ତି ସେମାନଙ୍କର ଅବସ୍ଥାର ଉନ୍ନତି ହେବା ଦରକାର । ସେମାନଙ୍କ ଅବସ୍ଥାର ଉନ୍ନତି ନ ଘଟିଲେ ଗାଁ ଗଣ୍ଡାର ଉନ୍ନତି ହୋଇ ପାରିବ ନାହିଁ । ସହର ବଜାରରେ ବା କେଉଁଠି ଗୋଟିଏ କଳ କାରଖାନା ହେଲେ ଗାଁର ବଢ଼େଇ, କମାର ଇତ୍ୟାଦି କାରିଗର ଶ୍ରେଣୀର ଲୋକମାନେ ଗାଁ ଛାଡ଼ି ସେଠାକୁ ଚାଲି ଯାଉଛନ୍ତି । କାରଣ ଗାଁରେ ଯାହା ରୋଜଗାର ହେଉଛି, ତାହା ସେମାନଙ୍କୁ ପୋଷାଇ

ନାହିଁ । ସେଥିପାଇଁ ଗାଁ ଗଣ୍ଡାର କାରିଗର ଶ୍ରେଣୀର ଲୋକମାନଙ୍କୁ ସରକାରୀ ସାହାଯ୍ୟ, ଉନ୍ନତ ଯନ୍ତ୍ରପାତି ବା ଋଣ ଇତ୍ୟାଦି ଦିଆଯିବା ପାଇଁ ସ୍ଥିର କରାଯାଇଛି । ସେମାନେ ଏବେ ଯାହା ରୋଜଗାର କରୁଛନ୍ତି ତାକୁ ଦୁଇ ଗୁଣକୁ ବଢାଇ ଦିଆ ଯାଇ ପାରିଲେ ସେମାନେ ଆଉ ଗାଁ ଛାଡ଼ି ବାହାରକୁ ଚାଲିଯିବେ ନାହିଁ ।

ସେହି ଜମିରେ ଦୁଇଟି ଫସଲ ଉଠିବା ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ହେଉଛି ଏବଂ ଏହି ଗରିବ ଲୋକଙ୍କୁ ଦୈନିକ ପାଞ୍ଚ ଟଙ୍କା କରି ମଜୁରୀ ଦିଆଯାଉଛି । ନିଜର ଭାଗ୍ୟକୁ ନିନ୍ଦା କରି ଯେଉଁ ଗରିବ ମୂଲିଆମାନେ ପ୍ରତିଦିନ କାମଧନ୍ଦା ନ ପାଇ ଦିନ ଦିନ ଧରି ଭୋକ ଉପାସରେ କାଳ କଟାଉଥିଲେ ଆଜି ସେମାନଙ୍କର ଆଉ



ଗ୍ରାମ୍ୟ ଗରିବ ଲୋକଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ କାର୍ଯ୍ୟକ୍ରମରେ ସରକାରଙ୍କ ପକ୍ଷରୁ ଯେଉଁସବୁ କାର୍ଯ୍ୟ କରାଯାଉଅଛି, ତାହାରି ପ୍ରଦର୍ଶନୀ ଆଜି ଏଠାରେ ଅନୁଷ୍ଠିତ ହେଉଅଛି । ଏହି ଗରିବ ଲୋକମାନେ ସିଲେଇ ମେସିନ ପାଇଛନ୍ତି, ସାଇକେଲ ରିକ୍ସା, ଡଙ୍ଗା, ଶଗଡ଼ ବଳଦ, ଗାଈ, ଲୁଣ୍ଡି ମେସିନ ଓ ସାଇକେଲ ମରାମତି କରିବା ପାଇଁ ସାହାଯ୍ୟ ପାଇଛନ୍ତି । ଏହା ଫଳରେ ଆଗରୁ ଯେ ଦୈନିକ ପାଞ୍ଚ ଟଙ୍କା ରୋଜଗାର କରୁଥିଲା ସେ ଏବେ ୧୫।୨୦ ଟଙ୍କା ରୋଜଗାର କରି ପାରୁଛି । (ଏହାହିଁ ହେଉଛି ପ୍ରକୃତ ଆର୍ଥିକ ପରିବର୍ତ୍ତନ, ଗାଁ ଗହଳରୁ ଦରିଦ୍ର ଅବସ୍ଥା ଦୂର କରିବା ପାଇଁ ସରକାରଙ୍କର ସଫଳ କାର୍ଯ୍ୟକ୍ରମ) । ଗାଁ ଗହଳର ସ୍ତ୍ରୀଲୋକମାନେ ଶ୍ରମ କରି ଦୈନିକ କିଛି କିଛି ରୋଜଗାର କରିବା ପାଇଁ ବିଭିନ୍ନ ଧନ୍ଦା ଯୋଗାଇ ଦିଆ ଯାଉଅଛି । ଏମାନଙ୍କୁ ଛାଡ଼ିଦେଲେ ବାକୀ ଯେଉଁ ଗରିବ ଭୂମିହୀନ ମୂଲିଆ ଶ୍ରେଣୀର ଲୋକମାନେ ଅଛନ୍ତି, ସେମାନଙ୍କୁ ଜମି ଯୋଗାଇ ଦିଆଯାଉଛି । ସେ ଜମିରେ କୂଅ ଖୋଳି ଦିଆ ଯାଉଛି ବା ଅନ୍ୟ ଯେ କୌଣସି ପ୍ରକାରର ଜଳସେଚନର ବନ୍ଦୋବସ୍ତ କରି ଦିଆ ଯାଉଛି ।

ସେ ଅବସ୍ଥା ନାହିଁ । ତାଙ୍କ ଅବସ୍ଥାର ପରିବର୍ତ୍ତନ ହୋଇଛି । ଗରିବ ଅବସ୍ଥାରୁ ନିଜକୁ ଉଠେଇ ନେବା ପାଇଁ ସେମାନେ ସରକାରଙ୍କର ଏହି ଅଭିନବ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି

ଦାରିଦ୍ର୍ୟ ହେଉଛି ଏକ ଅଭିଶାପ । ଏ ଅଭିଶାପରୁ ଲୋକଙ୍କୁ ମୁକ୍ତ କରି ନ ପାରିଲେ ଓଡ଼ିଶା ଉଠି ପାରିବ ନାହିଁ । ଏଇ ଖୋର୍ଦ୍ଧା, ଦିନେ ଓଡ଼ିଶାର ବୀରଭୂମି ଥିଲା । ଖୋର୍ଦ୍ଧାର ପାଇକମାନେ ନିଜର ବୀରତ୍ୱ ପ୍ରଦର୍ଶନ କରି ଦିନେ ଭାରତ ବର୍ଷକୁ ଜୟ କରି ପାରିଥିଲେ । ଆଜି ତାଙ୍କରି ବଂଶଧର-ମାନେ ଦାରିଦ୍ର୍ୟର ଚରମ କଶାଘାତରେ କୁଲି ମୂଲିଆ ଭାବରେ ଦାଦନ ଶ୍ରମିକ ହୋଇ ଜୀବନ ଯାପନ କରୁଛନ୍ତି । ଏହାଠାରୁ ବଳି ଦୁଃଖର କଥା ଆଉ କଣ ଥାଇପାରେ ? କିପରି ଏ ଅବସ୍ଥାର ପରିବର୍ତ୍ତନ କରାଯାଇ ପାରିବ ? ଏହି ଅଭିଶାପଗ୍ରସ୍ତ ଜାତିକୁ ସାମାନ୍ୟ ଶକ୍ତି ଯୋଗାଇ ଦିଆଯାଇ ପାରିଲେ ସେମାନେ ଅସମ୍ଭବକୁ ସମ୍ଭବ କରି ପାରିବେ । ନିଜର ଭାଗ୍ୟକୁ ସେ ନିଜେ ପରିବର୍ତ୍ତନ କରି ଦେଇ ପାରିବେ । କେହି ଚିରଦିନ ଗରିବ ହୋଇ ରହିବା ପାଇଁ ଅଭିପ୍ରେତ ନୁହେଁ ।

ପ୍ରତ୍ୟେକ ଅବସ୍ଥାର ପରିବର୍ତ୍ତନ ଅବଶ୍ୟମ୍ଭାବୀ । ଜାତିର ଉନ୍ନତି ସୁନିଶ୍ଚିତ । ଗରିବ ଅବସ୍ଥାରୁ ଲୋକଙ୍କୁ ଉଠେଇ ସେମାନଙ୍କ ମନରେ ଗଭୀର ଆତ୍ମ ବିଶ୍ୱାସ ସୃଷ୍ଟି କରିବା ପ୍ରତ୍ୟେକ ଗଣତାନ୍ତ୍ରିକ ଶାସନର ଧର୍ମ ଏବଂ ଏହାହିଁ ଇନ୍ଦିରା ଗାନ୍ଧୀଙ୍କର ନୀତି ଓ ଆଦର୍ଶ ।

ଗାଁର କାରିଗର, ମୂଲିଆ, ଛୋଟଚାଷୀ, ମଧ୍ୟମ ଚାଷୀ ଓ ବଡଚାଷୀ ସମସ୍ତଙ୍କର ଉନ୍ନତି ବିଧାନ ପାଇଁ ସରକାର ଯୋଜନା କରିଛନ୍ତି । ଅଧିକ କୃଷି ଉତ୍ପାଦନ ପାଇଁ ବିହନ, ସାର ଓ ପୋକମରା ଔଷଧ ଯୋଗାଇବା ସଙ୍ଗେ ସଙ୍ଗେ ଜଳସେଚନର ବନ୍ଦୋବସ୍ତ କରି ଦିଆଯାଉଛି । ଏ ସମସ୍ତ ପାଇଁ ଚାଷୀ ଋଣ ନେଇ ଚାଷ କରିବ ଓ ସେ ଜମିରେ ଦୁଇଟନ ପର୍ଯ୍ୟନ୍ତ ଫସଲ ଉତ୍ପାଦନ ହେବାପାଇଁ ଗ୍ୟାରେଣ୍ଟି ଦିଆଯିବ । ଯଦି ସେଠାରେ ଦୁଇଟନରୁ କମ୍ ଫସଲ ଉତ୍ପନ୍ନ ହୁଏ, ତା'ହେଲେ ସରକାର ତାର କ୍ଷତିପୂରଣ ଦେବେ । ଏହାହିଁ ହେଉଛି 'ଫସଲ ବୀମା ଯୋଜନା' । ଏ କାର୍ଯ୍ୟକ୍ରମ ଯେଉଁଠି କାର୍ଯ୍ୟକାରୀ କରାଯାଉଛି, ସେଠାରେ ଆମର ଉତ୍ସାହୀ ଚାଷୀମାନେ ଅଢେଇ ଟନରୁ ତିନି ଟନ ପର୍ଯ୍ୟନ୍ତ ଉତ୍ପାଦନ ହୋଇ ପାରିବାର ପ୍ରମାଣ କରି ଦେଖାଇ ଦେଉଛନ୍ତି ।

ଶିଳ୍ପଦ୍ୱାରା ବେକାର ଲୋକଙ୍କୁ ନିଯୁକ୍ତି ଦେବା ଓ କୃଷିର ବିକାଶ କରି ଦେଶର ଉତ୍ପାଦନ ବୃଦ୍ଧି କରିବା ପରି ଶିକ୍ଷାକ୍ଷେତ୍ରରେ ଉନ୍ନତି ଘଟାଇବା ପାଇଁ ସରକାରଙ୍କର ବହୁ କାର୍ଯ୍ୟକ୍ରମ ରହିଛି । ତହିଁରୁ ଗୋଟିଏ ହେଉଛି ଆଦିବାସୀ ହରିଜନଙ୍କ ପାଇଁ ଆବାସିକ ସ୍କୁଲ । ଗରିବ ପିଲାମାନଙ୍କ ପାଇଁ ଖାଇବା ଓ ରହିବାର ସୁବିଧା କରିଦେଲେ ସେମାନେ ଆଉ ସ୍କୁଲଛାଡ଼ି ଯିବେ ନାହିଁ । ଆଜିକାଲି ବହୁ ଅଞ୍ଚଳରେ ବହୁ ବଦାନ୍ୟ ବ୍ୟକ୍ତିମାନେ ଅର୍ଥ ସାହାଯ୍ୟ କରି ନୂଆ ନୂଆ କଲେଜ ସ୍ଥାପନ କରୁଛନ୍ତି । ଦେଶର ଶିକ୍ଷାର ପ୍ରଗତି କ୍ଷେତ୍ରରେ ଏହା ଅଭିନନ୍ଦନୀୟ ।

ବଦାନ୍ୟ ବ୍ୟକ୍ତିମାନଙ୍କ ଦାନରେ ନୂତନ କଲେଜ-ସ୍ଥାପନ ହେଲା ପରି ବହୁସଂଖ୍ୟାରେ ବେସରକାରୀ ଉଦ୍ୟମରେ ଡାକ୍ତରଖାନା, ମାତୃମଙ୍ଗଳ କେନ୍ଦ୍ର, ଶିଶୁଭବନ ଓଗେର ତିଆରି ହେବା ଉଚିତ । କାରଣ ଗାଁ ଗହଳର ବହୁଲୋକଙ୍କ ପାଇଁ ଚିକିତ୍ସାର ଆବଶ୍ୟକତା ରହିଛି । ସହରାଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଚିକିତ୍ସାଳୟମାନ ହୋଇଥିଲେ ମଧ୍ୟ ଗାଁ ଗଣ୍ଡାରେ ଚିକିତ୍ସା ପାଇଁ ବହୁତ ବାକୀ ଅଛି । ଏ ଦିଗରେ ବଦାନ୍ୟ ବ୍ୟକ୍ତିମାନେ ଆଗଭର ହୋଇ ଯେତେ ଟଙ୍କା ଦାନ କରିବେ, ସେଥିପାଇଁ ରାଜ୍ୟ ସରକାର ସେତିକି ପରିମାଣର ଟଙ୍କା ଦେବେ ଓ କେନ୍ଦ୍ର ସରକାର ସେତିକି ଟଙ୍କା ଦେବେ । ଏହି ନିୟମ ଅନୁସାରେ ଗାଁ ଗହଳରେ ଚିକିତ୍ସାଳୟମାନ ଖୋଲିବା ପାଇଁ ସରକାର ନିଷ୍ପତ୍ତି କରିଛନ୍ତି ।

ଗାଁ ଗହଳର ଗରିବ ଚାଷୀ, ନାମମାତ୍ର ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ସରକାରଙ୍କ ପକ୍ଷରୁ ଆଉ ଏକ ଯୋଜନା କାର୍ଯ୍ୟକାରୀ ହେଉଅଛି । ସେ ହେଉଛି କ୍ଷୀର ସଂଗ୍ରହ ଯୋଜନା । ଏଥିରେ ଗାଁର ଗରିବ ଲୋକ ମାନଙ୍କୁ ଗାଈ ବା ମଇଁଷି ଦିଆଯିବ ଓ ସେମାନଙ୍କଠାରୁ କ୍ଷୀର ସଂଗ୍ରହ କରାଯିବ । ସଂଗୃହୀତ କ୍ଷୀରକୁ ଅଞ୍ଚଳର ଆବଶ୍ୟକତାକୁ ଦେଖି ସାରିବା ପରେ ଅବଶିଷ୍ଟ କ୍ଷୀରକୁ ଭୁବନେଶ୍ୱରରେ ପ୍ରତିଷ୍ଠିତ ହେବାକୁ ଯାଉଥିବା ଚିଲିଙ୍ଗ ପ୍ଲାଣ୍ଟକୁ Chilling Plant ନିଆଯିବ ଏବଂ ସେଠାରୁ କଲିକତା ବା ବାହାରକୁ ପଠାଯିବ । ତା' ହେଲେ ଗାଈ ବା ମଇଁଷି ରଖିଥିବା ଲୋକ ତା'ର କ୍ଷୀର ଉଚିତ ମୂଲ୍ୟରେ ବିକ୍ରି କରିବା ପାଇଁ ଗ୍ୟାରେଣ୍ଟି ପାଇ ପାରିବ । କ୍ଷୀର କେବେ ନଷ୍ଟ ହେବ ନାହିଁ କି କମ୍ ମୂଲ୍ୟରେ ବିକ୍ରି କରିବାର ପ୍ରଶ୍ନ ଉଠିବନାହିଁ । କ୍ଷୀର ସଂଗ୍ରହ କରିବାକୁ ଯାଇଥିବା ଗାଡ଼ି ଗୋଖାଦ୍ୟ ଯୋଗାଇ ଦେଇ ଆସିବ । ଏ କାର୍ଯ୍ୟକ୍ରମର ନାମ ହେଉଛି ଅପରେସନ ଫ୍ଲଡ଼ । ପ୍ରଥମେ ପୁରୀ ଓ କଟକ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ପରେ ରାଜ୍ୟର ସମସ୍ତ ଅଞ୍ଚଳରେ ଏହା କାର୍ଯ୍ୟକାରୀ ହେବ ।

ଏଠାରେ ଗୁଜରାଟର ହେରା ବା ଖେଡ଼ା ଜିଲ୍ଲା କଥା ଉଲ୍ଲେଖ କରାଯାଇ ପାରେ । 'କ୍ଷୀର ସଂଗ୍ରହ ଯୋଜନା' ଫଳରେ ଏଠାରେ ସାଧାରଣ ଲୋକଙ୍କର ସଂପୂର୍ଣ୍ଣ ପରିବର୍ତ୍ତନ ହୋଇ ପାରିଛି । ବଜାରରେ ଅମୂଲ ନାଁରେ ଯେଉଁ ଦୁଧ ଗୁଣ୍ଡ ମିଳୁଛି ତାହା ପ୍ରାୟ ସେହି ସବୁ ସ୍ଥାନରୁ ଆସୁଛି । ଏହି ଯୋଜନା ଫଳରେ ସେଠାର ଲୋକମାନଙ୍କର ଭାଗ୍ୟ ସଂପୂର୍ଣ୍ଣ ଭାବରେ ପରିବର୍ତ୍ତନ ହୋଇଯାଇଛି ।

ଏହି ଯୋଜନାରେ ଗାଈ ଅପେକ୍ଷା ମଇଁଷିଠାରୁ ଅଧିକ ଉପକାର ମିଳି ପାରୁଥିବା କଥା ମୁଁ ବହୁତ ସ୍ଥାନରେ କହୁଚି ଏବଂ ଏଠାରେ ମଧ୍ୟ କହୁଚି । ଲୋକମାନେ ଗାଈ ରଖିବା ପରିବର୍ତ୍ତେ ମଇଁଷି ରଖିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି । ମଇଁଷି ପ୍ରତି ସାଧାରଣତଃ ଏକ ଅବଜ୍ଞା ରହିଥାଏ । କିନ୍ତୁ ତା' ଠିକ୍ ନୁହେଁ । ଗାଈ କ୍ଷୀର ମଇଁଷିକ୍ଷୀର ଭିତରେ ବିଶେଷ କିଛି ପାର୍ଥକ୍ୟ ନାହିଁ । ମଇଁଷି କ୍ଷୀର ଗାଈ କ୍ଷୀର ଅପେକ୍ଷା ଅଧିକ ଦାମ ଏବଂ ମଇଁଷିର ରୋଗ ମଧ୍ୟ କମ । ପୁଣି ମଇଁଷି ଗାଈ ଠାରୁ ଢେର ଅଧିକ କ୍ଷୀର ଦିଏ । ତେଣୁ ଲୋକମାନଙ୍କୁ ବିଶେଷ ଭାବରେ ମଇଁଷି ଯୋଗାଇ ଦେବା ପାଇଁ ବିଭାଗୀୟ ଦପ୍ତରଙ୍କୁ ନିର୍ଦ୍ଦେଶ ଦିଆଯାଇଚି ।

ଜଳସେଚନ କ୍ଷେତ୍ରରେ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିଛନ୍ତି । ଯେଉଁଠି ବୃହତ୍ ଜଳସେଚନ ଯୋଜନା ହେବାର ସମ୍ଭାବନା ନାହିଁ, ସେଠାରେ ଛୋଟ ଛୋଟ ନଦୀରେ ବନ୍ଧ ପକାଇ ଜମିକୁ ପାଣି ଯୋଗାଇ ଦିଆଯିବ । ଆଜି ମଲଗୁଣି ନଦୀରେ ଜଳସେଚନର ବ୍ୟବସ୍ଥା କରାଯାଉଚି । ଏହି ଯୋଜନାଟି ହୋଇଗଲେ, କେତୋଟି ପଞ୍ଚାୟତର ଜମି ସବୁ, ଯାହା ଏ ପର୍ଯ୍ୟନ୍ତ ଆକାଶ ପାଣିଆ ଥିଲା, ଆଦୌ କେବେ ପାଣି ମାଡ଼ି ପାରୁ ନ ଥିଲା, ସେ ଜମିରେ ନିଶ୍ଚିତ ଭାବରେ ପାଣି ମାଡ଼ି ପାରିବ ଏବଂ ଏହି ଯୋଜନାଟି ଦୁଇବର୍ଷ ଭିତରେ କାର୍ଯ୍ୟକାରୀ ହେବ । ଆଜି ଏହି ଯୋଜନାର ଶୁଭ ଦିଆଯାଉଚି ।

ଖୋର୍ଦ୍ଧା ଗୋଟିଏ ମରୁଡ଼ିଗ୍ରସ୍ତ ଅଞ୍ଚଳ । ଏ ଅଞ୍ଚଳରୁ ମରୁଡ଼ିର ଦାଉ ଦୂରୀଭୂତ ନ ହେଲେ ଋଷୀମାନଙ୍କର ଉନ୍ନତି ହେବ ନାହିଁ । ଏଥିପାଇଁ କେତେକ ସ୍ଥାନରେ ଉଠା ଜଳସେଚନ ଯୋଜନା ଦ୍ୱାରା ପାଣିର ବ୍ୟବସ୍ଥା କରାଯାଉଛି । କିନ୍ତୁ ସବୁଠାରୁ ବଡଯୋଜନା ହେଉଛି ମଣିଭଦ୍ରା ଯୋଜନା । ଏହା କାର୍ଯ୍ୟକାରୀ ହେଲେ କେନାଲ ସାହାଯ୍ୟରେ ଜମିକୁ ଜଳସେଚନ କରାଯାଇ ପାରିବ ଏବଂ ଖୋର୍ଦ୍ଧା ସବ୍‌ଡ଼ିଭିଜନର ସମସ୍ତ ଅଞ୍ଚଳକୁ ପାଣିର ବ୍ୟବସ୍ଥା କରାଯାଇ ପାରିବ । ଏ ଯୋଜନାରେ ମହାନଦୀର ପାଣି ଯାଇ ଋଷିକୁଲ୍ୟାରେ ପଡ଼ି ପାରିବ ଏବଂ ଏ ସମସ୍ତ ଅଞ୍ଚଳର ଋଷୀମାନଙ୍କର ଅବସ୍ଥାର ପରିବର୍ତ୍ତନ ହୋଇ ପାରିବ । ସରକାର ଏ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ସଙ୍କଳ୍ପବଦ୍ଧ ଭାବରେ ଆମେ ସମସ୍ତେ ମିଳିମିଶି ଓଡ଼ିଶାରୁ ଦାରିଦ୍ର୍ୟ ଦୂର କରି ପାରିଲେ ଆମ ରାଜ୍ୟ ଏକ ଆଦର୍ଶ-ଶ୍ରେଣୀୟ ରାଜ୍ୟରେ ପରିଣତ ହେବ । ଆମର ମରାଳ-ମାଳିନୀ-ଚିଲିକାକୁ ଏକ ମନୋରମ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ଆମର ଲକ୍ଷ୍ୟ । ଚିଲିକା କ୍ରମଶଃ ପୋତି-ହୋଇ ଯାଉଛି, ତାହାକୁ ଡ୍ରେଜିଂ କରାଯାଇ ମତ୍ସ୍ୟଗ୍ରଷ କରିବା ପାଇଁ ସୁବିଧା କରାଯିବ । ଚିଲିକାରେ ସମୁଦ୍ର ପାଣି ପଶି ପାରୁ ନାହିଁ କି ଚିଲିକା ପାଣି ସମୁଦ୍ରକୁ ଯାଉନାହିଁ । ଏ ଅବସ୍ଥାକୁ ଦୂର କରିବାପାଇଁ ଗୋଟିଏ ଉନ୍ନୟନ ଯୋଜନାର ପରିକଳ୍ପନା କରାଯାଉଅଛି । ଯେପରି ନୌତାଲିମ କେନ୍ଦ୍ର କରାଗଲା, ସେପରି ଅନେକ କାର୍ଯ୍ୟ କରିବାକୁ ଅଛି ।

ଖୋର୍ଦ୍ଧା ସବ୍‌ଡ଼ିଭିଜନ ଏକଦା ବିପୁଳ ଗୌରବର ଅଧିକାରୀ ହୋଇଥିଲା । ଅତୀତର ପରମ୍ପରା ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ବର୍ତ୍ତମାନ ଭାଗ୍ୟର ବିପର୍ଯ୍ୟୟ ହେତୁ ଗରିବ ହୋଇ ଯାଇଛି । ଏ ହେଉଛି ଭାଗ୍ୟର ବିଡ଼ମ୍ବନା । ଏଥିରେ ଆମ୍ଭେମାନେ ଅଧୈର୍ଯ୍ୟ ହେବା ଉଚିତ ନୁହେଁ । ଦାରିଦ୍ର୍ୟର କଳଙ୍କ ବା ଅଭିଶାପକୁ ଲୋପ କରି ଆମକୁ ଏହାର ଲୁପ୍ତ ଗୌରବ ଫେରେଇ ଆଣିବାକୁ ପଡ଼ିବ । ଓଡ଼ିଶାରେ ଖୋର୍ଦ୍ଧାକୁ ଶ୍ରେଷ୍ଠ ଓ ଓଡ଼ିଶାକୁ ଭାରତ-ବର୍ଷରେ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାକୁ ପଡ଼ିବ । ଏଥିପାଇଁ ଦୃଢ଼ ମନୋବଳ ଆବଶ୍ୟକ ।



ମାନ୍ୟବର ରାଜ୍ୟପାଳ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କ ଗହଣରେ ବଜେଟ୍ ଅଧିବେଶନ ଉଦ୍‌ଘାଟନ କରିବାପାଇଁ ଯାଉଛନ୍ତି ।

# ସ୍ୱାସ୍ଥ୍ୟ ହିଁ ସଂପଦ

## ସେହି ସ୍ୱାସ୍ଥ୍ୟର ସୁରକ୍ଷା ଲାଗି ଆପଣ ଯତ୍ନ କରନ୍ତି କି ?

### ଶାରୀରିକ ଓ ମାନସିକ ସୁସ୍ଥତା ଲାଗି ଆବଶ୍ୟକ ଏକ ସୁସ୍ଥ ପରିବାର ଆଉ ତାହା କେବଳ ଏକ ଛୋଟ ପରିବାରରେ ସମ୍ଭବପର

ଆପଣ ନିଜେ ସୁସ୍ଥ ରହିବା ସଂଗେ ସଂଗେ ଆପଣଙ୍କର ପରିବାରକୁ ସୁଖୀ ଓ ସମୃଦ୍ଧ କରିବା ଆପଣଙ୍କର କର୍ତ୍ତବ୍ୟ

- ଦୁଇଟି ସନ୍ତାନ ଥିଲେ ସ୍ୱାମୀ ବା ସ୍ତ୍ରୀ ଯେ କେହି ଗର୍ଭନିରୋଧ ଅସ୍ତ୍ରୋପଚାର କରାଇ ପାରନ୍ତି ଓ ସେଥିଲାଗି ଆର୍ଥିକ ସାହାଯ୍ୟ ମଧ୍ୟ ମିଳେ ।

- ସନ୍ତାନ ଜନ୍ମରେ ବ୍ୟବଧାନ ଲାଗି ଗୋଟିଏ ସନ୍ତାନ ପରେ ସ୍ତ୍ରୀ "ଲୁପ୍" ବା "କପରଟି" ଗ୍ରହଣ କରନ୍ତୁ ।

- ଆପଣ ନବ ବିବାହିତ ହୋଇଥିଲେ ଦାମ୍ପତ୍ୟ ଜୀବନକୁ ସୁଖମୟ କରିବା ପାଇଁ ନିରୋଧ ଭଳି ଅସ୍ଥାୟୀ ପଦ୍ଧତି ଗ୍ରହଣ କରନ୍ତୁ ।

- ଗର୍ଭବତୀ ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଉପଯୁକ୍ତ ଚିକିତ୍ସା ଲାଗି ମାତୃମଙ୍ଗଳ କାର୍ଯ୍ୟକ୍ରମ ଏଥିରେ ଅନ୍ତର୍ଭୁକ୍ତ ।

- ଏ ସମସ୍ତ ସୁବିଧା ସୁଯୋଗ ଲାଭ କରିବା ଲାଗି ନିକଟସ୍ଥ ପରିବାର କଲ୍ୟାଣ କେନ୍ଦ୍ରର ପରାମର୍ଶ ନିଅନ୍ତୁ ।

ମନେ ରଖନ୍ତୁ—

ଆପଣଙ୍କ ସେବାରେ

**ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ**

# ବିଦ୍ୟାର ଆଦର୍ଶ : ବିନୟ

ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ

ଆମ ଦେଶର ପ୍ରଚଳିତ ଶିକ୍ଷା ପଦ୍ଧତିର ଉଦ୍ଦେଶ୍ୟ ସମସ୍ତଙ୍କୁ ଜଣା । ତତକାଳୀନ ଇଂରେଜ ସାମ୍ରାଜ୍ୟର ଆବଶ୍ୟକତା ପୂରଣ କରିବା ପାଇଁ ଏ ପ୍ରକାର ଶିକ୍ଷା ପ୍ରଣାଳୀ ପ୍ରଚଳନ କରାଯାଇଥିଲା । ଏ ଶିକ୍ଷା ପ୍ରଣାଳୀରେ ଯେ କିଛି କିଛି ପରିବର୍ତ୍ତନ ନ ହୋଇଛି, ତା' ନୁହେଁ । ଅଳ୍ପ କିଛି ପରିବର୍ତ୍ତନ ହୋଇଛି । କିନ୍ତୁ ଯେଉଁ ଛାଞ୍ଚରେ ସେ ଶିକ୍ଷା ପ୍ରଣାଳୀ ପ୍ରଚଳିତ ହୋଇଥିଲା, ସେ ଛାଞ୍ଚ ପ୍ରାୟ ସେହିପରି ରହିଛି ।

ଭାରତୀୟ ପୃଷ୍ଠଭୂମିରେ ଏ ଶିକ୍ଷା ପଦ୍ଧତି କିପରି ସମାଜର ଆବଶ୍ୟକତା ମେଣ୍ଟାଇ ପାରିବ, ତାହାହିଁ ହେଉଛି ଲକ୍ଷ୍ୟ ଏବଂ ଧ୍ୟେୟ । ସେ ଉଦ୍ଦେଶ୍ୟରେ ଏ ଦେଶରେ ବହୁ ପରୀକ୍ଷା ହୋଇଛି । ପରୀକ୍ଷା ଏବେ ମଧ୍ୟ ଚାଲିଛି । ପ୍ରଥମେ ଏହାର ପରିବର୍ତ୍ତନ ପାଇଁ ମହାତ୍ମା ଗାନ୍ଧୀ ତାଙ୍କର ମୌଳିକ ଶିକ୍ଷା କାର୍ଯ୍ୟକ୍ରମକୁ ପ୍ରବର୍ତ୍ତନ କରିଥିଲେ । ସେ କାର୍ଯ୍ୟକ୍ରମ କିଛି ଦିନ ଚାଲିଲା । କିନ୍ତୁ ପରେ ତାହା ବିଶେଷ ସଂପ୍ରସାରିତ ହେଲା ନାହିଁ । ମୌଳିକ ଶିକ୍ଷା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଲା ଶ୍ରମକୁ ଅଧିକ ସମ୍ମାନ ଦେବା । କାରଣ ଶ୍ରମକୁ ସମ୍ମାନ ଦିଆ ନ ଗଲେ ଶିକ୍ଷା କେବଳ ପୋଥିଗତ ବିଦ୍ୟା ହୋଇ ଯାଉଛି । ଏହି ପୋଥିଗତ ବିଦ୍ୟାଦ୍ୱାରା ସମାଜରେ ଶ୍ରମଦ୍ୱାରା ଜୀବିକା ନିର୍ବାହ କରୁଥିବା ଅଗଣିତ ଜନସାଧାରଣଙ୍କଠାରୁ ଶିକ୍ଷିତ ସମାଜ ବିଚ୍ଛିନ୍ନ ହୋଇ ରହୁଛି । ବୁଦ୍ଧିଜୀବୀ ଓ ଓ ଶ୍ରମଜୀବୀଙ୍କ ମଧ୍ୟରେ ଏକ ପ୍ରାଚୀର ଠିଆ ହୋଇ ଯାଉଛି । ଏହି ବ୍ୟବଧାନ ଫଳରେ ସମାଜର କୌଣସି ଅଗ୍ରଗତି ସମ୍ଭବ ହୋଇ ପାରୁ ନାହିଁ । ଗୋଟିଏ ଦିଗରେ ଶିକ୍ଷିତ ସମାଜ, ଅନ୍ୟ ଦିଗରେ ଅଶିକ୍ଷିତ ଜନଗଣ । ଗ୍ରାମର ଯୁବକ ଶିକ୍ଷା ଲାଭ କରି ସାରିବା ପରେ ଗାଁର ଲୋକମାନଙ୍କ ସହିତ ସଂପର୍କ ରଖି ପାରୁ ନାହିଁ । ପରିବାରର ପିତାମାତାଙ୍କ ସହିତ ପୁତ୍ର କନ୍ୟାଙ୍କର ସଂପର୍କ ରହୁ ନାହିଁ । ଏହିପରି ଭାବରେ ଯେଉଁ ଶିକ୍ଷା ପଦ୍ଧତି ଗଢ଼ି ଉଠିଛି ସେ ଶିକ୍ଷା ପଦ୍ଧତିର ପରିବର୍ତ୍ତନ କରିବା ପାଇଁ ମହାତ୍ମାଗାନ୍ଧୀ ଏକ ଶ୍ରମ-ଭିତ୍ତିକ ଆଧ୍ୟାତ୍ମବାଦୀ ଶିକ୍ଷା ପ୍ରଣାଳୀ ପ୍ରବର୍ତ୍ତନ କରିବା ପାଇଁ ଉଦ୍ୟମ କରିଥିଲେ । ଆଜି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କ ଭାଷଣରେ ସେହି କଥା କହିଛନ୍ତି—"ଶ୍ରମ ଏବ ଜୟତେ" । ଶ୍ରମର



ଭୁବନେଶ୍ୱର ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟମନ୍ତ୍ରୀ

ଜୟଗାନ ସେ କରିଛନ୍ତି । ପ୍ରାଚୀନ କାଳରେ ଆମ ଦେଶର ମୁନିଋଷିମାନେ ସମସ୍ତେ ଶ୍ରମ ଉପରେ ଗୁରୁତ୍ୱ ଦେଉଛନ୍ତି । ଗୁରୁକୁଳରେ ଅଧ୍ୟୟନ କରୁଥିବା ଛାତ୍ର-ଛାତ୍ରୀମାନଙ୍କୁ ବହୁ ପରିଶ୍ରମ କରିବାକୁ ପଡୁଥିଲା । କାଠ ଆଣିବାଠାରୁ ଗାଈ ଚରିବା ପର୍ଯ୍ୟନ୍ତ । ଆମର ପୁରାଣରୁ ଓ ଆମର ପୁରାଣ କାହାଣୀରୁ ଆମେ ଜାଣିଛେ, ସେତେବେଳେ ଆଶ୍ରମରେ ଯେଉଁ ଶିଷ୍ୟମାନେ ବିଦ୍ୟାଧ୍ୟୟନ କରୁଥିଲେ, ସେ କୃଷକର ପୁତ୍ର ହୁଅନ୍ତୁ ବା ରାଜ୍ୟର ସନ୍ତାନ ହୁଅନ୍ତୁ ତାଙ୍କୁ କଠୋର ପରିଶ୍ରମ ଭିତରେ ପରୀକ୍ଷା ଦେବାକୁ ପଡୁଥିଲା । ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଗୁରୁ ସେମାନଙ୍କୁ ବର୍ତ୍ତମାନ କାଳ ପରି ଉପାଧି ଦେଉ-ନ ଥିଲେ । "ଉପାଧି ବ୍ୟାଧିରେବଚ" । ସେ ତାଙ୍କୁ ଆଶୀର୍ବାଦ ପ୍ରଦାନ କରୁଥିଲେ । ତେଣୁ ଶ୍ରମ ଥିଲା ଭାରତୀୟ ଶିକ୍ଷାର ମହତ୍ତ୍ୱ । ଯାଜ୍ଞବଳକ୍ୟ କହିଥିଲେ : ପକ୍ଷୀର ଦୁଇଟି ପକ୍ଷ ପରି ଶ୍ରମ ଓ ଜ୍ଞାନ ହେଉଛି ମନୁଷ୍ୟର ଦୁଇଟି ପ୍ରଧାନ ଅବଲମ୍ବନୀୟ ବିଷୟ ।

ପକ୍ଷୀର ଦୁଇଟି ଡ଼େଣା ନ ରହିଲେ ସେ କେବେହେଲେ ଉଡ଼ି ପାରିବ ନାହିଁ । ଏଥିରୁ ଗୋଟିଏ ଡ଼େଣା କାଟି ଦିଆଗଲେ ପକ୍ଷୀଟି କେବଳ ତଳକୁ ପଡ଼ିଯିବ । ସେପରି ମନୁଷ୍ୟ ବ୍ୟକ୍ତିତ୍ୱର ଯୋଡ଼ିଏ ଡ଼େଣା । ଗୋଟିଏ ହେଉଛି ଜ୍ଞାନ, ଅନ୍ୟଟି ଶ୍ରମ । କେବଳ ଜ୍ଞାନର ଡ଼େଣାରେ କେହି କେବେ ଉପରକୁ ଉଠି ନ ପାରେ । ଯେଉଁମାନେ କେବଳ ଜ୍ଞାନ ଲାଭ କରୁଛନ୍ତି ସେମାନେ ନିଜର ଜୀବନ ବା ସମାଜ ଜୀବନରେ ବିଶେଷ କିଛି ଅଭ୍ୟୁଦୟ ଆଣିପାରୁ ନାହାନ୍ତି । ଯେଉଁମାନେ ଖାଲି ଶ୍ରମ କରୁଛନ୍ତି, ଜ୍ଞାନ ଅଭାବରେ ସେମାନଙ୍କର ବିକାଶ ହୋଇ ପାରୁ ନାହିଁ । ତେଣୁ ଜ୍ଞାନ ଓ ଶ୍ରମର ସମନ୍ୱୟ ହେଉଛି, ଏ ଦେଶର ଆଦର୍ଶ ।

ଦ୍ୱିତୀୟ ପ୍ରଶ୍ନ ହେଉଛି, ବିଦ୍ୟାର ପ୍ରଧାନ ଲକ୍ଷ୍ୟ କ'ଣ ? ଏହା ବିନୟ ।

ସେଥିପାଇଁ କୁହାଯାଇଛି—

ବିଦ୍ୟା ଦଦାତି ବିନୟଂ ବିନୟାଦ୍ୟାତି ପାତ୍ରତାମ୍ ।
ପାତ୍ରତ୍ୱାଦ୍ଧନମାପ୍ନୋତି ଧନାଦ୍ଧର୍ମଂ ତତୋ ସୁଖମ୍ ।

ଅର୍ଥାତ୍ ବିଦ୍ୟାର ପଥମ ଓ ପ୍ରଧାନ ଲକ୍ଷ୍ୟ ହେଉଛି, ବିନୟ । ବୌଦ୍ଧଧର୍ମ ଶାସ୍ତ୍ରରେ ବିନୟର ଦୁଇଟି ଅର୍ଥ । ଗୋଟିଏ ହେଉଛି ବିନୟ ବା ନମ୍ରତା । ଅନ୍ୟଟି ହେଉଛି ଶୃଂଖଳା । ଯାହାକୁ ଇଂରେଜୀରେ discipline କୁହାଯାଏ । ସେଥିପାଇଁ ବୌଦ୍ଧମାନଙ୍କର ଏକ ପ୍ରଧାନ ଶାସ୍ତ୍ରର ନାମ 'ବିନୟ ପିଟକ' । ଯେ ଭିକ୍ଷୁ, ସନ୍ନ୍ୟାସୀ ବା ଶିଷ୍ୟ ହେବ, ତାର ଦୁଇଟି ଗୁଣ ଥିବା ଆବଶ୍ୟକ । ସଂଯତ, ଶୃଂଖଳିତ ଜୀବନ ଓ ଅତ୍ୟନ୍ତ ବିନୟ, ଏ ଗୁଣ ନ ଥିଲେ ଜୀବନରେ ସାର୍ଥକତା ଆସିବ ନାହିଁ । ବିଦ୍ୟାରେ ବିନୟ ନ ମିଶିଲେ ଶିକ୍ଷା ଲାଭର ମୂଲ୍ୟ ନାହିଁ । ବିଦ୍ୟା ଲାଭ କରି ମନରେ ଯେବେ ଗର୍ବ ହେଲା, ଔଦ୍ଧତ୍ୟ ପ୍ରକାଶ ପାଇଲା ଏବଂ ଅଳ୍ପ ଜ୍ଞାନରେ ଅନ୍ୟମାନଙ୍କୁ ହେୟଜ୍ଞାନ କରାଗଲା, ତେବେ ସେ ବିଦ୍ୟାର କୌଣସି ମୂଲ୍ୟ ନାହିଁ । ତାହା ଅର୍ଥହୀନ ବିଦ୍ୟା । ଯେ ଯେତେ ପାଠ ପଢ଼ିଲେ ମଧ୍ୟ ଏପରି କେହି ବ୍ୟକ୍ତି ନାହିଁ ଯେ ସଂସାରର ସମସ୍ତ ଜ୍ଞାନକୁ ନିଜେ ଜାଣି ପାରିବ । ବୁଦ୍ଧ ଥରେ ତାଙ୍କର ଶିଷ୍ୟମାନଙ୍କୁ କହିଥିଲେ—ଗୋଟିଏ ଝଙ୍କାଳିଆ ଗଛରେ କେତେ ପତ୍ର ଅଛି କେହି କହି ପାରିବେ ନାହିଁ । ସେହିପରି ସଂସାରରେ ଜ୍ଞାନ ଅସୀମ ଓ ଅନନ୍ତ । କେହି ଯଦି କହେ ସେ ସବୁ କିଛି ଜାଣିଛି, ତା'ହେଲେ ତା'ଠାରୁ ବଳି ମୂର୍ଖ ଖୁବ୍ କମ୍ ଅଛନ୍ତି । ନିଜେ ବୁଦ୍ଧ ମଧ୍ୟ ସର୍ବଜ୍ଞ ନୁହନ୍ତି ବୋଲି କହିଥିଲେ । ଯେ ବେଶୀ ଜାଣିଛି, ସେ ସବୁଠାରୁ ବେଶୀ ବିନୟୀ । ଯେତେ ଜାଣିଲେ ମଧ୍ୟ କିଛି ଜାଣିନି ନାହିଁ ବୋଲି ସେ ସଦାବେଳେ ଅନୁଭବ କରନ୍ତି । ଏ ହେଉଛି ବିଦ୍ୟାଲାଭର ପ୍ରଥମ ଲକ୍ଷଣ । ବିଦ୍ୟା ଅଧ୍ୟୟନ କରି କେବଳ ଡ଼ିଗ୍ରୀ ହାସଲ ହୋଇଯିବା ପରେ ବିଦ୍ୟାଲାଭ ଶେଷ ହୋଇଗଲା ବୋଲି ଭାବିବା ଠିକ୍ ନୁହେଁ । ତାହା ଆରମ୍ଭ ମାତ୍ର । ସମସ୍ତ ଜୀବନ ହେଉଛି, ଏକ ବିଦ୍ୟାଳୟ ଏବଂ ଶିକ୍ଷାର କେଉଁଠି ଶେଷ ନାହିଁ । ଆମକୁ ସବୁ ସମୟରେ କିଛି ନା କିଛି ଶିକ୍ଷା କରିବାକୁ ପଡୁଛି । ଜୀବନରୁ ଆମେ ଶିକ୍ଷା ଲାଭ କରୁଛୁ । ଆମର ଚତୁର୍ଦ୍ଦିଗର ପରିବେଷ୍ଟନୀରୁ ଶିକ୍ଷା ଲାଭ କରୁଛୁ । ପ୍ରକୃତିରୁ ଶିକ୍ଷାଲାଭ କରୁଛୁ । ଶିକ୍ଷାର ଶେଷ ନାହିଁ, ଅନ୍ତ ନାହିଁ । ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ଆମେ ଶିକ୍ଷା ଲାଭ କରିବାକୁ ପାଉଛୁ । ତେଣୁ ପ୍ରତି ମୁହୂର୍ତ୍ତରେ ଆମେ ଜଣେ ଜଣେ ଛାତ୍ର । ଏହାହିଁ ବିନୟର ଅନ୍ୟତମ ପରିଭାଷା ।

ସମାଜରେ ବୟୋବୃଦ୍ଧମାନଙ୍କୁ ସମ୍ମାନ ଦେବା ଏକ ସାମାଜିକ ଶୃଙ୍ଖଳା । ବୟୋବୃଦ୍ଧମାନଙ୍କୁ ଯେ ପର୍ଯ୍ୟନ୍ତ ସମ୍ମାନ ଦିଆଯାଉଥିବ, ସେ ପର୍ଯ୍ୟନ୍ତ ସମାଜରେ ଶାନ୍ତି ଏବଂ ସ୍ଥିରତା ରହିବ । ଏ ଆଦର୍ଶ ହେଉଛି, ପ୍ରାଚୀନ ଭାରତର ଆଦର୍ଶ । ପ୍ରାଚୀନ ଭାରତର ପରଂପରାରେ ଏହା ରୂପାୟିତ ହୋଇଛି । ଯୁଗେ ଯୁଗେ ମହାପୁରୁଷମାନେ କେବଳ ତାଙ୍କର ଉପଦେଶ ଛଳରେ ନୁହେଁ, ନିଜର ଆଦର୍ଶ ଜୀବନ ଦ୍ୱାରା ସମାଜକୁ ଅନୁପ୍ରାଣିତ କରିଛନ୍ତି । ଆଜି ସମାଜରେ ବହୁ ଛାତ୍ର ଯେତେବେଳେ କିଛି ଅଧ୍ୟୟନ କରୁଛନ୍ତି, ଶିକ୍ଷା ଲାଭକରି ଡ଼ିଗ୍ରୀ ହାସଲ କରୁଛନ୍ତି ଓ ଜୀବନରେ ଉଚ୍ଚପଦ ପଦବୀରେ ଅଧିଷ୍ଠିତ ହେଉଛନ୍ତି, ସେତେବେଳେ ସେମାନେ ତାଙ୍କର ପିତାମାତା ଓ ଗୁରୁଜନମାନଙ୍କୁ ଅବଜ୍ଞା କରୁଛନ୍ତି । ଏହାଠାରୁ ବଳି ଦୁଃଖର କଥା ଆଉ କ'ଣ ଥାଇପାରେ ? ପ୍ରାଚୀନ ଭାରତର କର୍ଣ୍ଣଙ୍କ ଜୀବନ କଥା ଉଦାହରଣ ରୂପେ ଗ୍ରହଣ କରାଯାଇପାରେ । ଅର୍ଜୁନଙ୍କ ସହିତ ଅସ୍ତ୍ର ପରୀକ୍ଷାରେ ନିଜକୁ ଶ୍ରେଷ୍ଠ ପ୍ରମାଣିତ କରାଇଥିବା ସମୟ ହିଁ ତାଙ୍କ ଜୀବନର ଶ୍ରେଷ୍ଠ ମୁହୂର୍ତ୍ତ । ସେତେବେଳେ ସେ ସମସ୍ତଙ୍କ ସମକ୍ଷରେ ଘୋଡ଼ାର ସଇସ ତାଙ୍କର ପିତା ଅଧିରଥଙ୍କ ଚରଣଧୂଳିନେଇ ଆଶୀର୍ବାଦ ଭିକ୍ଷା କରିଥିଲେ । ନିଜର ବିଦ୍ୟା ଓ ସଂସାର ବଳରେ ଶ୍ରେଷ୍ଠ ବୀରରେ ପରିଣତ ହୋଇ ମଧ୍ୟ ସେ ତାଙ୍କର ପାଳକ ପିତାଙ୍କୁ ବା ଗୁରୁଜନମାନଙ୍କୁ ଅବଜ୍ଞା କରି ନ ଥିଲେ । ଏହାହିଁ ହେଉଛି ଭାରତବର୍ଷର ଆଦର୍ଶ ।

ଗୌତମବୁଦ୍ଧ ପ୍ରାଚୀନ [illegible]

ସାତୋଟି ଉପଦେଶ ଦେଇଥିଲେ । ତହିଁରୁ ଗୋଟିଏ ହେଉଛି, "ବଜ୍‌ଜୀମାନେ ବଜ୍‌ଜୀମାନଙ୍କ ବୃଦ୍ଧଲୋକଙ୍କୁ ସତ୍‌କାର କରନ୍ତି, ଗୌରବ ଦିଅନ୍ତି, ମାନ୍ୟ କରନ୍ତି, ପୂଜା କରନ୍ତି ଏବଂ ସେମାନଙ୍କ ଶ୍ରୋତବ୍ୟ କଥାକୁ ମାନନ୍ତି ।


(ବଜ୍‌ଜୀ ଯେ ତେ ବଜ୍‌ଜୀନଂ ବଜ୍‌ଜୀମହଲ୍ଲକା ତେ ସକ୍‌କରୋନ୍ତି, ଗରୁ କରୋନ୍ତି, ମାନେନ୍ତି ପୂଜେନ୍ତି ତେ ସଂଚ ସୋତବ୍ବଂ ସଞ୍ଜ୍ଞନ୍ତି ।"

(ମହାପରିନିର୍ବାଣସୂତ୍ର-ଦୀର୍ଘନିକାୟ)

ଏହି ଧର୍ମକୁ ଯେତେଦିନ ଯାଏଁ ବଜ୍‌ଜୀମାନେ ପାଳନ କରୁଥିବେ, ସେତେଦିନଯାଏ ତାଙ୍କର ବୃଦ୍ଧି ହେଉଥିବ, କୌଣସି କ୍ଷତି ହେବନାହିଁ । ଦେଶକାଳ ପାଇଁ ଭାରତୀୟ ସମାଜର ଏହା ଆଦର୍ଶ ।

ବିନୟର ଅନ୍ୟ ଅର୍ଥ ଶୃଙ୍ଖଳା । ଏହି ଶୃଙ୍ଖଳା ଯଦି ଶିକ୍ଷାୟତନରୁ ଆରମ୍ଭକରି ବିଭିନ୍ନ କର୍ମ କ୍ଷେତ୍ରରେ ପାଳିତ ନ ହୁଏ, ତା'ହେଲେ ସମାଜ ରହି ପାରିବ ନାହିଁ; ଏହାର ଗଣତାନ୍ତ୍ରିକ ଭିତ୍ତିଭୂମି ଦୋହଲିଯିବ ।✻

✻ (ଭୁବନେଶ୍ୱର ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବରେ ପ୍ରଦତ୍ତ ଭାଷଣର କିୟଦଂଶ) ।



ପୂର୍ବରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଭୁବନେଶ୍ୱର-ନନ୍ଦନ କାନନ ରାସ୍ତାରେ କୁଢାନଳା ପୋଲ ଉଦ୍‌ଘାଟନ କରୁଛନ୍ତି ।

# ପ୍ରାଚୀନ ଓଡ଼ିଶାରେ ଶିକ୍ଷାର ଆଦର୍ଶ

ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ

ମନୁଷ୍ୟକୁ ମନୁଷ୍ୟ ରୂପରେ ଗଢିବାକୁ ଶିକ୍ଷା ହେଉଛି ପ୍ରକୃଷ୍ଟ ମାଧ୍ୟମ । କିନ୍ତୁ ମନୁଷ୍ୟକୁ କେଉଁ ରୂପରେ ଗଢିବାକୁ ହେବ, ତାହା ହେଉଛି ପ୍ରକୃତ ପ୍ରଶ୍ନ । ଏଣୁ ଆମକୁ ଆଦର୍ଶ ଠିକ୍ କରିବାକୁ ହେବ । ଆଦର୍ଶକୁ ନିର୍ଦ୍ଧାରିତ ନ କରି କେବଳ ଶିକ୍ଷା ଶିକ୍ଷା କହିଲେ ବିଶେଷ କିଛି ଫଳ ହେବ ବୋଲି ମନେ ହେଉ ନାହିଁ । ଏଥିପାଇଁ ଆମର ଆଦର୍ଶ ଠିକ୍ କରିବା ହେଉଛି ପ୍ରଥମ କର୍ତ୍ତବ୍ୟ । ଏହି ଆଦର୍ଶ ପାଇଁ ନାନା ବାଗ୍‌ବିତଣ୍ଡା ଚାଲିଛି । କିଏ କହୁଛି-ଭାରତବର୍ଷକୁ ପାଶ୍ଚାତ୍ୟ ଦେଶର ଢ଼ାଞ୍ଚାରେ ଗଢିବାକୁ ହେବ ତ କିଏ କହୁଛି ଭାରତବର୍ଷର ପ୍ରାଚୀନ ଯୁଗକୁ ଫେରିଯିବାକୁ ହେବ, ଆଉକିଏ କହୁଛି ଯେ ଭାରତବର୍ଷର ପ୍ରାଚୀନ ଆଦର୍ଶକୁ ବଜାୟରଖି ଆଧୁନିକ ଢ଼ଙ୍ଗରେ ଗଢିବାକୁ ହେବ । ଏହିସବୁ ଆଲୋଚନା ପ୍ରତ୍ୟାଲୋଚନା ଭିତରେ ପ୍ରାଚୀନ ଆଦର୍ଶର ମଧ୍ୟ ଅନୁଶୀଳନ ଏବଂ ଅବଧାରଣ କରିବା ନିତାନ୍ତ ଆବଶ୍ୟକ ।

ଓଡ଼ିଶାରେ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ଥାପନା କରିବା ପରେ ଏହି ଆଦର୍ଶ ନିର୍ଦ୍ଧାରଣ କରିବାର ଆବଶ୍ୟକତା ଆହୁରି ବଢି ଯାଉଛି । ଯେଉଁମାନେ ଓଡ଼ିଶାର ସଂସ୍କୃତି ସହିତ ସାମାନ୍ୟଭାବେ ଜଡ଼ିତ, ସେମାନେ ସାହିତ୍ୟ-ଦର୍ପଣକାର ବିଶ୍ୱନାଥ କବିରାଜଙ୍କ ନାମ ଶୁଣିଥିବେ । ବିଶ୍ୱନାଥ କବିରାଜ ହେଉଛନ୍ତି ପୁରୀ ପାଖ ବୀରହରେକୃଷ୍ଣପୁର ଶାସନର ଲୋକ । ସେ ପଞ୍ଚଦଶ ଶତାବ୍ଦୀର ପ୍ରଥମଭାଗରେ ପ୍ରସିଦ୍ଧି ଲାଭକରିଥିଲେ । ତାଙ୍କ ଲିଖିତ ସାହିତ୍ୟ-ଦର୍ପଣ ସାରାଭାରତବର୍ଷରେ ପାଠ୍ୟପୁସ୍ତକରୂପରେ ପଠିତ ହୁଏ । ତାଙ୍କ ଜୀବନୀ ପର୍ଯ୍ୟାଲୋଚନା କଲେ ପ୍ରାଚୀନ ଓଡ଼ିଶାରେ ଗୃହୀତ ଶିକ୍ଷାର ଆଦର୍ଶ ସମ୍ବନ୍ଧରେ କିଛି ସୂଚନା ମିଳିବ ।

ସେ ଜଣେ ପ୍ରକାଣ୍ଡ ପଣ୍ଡିତ ଥିଲେ ଏବଂ ଅନେକ କାବ୍ୟ ନାଟକ ଲେଖି ପାରିଥିଲେ ବୋଲି ତାଙ୍କ ଲେଖାରୁ ପ୍ରମାଣ ମିଳେ । ସେ ହେଉଛନ୍ତି ଚନ୍ଦ୍ରକଳା ନାଟକ, ନରସିଂହ ବିଜୟ ଓ ପ୍ରଭାବତୀ ପରିଣୟ ନାଟକ, ରାଘବ ବିଳାସ, କୁବଳୟାଶ୍ୱଚରିତ ମହାକାବ୍ୟ ଏବଂ ପ୍ରଶସ୍ତି-ରତ୍ନାବଳୀର ଲେଖକ । ପୁନଶ୍ଚ ସାହିତ୍ୟ ଦର୍ପଣ ଓ କାବ୍ୟ ପ୍ରକାଶଦର୍ପଣ ଭଳି ସାହିତ୍ୟଶାସ୍ତ୍ରର ରଚୟିତା ।

ସେ ଚନ୍ଦ୍ରକଳା ନାଟିକାର ପ୍ରସ୍ତାବନାରେ ନିଜ ସମ୍ବନ୍ଧରେ କହିଛନ୍ତି—"ଯଦସ୍ମାକମିଦାନୀଂ ଚତୁର୍ଦ୍ଦଶଭାଷା ମହାକବି ନିଖିଳାନବଦ୍ୟବିଦ୍ୟା ମହୋଦଧିରାଜହଂସ-ମହାପାତ୍ର ଶ୍ରୀ ଚନ୍ଦ୍ରଶେଖରତନୁଜନ୍ମନଃ ଶ୍ରୀମନ୍ନାରାୟଣଚରଣାରବିନ୍ଦ ମଧୁକରୀଭୂତଚେତସଃ ନିଜଜନକସମଧିଗତ ନିଖିଳ ସାହିତ୍ୟତତ୍ତ୍ୱସ୍ୟ ନାଟ୍ୟବେଦ ଦୀକ୍ଷାଗୁରୋଃ ଗୌରବୈକ ବାନ୍ଧବସ୍ୟ ଗଜପତି ମହାରାଜ୍ୟସାନ୍ଧିବିଗ୍ରହିକ ଶ୍ରୀ ବିଶ୍ୱନାଥ କବିରାଜସ୍ୟ କୃତିମଭିନବାଂ ଚନ୍ଦ୍ରକଳାନାମ ନାଟିକା ମଭିନେତୁ ମୁଚିତୋଽୟଂ ସମୟଃ" । ଚତୁର୍ଦ୍ଦଶଭାଷାର ମହାକବି, ଅଖିଳ ଅନବଦ୍ୟ ବିଦ୍ୟାରୂପକ ମହୋଦଧିର ରାଜହଂସ ସଦୃଶ, ମହାପାତ୍ର ଶ୍ରୀ ଚନ୍ଦ୍ରଶେଖରଙ୍କ ତନୟ, ଶ୍ରୀମନ୍ନାରାୟଣଙ୍କ ପାଦପଦ୍ମରେ ଯାହାର ଚିତ୍ତ ମଧୁକର ସଦୃଶ, ଯେ ନିଜ ପିତାଙ୍କଠାରୁ ସବୁସାହିତ୍ୟ ତତ୍ତ୍ୱ ପ୍ରାପ୍ତ ହୋଇଥିଲେ, ନାଟ୍ୟବେଦର ଦୀକ୍ଷାଗୁରୁ, ଗୌରବ ହେଉଛି ଯାହାର ଏକମାତ୍ର ବନ୍ଧୁ, ଏହିପରି ଗଜପତିଙ୍କ ମହାରାଜ୍ୟର ସାନ୍ଧିବିଗ୍ରହିକ ଶ୍ରୀ ବିଶ୍ୱନାଥ କବିରାଜଙ୍କ ଅଭିନବକୃତି ଚନ୍ଦ୍ରକଳାନାମକ ନାଟିକା ଅଭିନୟ କରିବାକୁ ଏହା ହେଉଛି ଉଚିତ ସମୟ ।

ସେ ସାହିତ୍ୟଦର୍ପଣରେ ନିଜ ସମ୍ବନ୍ଧରେ ଆହୁରି କିଛି ଅଧିକ ଯୋଡ଼ି ଲେଖି କହିଛନ୍ତି—"ଶ୍ରୀମନ୍ନାରାୟଣ ଚରଣାରବିନ୍ଦମଧୁବ୍ରତ, ସାହିତ୍ୟାର୍ଣ୍ଣବ କର୍ଣ୍ଣଧାର ଧ୍ୱନି ପ୍ରସ୍ଥାନ ପରମାଚାର୍ଯ୍ୟ କବିସୂକ୍ତିରତ୍ନାକରାଷ୍ଟାଦଶଭାଷାବାର ବିଳାସିନୀଭୁଜଙ୍ଗସାନ୍ଧିବିଗ୍ରହିକ ମହାପାତ୍ର ଶ୍ରୀ ବିଶ୍ୱନାଥ କବିରାଜକୃତୌ ସାହିତ୍ୟଦର୍ପଣେ କାବ୍ୟସ୍ୱରୂପନିରୂପଣୋ ନାମ ପ୍ରଥମ ପରିଚ୍ଛେଦଃ" । ଶ୍ରୀମନ୍ନାରାୟଣଙ୍କ ଚରଣରୂପକ ପଦ୍ମର ମଧୁକର ସଦୃଶ, ସାହିତ୍ୟ ସମୁଦ୍ରପାର କରିବାର କର୍ଣ୍ଣଧାର, ଧ୍ୱନିବାଦ ସ୍ଥାପନ କରିବା ଆଚାର୍ଯ୍ୟମାନଙ୍କ ଭିତରେ ପରମ ଆଚାର୍ଯ୍ୟ, କବିସୂକ୍ତି ର ରତ୍ନାକର ବା ଉକ୍ତି ସୂକ୍ତି ରୂପକ ରତ୍ନର ଆକର ସଦୃଶ, ଅଷ୍ଟାଦଶଭାଷା ରୂପକ ବାରବିଳାସିନୀର ଭୁଜଙ୍ଗ ବା ଲମ୍ପଟ ସଦୃଶ, ସାନ୍ଧିବିଗ୍ରହିକ ମହାପାତ୍ର ଶ୍ରୀବିଶ୍ୱନାଥ କବିରାଜଙ୍କ କୃତି ସାହିତ୍ୟଦର୍ପଣରେ କାବ୍ୟସ୍ୱରୂପ ନିରୂପଣ ନାମକ ପ୍ରଥମ ପରିଚ୍ଛେଦ ସମାପ୍ତ ହେଲା ।

କାବ୍ୟ ପ୍ରକାଶଦର୍ପଣର ଅନ୍ତିମ ପୁଷ୍ପିକାରେ ସେ ନିଜ ସମ୍ବନ୍ଧରେ ଆହୁରି କେତୋଟି କଥା ଅଧିକ ଉଲ୍ଲେଖ କରିଛନ୍ତି । ସେଠାରେ ସେ କହିଛନ୍ତି—ଇତି ଶ୍ରୀମନ୍ନାରାୟଣ ଚରଣାରବିନ୍ଦ ମଧୁ କରାଳଂକାରିକ ଚକ୍ରବର୍ତ୍ତୀ ଧ୍ୱନି ପ୍ରସ୍ଥାନ ପରମାଚାର୍ଯ୍ୟାଷ୍ଟାଦଶଭାଷାନିବାସିନୀଭୁଜଙ୍ଗ

ସଂଗୀତବିଦ୍ୟାଧର କଳାବିଦ୍ୟାମାଳତୀମଘକର ବିବିଧ ବିଦ୍ୟାର୍ଣ୍ଣବକର୍ଣ୍ଣଧାର ସାନ୍ଧିବିଗ୍ରହିକ ମହାପାତ୍ର ଶ୍ରୀବିଶ୍ୱନାଥ କବିରାଜକୃତୌ କାବ୍ୟପ୍ରକାଶଦର୍ପଣେ ଅର୍ଥାଳଂକାର ନିର୍ଣ୍ଣୟୋ ନାମ ଦଶମୋଲ୍ଲାସଃ" । ଅର୍ଥାତ୍ ଶ୍ରୀମନ୍ନାରାୟଣ ବା ଜଗନ୍ନାଥଙ୍କ ଚରଣ ରୂପକ ଅରବିନ୍ଦ ବା ପଦ୍ମର ମଧୁକରସଦୃଶ, ଆଳଂକାରିକ ବା ଅଳଂକାର ଶାସ୍ତ୍ରବେତ୍ତାମାନଙ୍କ ଭିତରେ ଚକ୍ରବର୍ତ୍ତି ସଦୃଶ, ଧ୍ୱନିପ୍ରସ୍ଥାନ ବା ଧ୍ୱନିବାଦସ୍ଥାପନ କରିବାରେ ଜଣେ ବିଶିଷ୍ଟ ଆଚାର୍ଯ୍ୟ, ଅଷ୍ଟାଦଶଭାଷାରୂପକ ନିବାସିନୀ (?) ବା ବାରବିଳାସିନୀର ଭୁଜଙ୍ଗ ବା ଲଂପଟ ସଦୃଶ, ସଂଗୀତଶାସ୍ତ୍ରରେ ବିଦ୍ୟାଧର ସଦୃଶ, ବିବିଧବିଦ୍ୟାରୂପକ ସମୁଦ୍ରପାର୍ କରିବାକୁ କର୍ଣ୍ଣଧାର, ସାନ୍ଧିବିଗ୍ରହିକ ମହାପାତ୍ର ଶ୍ରୀବିଶ୍ୱନାଥ କବିରାଜଙ୍କ କୃତି କାବ୍ୟପ୍ରକାଶଦର୍ପଣରେ ଅର୍ଥାଳଂକାର ନିର୍ଣ୍ଣୟ ନାମକ ଦଶମଉଲ୍ଲାସ ସମାପ୍ତ ହେଲା ।

ବିଶ୍ୱନାଥକବିରାଜଙ୍କ ସମନ୍ଧରେ ପ୍ରଦତ୍ତ ପୂର୍ବୋକ୍ତ କେତୋଟି ବିଶେଷଣକୁ ବିଶ୍ଳେଷଣ କଲେ ସେହି ସମୟରେ ପ୍ରଚଳିତ ବା ସ୍ୱୀକୃତ ଶିକ୍ଷାପଦ୍ଧତି ସମ୍ବନ୍ଧରେ ଗୋଟିଏ ଧାରଣା ମିଳି ପାରିବ । ସେତେବେଳେ ସଂସ୍କୃତ ହିଁ ଉଚ୍ଚଶିକ୍ଷାର ମାଧ୍ୟମ ରୂପରେ ସ୍ୱୀକୃତ ହୋଇଥିଲା । ଆହୁରିମଧ୍ୟ—ଆମେ ଯଦି ଚନ୍ଦ୍ରକଳା ନାଟିକା, ସାହିତ୍ୟ ଦର୍ପଣ ଓ କାବ୍ୟ ପ୍ରକାଶଦର୍ପଣର ପୁଷ୍ପିକା ଗୁଡିକୁ ତୁଳନାକରି ଦେଖିବା, ତେବେ ଦେଖିପାରିବା ଯେ ସବୁଠାରୁ ଅଧିକ ସଂଖ୍ୟକ ବିଶେଷଣ କାବ୍ୟପ୍ରକାଶଦର୍ପଣରେ ଦେଖିବାକୁ ମିଳୁଛି । କାବ୍ୟପ୍ରକାଶ ଦର୍ପଣର ବିଶେଷଣଗୁଡ଼ିକ ହେଲା—ଶ୍ରୀମନ୍ନାରାୟଣଚରଣାରବିନ୍ଦମଧୁକର, ଆଳଂକାରିକଚକ୍ରବର୍ତ୍ତୀ, ଧ୍ୱନିପ୍ରସ୍ଥାନ ପରମାଚାର୍ଯ୍ୟ, ଅଷ୍ଟାଦଶଭାଷା ନିବାସିନୀ (ବାରବିଳାସିନୀ) ଭୁଜଙ୍ଗ, ସଂଗୀତ ବିଦ୍ୟାଧର, କଳାବିଦ୍ୟାମାଳତୀମଘକର, ବିବିଧ-ବିଦ୍ୟାର୍ଣ୍ଣବକର୍ଣ୍ଣଧାର, ସାନ୍ଧିବିଗ୍ରହିକ ମହାପାତ୍ର କବିରାଜ ।

ସାହିତ୍ୟଦର୍ପଣରେ—ଶ୍ରୀମନ୍ନାରାୟଣଚରଣା ର ବି ନ୍ଦ ମଧୁକର ସ୍ଥାନରେ 'ମଧୁବ୍ରତ' ବୋଲି ଗୋଟିଏ ପାଠାନ୍ତର ଅଛି । "ବିବିଧ ବିଦ୍ୟାର୍ଣ୍ଣବକର୍ଣ୍ଣଧାର" ସ୍ଥାନରେ ସାହିତ୍ୟାର୍ଣ୍ଣବ ବା ସାହିତ୍ୟବିଦ୍ୟାର୍ଣ୍ଣବ କର୍ଣ୍ଣଧାର ବୋଲି ପାଠ ମିଳୁଛି ଏବଂ 'କବିସୂକ୍ତି ରତ୍ନାକର' ବୋଲି ଅଧିକ ଗୋଟିଏ ବିଶେଷଣ ଦେଖିବାକୁ ମିଳୁଛି ।

ଚନ୍ଦ୍ରକଳା ନାଟିକାରେ 'ମଧୁକର' ବା 'ମଧୁବ୍ରତ' ସ୍ଥାନରେମଧୁକରୀଭୂତ ଚେତସଃ(ଶ୍ରୀମନ୍ନାରାୟଣଚରଣାରବିନ୍ଦରେ ମଧୁକର ହୋଇଛି ଚିତ୍ତ ଯାହାର) ଅଛି, କିନ୍ତୁ ଅର୍ଥରେ ବିଶେଷ କିଛି ପ୍ରଭେଦ ନାହିଁ । ଅଷ୍ଟାଦଶଭାଷାବାରବିଳାସିନୀ ଭୁଜଙ୍ଗସ୍ଥାନରେ "ଚତୁର୍ଦ୍ଦଶ ଭାଷା-ମହାକବି' ଆସୁଛି, 'ବିବିଧବିଦ୍ୟାର୍ଣ୍ଣବ କର୍ଣ୍ଣଧାର' ବା 'ସାହିତ୍ୟବିଦ୍ୟାର୍ଣ୍ଣବ କର୍ଣ୍ଣଧାର' ସ୍ଥାନରେ ନିଖିଳାନବଦ୍ୟ-ବିଦ୍ୟାମହୋଦଧିରାଜହଂସ" ଆସୁଛି । ଆହୁରିମଧ୍ୟ ଏଠାରେ "ନାଟ୍ୟ ବେଦଦୀକ୍ଷାଗୁରୋଃ" 'ଗୌଡବୈଦ୍ୟ ବାନ୍ଧବସ୍ୟ' ଓ 'ଗଜପତି ମହାରାଜ୍ୟସନ୍ଧିବିଗ୍ରହିକ— ଏପରି ତିନୋଟି ବିଶେଷଣ ଅଧିକ ଆସୁଛି ।

ଏହିସବୁ ବିଶେଷଣଗୁଡ଼ିକରୁ ବିଶ୍ୱନାଥ କବିରାଜଙ୍କ ବିଦ୍ୟାଧ୍ୟୟନ ଓ ଜୀବନୀ ଉପରେ ଅନେକ ଆଲୋକପାତ ହେଉଛି ଓ ତତ୍ସହିତ ପ୍ରାଚୀନ ଓଡ଼ିଶାର ଶିକ୍ଷାର ଆଭିମୁଖ୍ୟ ମଧ୍ୟ ସୂଚିତ ହେଉଅଛି ।

ପ୍ରଥମ ବିଶେଷଣରୁ ଜଣାପଡୁଛି ଯେ—ସେ ଶ୍ରୀନାରାୟଣ, ବିଷ୍ଣୁ ବା ଜଗନ୍ନାଥଙ୍କ ଭକ୍ତଥିଲେ । ସେ ଧାର୍ମିକ ଭାବାପନ୍ନ ଥିଲେ । ଧର୍ମପ୍ରତି ଆକୃଷ୍ଟ କରିବାଥିଲା ପ୍ରାଚୀନଶିକ୍ଷାର ଆଭିମୁଖ୍ୟ । ଏହାଦ୍ୱାରା ମନୁଷ୍ୟର ନୈତିକ ଓ ଚାରିତ୍ରିକ ବଳ ବୃଦ୍ଧି ପାଏ ।

ତାପରେ ଆସୁଛି—ଦୁଇଟି ବିଶେଷଣ, ଆଳଂକାରିକ ଚକ୍ରବର୍ତ୍ତୀ ଓ ଧ୍ୱନିପ୍ରସ୍ଥାନ ପରମାଚାର୍ଯ୍ୟ । ଏଥିରୁ ସୂଚିତ ହେଉଛି ଯେ ଅଳଂକାର ଶାସ୍ତ୍ରରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା ଏବଂ ଧ୍ୱନିବାଦର ବିକାଶରେ ତାଙ୍କର ବିଶେଷ ଅବଦାନ ଥିଲା; ଅର୍ଥାତ୍ ଗୋଟିଏ ଶାସ୍ତ୍ରରେ ଗଭୀର ପାଣ୍ଡିତ୍ୟ ଅର୍ଜନ କରିବା ଥିଲା ଶିକ୍ଷାର ଆଦର୍ଶ । ଏଣୁ ତାଙ୍କୁ ସାହିତ୍ୟାର୍ଣ୍ଣବ ବା ସାହିତ୍ୟବିଦ୍ୟାର୍ଣ୍ଣବକର୍ଣ୍ଣଧାର କୁହାହୋଇଅଛି । ତାହା ତାଙ୍କ କାବ୍ୟପ୍ରକାଶଦର୍ପଣ ଓ ସାହିତ୍ୟଦର୍ପଣରେ ପ୍ରକଟିତ ହୋଇଅଛି ।

ଏହାବାହାରେ ସେ ଥିଲେ ସଂଗୀତ ବିଦ୍ୟାଧର "କଳାବିଦ୍ୟାମାଳତୀମଧୁକର", 'ବିବିଧ ବିଦ୍ୟାର୍ଣ୍ଣବ କର୍ଣ୍ଣଧାର' ବା ନିଖିଳଅନବଦ୍ୟବିଦ୍ୟାମହୋଦଧିରାଜହଂସ' ଏବଂ 'ନାଟ୍ୟବେଦଦୀକ୍ଷାଗୁରୁ' । ସାହିତ୍ୟ ଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ ଛଡ଼ା ସେ ସଂଗୀତ, ନାନାବିଧକଳା ଓ ବିବିଧ ବିଦ୍ୟାରେ ମଧ୍ୟ ପାରଂଗତ ଥିଲେ । ଏଥିରୁ ଜଣାପଡୁଛି-ସଂଗୀତ, ନାଟ୍ୟ, ନାନାବିଧ କଳା ଏବଂ ଗୁଣସଂପନ୍ନ ଅନବଦ୍ୟ ବିଦ୍ୟାସମୁଦ୍ରରେ ମଧ୍ୟ ନିପୁଣ ଥିଲେ । ଏହାଦ୍ୱାରା ଅଧ୍ୟୟନ ଓ ଅଭ୍ୟାସର ବ୍ୟାପକତା ପ୍ରକାଶିତ ହୋଇଛି । କେବଳ ଗୋଟିଏ ଶାସ୍ତ୍ରରେ ନୁହେଁ ବିବିଧ-ବିଦ୍ୟାରେ ତାଙ୍କର ପ୍ରବେଶ ଥିଲା । ଗୋଟିଏ ଶାସ୍ତ୍ରରେ ଗଭୀର ଅବଗାହନ କରିଥିଲେ ଏବଂ ଅନ୍ୟାନ୍ୟ ବିଦ୍ୟାରେ ପ୍ରସାରିତ ପ୍ରବେଶ ଥିଲା । ଶିକ୍ଷାର ଆଦର୍ଶ ହେଉଛି—ଅଧ୍ୟୟନରେ ଗଭୀରତା ଓ ବ୍ୟାପକତା ।

ଏହିସବୁଗୁଣ ପ୍ରତିଫଳିତ ହୋଇଅଛି ତାଙ୍କ କାବ୍ୟ ଓ ନାଟକମାନଙ୍କରେ । ରାଘବବିଳାସ ମହାକାବ୍ୟ କଂସବଧ କାବ୍ୟ, ନରସିଂହ ବିଜୟ, ଖଣ୍ଡକାବ୍ୟ, ଚନ୍ଦ୍ରକଳା ନାଟିକା, ପ୍ରଭାବତୀ ପରିଣୟ ନାଟକ, କବିସୂକ୍ତି-ରତ୍ନାକର ସଂଗ୍ରହଗ୍ରନ୍ଥ ଇତ୍ୟାଦି କୃତିମାନଙ୍କରେ ।

କେବଳ ସାହିତ୍ୟଶାସ୍ତ୍ର ବା ବିବିଧକଳା ଓ ବିଦ୍ୟା-ନୁହେଁ ସେ ନାନାଭାଷାରେ ମଧ୍ୟ ପଣ୍ଡିତ ଥିଲେ । ଚନ୍ଦ୍ରକଳା ନାଟିକାରେ ସେ ନିଜକୁ 'ଚତୁର୍ଦ୍ଦଶଭାଷା ମହାକବି' ବୋଲି କହିଛନ୍ତି ଏବଂ ସାହିତ୍ୟଦର୍ପଣ ଓ କାବ୍ୟପ୍ରକାଶ-ଦର୍ପଣରେ ଅଷ୍ଟାଦଶଭାଷାବିଳାସିନୀ ଭୁଜଙ୍ଗ ବୋଲି କହିଛନ୍ତି ।

ଏଠାରେ ଗୋଟିଏ କଥା ଲକ୍ଷ୍ୟ କରିବାର କଥା ଯେ ଚନ୍ଦ୍ରକଳା ନାଟିକା ଲେଖିଲାବେଳକୁ ସେ ଚଉଦଟି ଭାଷା ଜାଣିଥିଲେ ଏବଂ ପରବର୍ତ୍ତୀ ଗ୍ରନ୍ଥ ଲେଖିଲାବେଳକୁ ଅଠରଟି ଭାଷା ଜାଣିଥିଲେ । ଅର୍ଥାତ୍ ବିଭିନ୍ନଭାଷା ଶିଖିବାକୁ ତାଙ୍କର ଅଦମ୍ୟ ବାସନା ଥିଲା । ଚନ୍ଦ୍ରକଳା ଭଳି ନାଟିକା ଲେଖିସାରିଲାପରେ ମଧ୍ୟ ଭାଷାଜ୍ଞାନର ପିପାସା ମରିନି ନଥିଲା । ଏହିସବୁ ଭାଷାର ଜ୍ଞାନ ସ୍ଥାନ ପାଇଛି— କୁବଳୟାଶ୍ବଚରିତ ନାମକ ପ୍ରାକୃତ ମହାକାବ୍ୟରେ, ଷୋଡ଼ଶଭାଷାମୟୀ ପ୍ରଶସ୍ତିରତ୍ନାବଳୀରେ ଏବଂ ବିଭିନ୍ନ ନାଟକରେ ।

ଏହିସବୁ ବିଦ୍ୟା ହାସଲ କରିଥିବାରୁ ସେ ହୋଇପାରିଲେ 'କବିରାଜ' ଏବଂ ସାନ୍ଧିବିଗ୍ରହିକ ମହାପାତ୍ର । ସେ ଥିଲେ ଗଜପତି ମହାରାଜ୍ୟର ସାନ୍ଧିବିଗ୍ରହିକ । ବିଦ୍ୟାରେ ଗଭୀରତା ଓ ଶିକ୍ଷାରେ ବ୍ୟାପକତା ନଥିଲେ କେହି ଉପଯୁକ୍ତ ମହାପାତ୍ର ବା ଶାସକ ହୋଇ ପାରିବ ନାହିଁ । ଉପଯୁକ୍ତ ଶାସକ ହେବାକୁ ହେଲେ ଏହି ଦୁଇ ଗୁଣ ଏକାନ୍ତ ପ୍ରୟୋଜନୀୟ ।

ବିଶ୍ବନାଥ କବିରାଜ ଏହିସବୁ ଶାସ୍ତ୍ର, ନାନାବିଧ ବିଦ୍ୟା, ବିବିଧକଳା ବହୁବିଧ ଭାଷାରେ ପ୍ରବୀଣ ହେବାପରେ ଶାସକ ମଧ୍ୟ ହୋଇଥିଲେ ଏବଂ ସଙ୍ଗେ ସଙ୍ଗେ ନିଜକୁ 'ଗୌରବୈକବନ୍ଧୁ' କହିଛନ୍ତି । ତାଙ୍କର ଆତ୍ମସମ୍ମାନବୋଧ ଅତ୍ୟନ୍ତ ପ୍ରବଳ ଥିଲା ପରି ଜଣାପଡୁଛି । ନ ହେଲେ ଗୌରବର କଥା ଉଲ୍ଲେଖ କରିବାର କୌଣସି ପ୍ରୟୋଜନ ନଥିଲା । ସେ ନିଜର ତଥା ଦେଶର ସମ୍ମାନ ତଳକୁ ପକାଇ ଦେଇ ପାରୁ ନ ଥିଲେ । ଏଣୁ ଗଜପତି ରାଜା ନିଜ ମହାରାଜ୍ୟରେ ତାଙ୍କୁ ସାନ୍ଧିବିଗ୍ରହିକ ମହାପାତ୍ର କରି ରଖିଥିଲେ । ସେ ଦେଶର ସନ୍ଧି ଓ ବିଗ୍ରହ ବା ଯୁଦ୍ଧ ଉଭୟ ବିଷୟରେ ପରାମର୍ଶ ଦେଉଥିଲେ ଏବଂ ରାଜାଙ୍କର ବିଶ୍ବାସପାତ୍ର 'ମହାପାତ୍ର' ଥିଲେ ।

ଏଠାରେ ଆଉ ଗୋଟିଏ କଥା ଦେଖିବାକୁ ମିଳୁଛି ଯେ ସେତେବେଳେ ଘରଥିଲା ଶିକ୍ଷାର କ୍ଷେତ୍ର । ଘରୁ ହିଁ ଶିକ୍ଷା ଆରମ୍ଭ ହେଉଥିଲା ଏବଂ ଘରେ ହିଁ ପୂର୍ଣ୍ଣତା ଲାଭ କରୁଥିଲା । ଏଣୁ ସେ କହିଛନ୍ତି—"ନିଜ ଜନକ ସମଧିଗତ ନିଖିଳ ସାହିତ୍ୟ ତତ୍ତ୍ୱସ୍ୟ" ଅର୍ଥାତ୍ ନିଜ ପିତାଙ୍କ ଠାରୁ ନିଖିଳ ସାହିତ୍ୟ ତତ୍ତ୍ୱ ପ୍ରାପ୍ତ ହୋଇଥିଲେ । ପିତା ହିଁ ଥିଲେ ତାଙ୍କ ବିଦ୍ୟାଗୁରୁ, ବଂଶପରଂପରାକ୍ରମେ ତାଙ୍କ ଘରେ ବିଦ୍ୟା ଗଡ଼ି ଆସୁଥିଲା । ବିଦ୍ୟାର ପରଂପରା ଥିଲା ତାଙ୍କ ବଂଶର ଗୌରବ ।

ଏହା ହେଉଛି ପ୍ରାଚୀନ ଓଡ଼ିଶାରେ ଶିକ୍ଷାର ଆଦର୍ଶ । ମହାପାତ୍ର ବିଶ୍ବନାଥ କବିରାଜ ହେଉଛନ୍ତି ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ବବିଦ୍ୟାଳୟର ଆଦର୍ଶ ।

## ଆଦିବାସୀ ପଡ଼ିଆରେ ପ୍ରଦର୍ଶନୀ ଓ ସାଂସ୍କୃତିକ ସମାରୋହ

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଜାନୁଆରୀ ୨୬ ସଂଧ୍ୟାରେ ଓଡ଼ିଶା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏକ ପ୍ରଦର୍ଶନୀ ଏଠାରେ ଅବସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଉଦ୍‌ଘାଟନ କରିଛନ୍ତି । ପ୍ରଦର୍ଶନୀଟି ଉଦ୍‌ଘାଟନ କରିବା ପରେ ପରେ ମୁଖ୍ୟମନ୍ତ୍ରୀ ଓ ଶ୍ରୀମତୀ ପଟ୍ଟନାୟକ ବିଭିନ୍ନ ପ୍ରଦର୍ଶନୀ ମଣ୍ଡପ ପରିଦର୍ଶନ କରିଥିଲେ ଏବଂ ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିଥିଲେ ।

ଶତାଧିକ ପ୍ରଦର୍ଶନୀ ମଣ୍ଡପ ଓ ଷ୍ଟଲ୍ ସମ୍ବଳିତ ଏହି ପ୍ରଦର୍ଶନୀ ଦେଖିବା ପାଇଁ ଉଦ୍‌ଘାଟନ ଦିବସରେ ବହୁସଂଖ୍ୟକ ଲୋକ ରୁଣ୍ଡ ହୋଇଥିଲେ ।

# କାଙ୍କୁନ ସମ୍ମିଳନୀର ତାତ୍ପର୍ଯ୍ୟ ଓ ଦିଲ୍ଲୀ ସମ୍ମିଳନୀର ଲକ୍ଷ୍ୟ

ଶ୍ରୀ ରାମଚନ୍ଦ୍ର ମିଶ୍ର

୧୯୮୧ ଅକଟୋବର ୨୨ ଓ ୨୩ ତାରିଖ ଦୁଇଦିନ ଧରି ଉତ୍ତର ଆମେରିକା ମହାଦେଶର ମେକ୍ସିକୋ ରାଜ୍ୟର କାଙ୍କୁନ୍ ଦ୍ୱୀପ ସହରରେ ପୃଥିବୀର ବାଇଶି ଗୋଟି ରାଷ୍ଟ୍ରର ମୁଖ୍ୟମାନଙ୍କର ଯେଉଁ ସମ୍ମିଳନୀ ହୋଇଥିଲା ଆନ୍ତର୍ଜାତିକ ଅର୍ଥନୈତିକ କ୍ଷେତ୍ରରେ ତା'ର ପ୍ରଭାବ ସଦ୍ୟପ୍ରସୂ ନ ହେଲେ ମଧ୍ୟ ନିଶ୍ଚୟ ସୁଦୂରପ୍ରସାରୀ ହେବ ।

କାଙ୍କୁନ୍ ଏକ ମନୋରମ ଦ୍ୱୀପ ଏବଂ ସେଠାରେ ରାଷ୍ଟ୍ରମୁଖ୍ୟମାନଙ୍କ ମଧ୍ୟରେ ଉତ୍ତେଜନାମୂଳକ ଭାବବିନିମୟର ଏକ ଶାନ୍ତ ବାତାବରଣ ତଥା ସୁନ୍ଦର ପୃଷ୍ଠଭୂମି ସୃଷ୍ଟି କରିବା ନିମନ୍ତେ ଏହି ବୀଚି ବିକ୍ଷୁବ୍ଧ ଦ୍ୱୀପ ସହର ଉପଯୁକ୍ତ ବୋଲି ବିବେଚିତ ହୋଇଥିଲା । ଏହି ବାଇଶି ଗୋଟି ରାଷ୍ଟ୍ର ଅର୍ଥନୈତିକ ପୃଥିବୀର ଧନୀ ଓ ନିର୍ଦ୍ଧନ ଦୁଇ ଗୋଲାର୍ଦ୍ଧକୁ ପ୍ରତିନିଧିତ୍ୱ କରିଥିଲେ । ଉତ୍ତର ଅର୍ଥାତ୍ ଅତି ଉନ୍ନତ ଓ ଉନ୍ନତ ଏବଂ ଦକ୍ଷିଣ ଅର୍ଥାତ ଉନ୍ନୟନଶୀଳ ଓ ଅନୁନ୍ନତ ରାଷ୍ଟ୍ରମାନଙ୍କର ଏହି ଭୌଗୋଳିକ ବିଭକ୍ତିକରଣ ଅର୍ଥନୀତି ପରିଭାଷାରେ ନୂତନ ।

ତିରିଶି ବର୍ଷ ପୂର୍ବେ ସାମ୍ରାଜ୍ୟ ବାଦୀ ଓ ଔପନିବେଶିକ ଶକ୍ତି ହିସାବରେ ବ୍ରିଟେନ, ଫ୍ରାନସ୍, ଜର୍ମାନୀ, ଇଟାଲୀ, ସ୍ପେନ୍ ଓ ପର୍ତ୍ତୁଗାଲ ପରିଚିତ ହେଉଥିଲେ । କିନ୍ତୁ ରାଜନୈତିକ ଉପନିବେଶବାଦ ଆଜି ପୁରାତନ ଓ ଇତିହାସର ବିଷୟ ବସ୍ତୁ । ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଯେଉଁ ଗଣଚେତନା ଓ ସ୍ୱାଧୀନତା ପିପାସା ସମଗ୍ର ପରାଧୀନ ପୃଥିବୀରେ ଦେଖା ଦେଇଥିଲା ତାର ଫଳ ସ୍ୱରୂପ ଉପନିବେଶବାଦକୁ ଚିତାଗ୍ନିରେ ଭସ୍ମ ହେବାକୁ ପଡ଼ିଥିଲା । ସେହି ସମୟରେ ପୃଥିବୀକୁ ପଶ୍ଚିମ ଓ ପୂର୍ବ ବୋଲି ଦୁଇ ଭୌଗୋଳିକ ବିଭାଗରେ ବିଭକ୍ତ କରାଯାଇଥିଲା । ପଶ୍ଚିମର ରାଷ୍ଟ୍ର ଯଥା ଆମେରିକାର ଯୁକ୍ତରାଷ୍ଟ୍ର, ଇଂଲଣ୍ଡ, ଫ୍ରାନସ୍, ସ୍ପେନ୍, ପର୍ତ୍ତୁଗାଲ ଜର୍ମାନୀ ଓ ଇଟାଲୀ ଔପନିବେଶିକ ଶକ୍ତି ବୋଲି ପରିଚିତ ହେଉଥିଲେ ଓ ଅର୍ଥନୀତି, ଶିଳ୍ପ ତଥା ସମର ସାମର୍ଥ୍ୟରେ ଶ୍ରେଷ୍ଠ ବୋଲି ବିବେଚିତ ହେଉଥିଲେ । ପୂର୍ବ ଗୋଲାର୍ଦ୍ଧର ରାଷ୍ଟ୍ର ଯଥା ଭାରତ, ଚୀନ, ସୋଭିଏତ ଋଷ, ଜାପାନ, ଆଫ୍ରିକୀୟ ଦେଶ, ମଧ୍ୟପ୍ରାଚ୍ୟର ଆରବ ରାଷ୍ଟ୍ର ପ୍ରଭୃତି ଦେଶ ଉପନିବେଶ ରୂପେ ପରିଚିତ ହେଉଥିଲେ । ଅର୍ଥନୈତିକ ଭିତ୍ତି, ଶିଳ୍ପ ତଥା ରାଜନୈତିକ ସ୍ୱାଧୀନତା ଏହି ରାଜ୍ୟମାନଙ୍କର ନ ଥିଲା ବା ନାମମାତ୍ର ଥିଲା । ଦ୍ୱିତୀୟ ବିଶ୍ୱମହାସମର ପରେ ପରେ ପୃଥିବୀରେ ଏକ ବିରାଟ ରାଜନୈତିକ ପରିବର୍ତ୍ତନ ଦେଖାଦେଲା । ଜାତୀୟତାବାଦ ଓ ସ୍ୱାଧୀନତା ପିପାସା ସମଗ୍ର ବିଶ୍ୱର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଦାବାଗ୍ନି ପରି ବ୍ୟାପିଗଲା ଓ ଅଳ୍ପ କେତେ ବର୍ଷ ଭିତରେ ଶତାବ୍ଦୀ ଶତାବ୍ଦୀ ଧରି ଚାଲି ଆସଥିବା ଉପନିବେଶବାଦର ସମାଧି ଦିଆଗଲା । ରାଜନୈତିକ କ୍ଷେତ୍ରରେ ଉପନିବେଶବାଦର ସମାପ୍ତି ସହ ବିଦେଶୀ ଶୋଷଣର ପ୍ରଥମ ଅଧ୍ୟାୟ ଶେଷ ହେଲା । କିନ୍ତୁ ମନୁଷ୍ୟକୁ ଇତିହାସ ଶିକ୍ଷା ଦିଏ ଯେ ରାଜନୈତିକ ସ୍ୱାଧୀନତା ବୈଦେଶିକ ଶୋଷଣରୁ ମୁକ୍ତି ନିମନ୍ତେ କେବଳ ପ୍ରଥମ ପଦକ୍ଷେପ ରାଜନୈତିକ ସ୍ୱାଧୀନତା ମିଳିବା ସଙ୍ଗେ ସଙ୍ଗେ ପ୍ରତି ଦେଶରେ ଶାସନ କରିବା ନିମନ୍ତେ ବିଦେଶୀ ସରକାର ବଦଳରେ ଦେଶୀ ସରକାର ଗଠିତ ହୋଇଗଲା । କିନ୍ତୁ ଏହି ନବଜାତ ରାଷ୍ଟ୍ରଗୁଡ଼ିକ ସ୍ୱାଧୀନତା ଆଗରୁ ବିଦେଶ ଉପରେ ଅର୍ଥନୈତିକ କ୍ଷେତ୍ରରେ ଯେପରି ଅତ୍ୟନ୍ତ ନିର୍ଭରଶୀଳ ହୋଇଥିଲେ, ତା'ର ପରିବର୍ତ୍ତନ ହୋଇ ନ ଥିଲା । ଶତ ଶତ ବର୍ଷର ଶୋଷଣ ଫଳରେ ଅବଶେଷ ରହିଥିବା କ୍ଷୁଧା, ଦାରିଦ୍ର୍ୟ, ସାମାଜିକ ଅନଗ୍ରସରତା ଓ ସାଂସ୍କୃତିକ ଅନ୍ଧବିଶ୍ୱାସ ଏହି ନବଜାତ ରାଷ୍ଟ୍ରମାନଙ୍କୁ ଜଡ଼ିତ କରି ରଖିଥିଲା । ଔପନିବେଶିକ ସାମ୍ରାଜ୍ୟବାଦ ବଦଳରେ ଏକ ନୂତନ ଧରଣର ଅର୍ଥନୈତିକ ସାମ୍ରାଜ୍ୟବାଦ ଏସିଆ, ଆଫ୍ରିକା ଓ ଦକ୍ଷିଣ ଆମେରିକାର ଏହି ନୂତନ ରାଷ୍ଟ୍ରମାନଙ୍କର ଜୀବନିଶକ୍ତିକୁ କ୍ରମେ କ୍ଷୟ କରି ଆସୁଛି ।

୧୯୫୫ରେ ବାନ୍ଦୁଂଠାରେ ଏସୀୟ-ଆଫ୍ରିକୀୟ ସମ୍ମିଳନୀରେ ପଣ୍ଡିତ ଜବାହାରଲାଲ ନେହରୁ ଏହି ଅର୍ଥନୈତିକ ଶୃଂଖଳ ପ୍ରତି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ । ତାଙ୍କର ବୁଦ୍ଧିଦୀପ୍ତ ଚେଷ୍ଟା ଓ ଅକ୍ଲାନ୍ତ ପରିଶ୍ରମ ଫଳରେ ୧୯୬୧ରେ ଜାତିସଂଘର ସାଧାରଣ ଅଧିବେଶନରେ ଘୋଷଣା କରାଯାଇଥିଲା ଯେ ୧୯୬୦—୭୦ ଦଶକ ଉନ୍ନୟନଶୀଳ ରାଷ୍ଟ୍ରମାନଙ୍କ ନିମନ୍ତେ ଉନ୍ନୟନ ଦଶକ ରୂପେ ପାଳିତ ହେବ । ଏହି ଦଶକରେ ଉନ୍ନୟନଶୀଳ ରାଷ୍ଟ୍ରମାନଙ୍କର ଆୟର ବାର୍ଷିକ ବୃଦ୍ଧିର ହାର ଶତକଡ଼ା ପାଞ୍ଚ ଭାଗ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହି ଲକ୍ଷ୍ୟ ହାସଲ କରିବାକୁ ଜାତିସଂଘ କେତେକ ଯୋଜନା ଓ ସଂସ୍ଥା ଗଠନ କରିଥିଲେ । ସେଥିରୁ କେତେକ ହେଲା, (୧) ଜାତିସଂଘ ଉନ୍ନୟନ ଯୋଜନା ବା United Nations Development Programme (UNDP), ଆନ୍ତର୍ଜାତିକ

ଉନ୍ନୟନ ସଂସ୍ଥା ବା International Development Agency (IDA), ଜାତିସଂଘର ବାଣିଜ୍ୟ ଓ ଉନ୍ନୟନ ସଂପର୍କୀୟ ସଭା ବା United Nations Conference on Trade and Development (UNCTAD) । ୧୯୭୦ରେ ଲୁସାକାଠାରେ ନିରପେକ୍ଷ ଗୋଷ୍ଠୀ ଅନ୍ତର୍ଭୁକ୍ତ ସତଷ୍ଠୋରୀ ରାଷ୍ଟ୍ରମାନଙ୍କର ଗୋଟିଏ ବୈଠକରେ ଦାବୀ କରାଗଲା ଯେ ଧନୀ ଓ ଦରିଦ୍ର ରାଷ୍ଟ୍ରମାନଙ୍କ ମଧ୍ୟରେ ଅର୍ଥନୈତିକ ତାରତମ୍ୟ କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ଦୃଷ୍ଟିରୁ ଅନୁନ୍ନତ ଦେଶମାନଙ୍କର ଅର୍ଥନୈତିକ ପ୍ରଗତିର ଗତିକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ । ତେଣୁ ଏହି ରାଷ୍ଟ୍ରମାନଙ୍କର ଜାତୀୟ ଆୟର ଅଭିବୃଦ୍ଧିର ହାର ୧୯୭୦–୮୦ ଦଶକରେ ଶତକରା ପାଞ୍ଚରୁ ବଢ଼ାଇ ଶତକରା ଛଅରେ ପହଞ୍ଚାଇବାକୁ ସାହାଯ୍ୟ ଓ ସହଯୋଗ ଦେବାକୁ ପ୍ରତ୍ୟେକ ଉନ୍ନତ ରାଷ୍ଟ୍ରଠାରେ ଦାବୀ କରାଗଲା । ୧୯୭୩ରେ ଆଲଜିୟର୍ସଠାରେ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମୁଖ୍ୟମାନଙ୍କର ଏକ ସମ୍ମିଳନୀରେ ଘୋଷଣା କରାଯାଇଥିଲା ଯେ ପ୍ରତ୍ୟେକ ରାଷ୍ଟ୍ର ନିଜ ନିଜ ପ୍ରାକୃତିକ ସମ୍ପଦକୁ ଜାତୀୟ ସମ୍ପତ୍ତି ଭାବେ ନିୟନ୍ତ୍ରଣ କରିବା ଅଧିକାର ରହିଛି । ଆଲଜିୟର୍ସଠାରେ ହୋଇଥିବା ଏହି ଶିଖର ସମ୍ମିଳନୀରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ କୋହଳ ସର୍ତ୍ତରେ ଋଣ ନେବା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଆନ୍ତର୍ଜାତିକ ବ୍ୟବସାୟ ବୃଦ୍ଧି ପାଉଥିବାରୁ ରପ୍ତାନୀ-ଆମଦାନୀ ବାଣିଜ୍ୟର ସୁବିଧା ନିମନ୍ତେ ଉନ୍ନୟନଶୀଳ ରାଷ୍ଟ୍ରମାନେ ସ୍ୱତନ୍ତ୍ର ସୁଧ ହାରରେ ଋଣ ନେବା ବ୍ୟବସ୍ଥା କରିବାକୁ ଦାବୀ କରାଯାଇଥିଲା । ଏହାକୁ Special Drawing Rights ବା SDR ବୋଲି କୁହା ଯାଉଅଛି । ପ୍ରତ୍ୟେକ ରାଷ୍ଟ୍ରର ଉନ୍ନୟନ ଅବସ୍ଥା ବା ସ୍ତର ସହ ଏହି ସ୍ୱତନ୍ତ୍ର ଅଧିକାରର ଏକ ଅର୍ଥପୂର୍ଣ୍ଣ ସମୀକରଣ ବା Meaningful Equation ସ୍ଥିର କରିବାକୁ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରେ ଦାବୀ କରାଯାଇଥିଲା ।

କିନ୍ତୁ ଏହି ସମୟରେ ଅର୍ଥାତ୍ ୧୯୭୩ରେ ଭିଏନାଠାରେ ତୈଳ ଉତ୍ପାଦନକାରୀ ଓ ରପ୍ତାନୀ କରୁଥିବା ଦେଶମାନେ ଗୋଟିଏ ସଂଘ ଗଠନ କରିଥିଲେ । ଏହି ସଂଘର ନାମ ଓ. ପି. ଇ. ସି. (ଓପେକ୍) ଦିଆଯାଇଥିଲା । ଓପେକ୍ ସ୍ଥିର କରିଥିଲା ଯେ ତୈଳର ଦର ବୃଦ୍ଧି କରାଯିବ ଏବଂ ଏହି ଗୃହୀତ ପ୍ରସ୍ତାବ ଅନୁସାରେ ପେଟ୍ରୋଲିୟମ, ପେଟ୍ରୋଲିୟମ ଜାତ ଦ୍ରବ୍ୟ ଓ ଅଶୋଧିତ ତାଲେଣି ତୈଳ ବା କ୍ରୁଡ଼ର ଦାମ ପ୍ରାୟ ଚାରିଗୁଣ ବଢ଼ାଇ ଦିଆଗଲା । ଅଶୋଧିତ ତୈଳ ବା କ୍ରୁଡ଼ର ଦାମ ବ୍ୟାରେଲ୍ ପ୍ରତି ଟ୨୨ରୁ ଟ୮୪କୁ ବଢ଼ିଯିବାରୁ ପୃଥିବୀର ଆନ୍ତର୍ଜାତିକ ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି ହୋଇଥିଲା । ଉନ୍ନତ ରାଷ୍ଟ୍ରମାନଙ୍କର ଉନ୍ନତିର ମୂଳଦୁଆ ଏହି ମୂଲ୍ୟବୃଦ୍ଧି ଯୋଗୁଁ ଦୋହଲି ଯାଇଥିଲା । ଶକ୍ତି ସଂକଟ ହଠାତ୍ ଏକ ଶଙ୍କାକୁଳ ଦୁଃସ୍ୱପ୍ନରୁ ନିଷ୍ଠୁର ବାସ୍ତବତାରେ ପରିଣତ ହୋଇଗଲା ।

ଶକ୍ତି ସଂକଟ ଓ ଆନ୍ତର୍ଜାତିକ ଅର୍ଥନୀତିରେ ଦେଖାଦେଉଥିବା ବିପ୍ଳବର ଏକ ସମ୍ୟକ୍ ଧାରଣା କରିବାକୁ ଏପ୍ରିଲ ୧୯୭୪ରେ ଜାତିସଂଘର ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ଉନ୍ନୟନଶୀଳ ରାଷ୍ଟ୍ରମାନଙ୍କର ପକ୍ଷରୁ ଆଗତ "ନୂତନ ଆନ୍ତର୍ଜାତିକ ଅର୍ଥନୈତିକ ବ୍ୟବସ୍ଥା" ବା New International Economic Order (NIEO) ନାମରେ ଏକ ନୀତିଗତ ପ୍ରସ୍ତାବ ଗୃହୀତ ହୋଇଥିଲା ।

'ନିଓ' ବ୍ୟବସ୍ଥା ଅନୁସାରେ ପୃଥିବୀର ଅନୁନ୍ନତ ଓ ଉନ୍ନୟନକାମୀ ଦେଶମାନଙ୍କୁ ପୃଥିବୀର ସମ୍ବଳ ଓ ଶକ୍ତିର ଏକ ସମ୍ୟକ୍ ଓ ଉଚିତ ଭାଗ ଦେବା ନିମନ୍ତେ ସଂକଳ୍ପ କରାଯାଇଅଛି । ଏହି ନିଓ ବ୍ୟବସ୍ଥାରେ ଛଅ ଗୋଟି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

## ୧ । ସାହାଯ୍ୟ

(କ) ଉନ୍ନୟନ ନିମନ୍ତେ ଉନ୍ନତ ରାଷ୍ଟ୍ରମାନେ ବୈଷୟିକ ସାହାଯ୍ୟ ଉନ୍ନୟନଶୀଳ ରାଷ୍ଟ୍ରମାନଙ୍କୁ ଦେବେ ।

(ଖ) ଉନ୍ନୟନଶୀଳ ରାଷ୍ଟ୍ରମାନଙ୍କରେ ଉଚ୍ଚ ବୈଷୟିକ ଶିକ୍ଷା ପାଇଥିବା ନାଗରିକମାନଙ୍କର ଉନ୍ନତ ରାଷ୍ଟ୍ରମାନଙ୍କୁ ବେଶୀ ସୁବିଧା ଆଶାରେ ଚାଲିଯାଉଥିବା ପ୍ରବୃତ୍ତିର ନିରୋଧ କରାଯିବ ।

(ଗ) ଉନ୍ନୟନଶୀଳ ରାଷ୍ଟ୍ରମାନଙ୍କର ଉନ୍ନତି ନିମନ୍ତେ ଅଧିକ ଅର୍ଥ ଋଣ ଆକାରରେ ଯୋଗାଇ ଦେବାକୁ ବ୍ୟବସ୍ଥା କରାହେବ ।

(ଘ) ନିମ୍ନତମ ଉନ୍ନତ ରାଷ୍ଟ୍ରମାନଙ୍କର ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ଓ ବିଶେଷ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ।

## ୨ । ଆନ୍ତର୍ଜାତୀୟ ବାଣିଜ୍ୟ ବୃଦ୍ଧି

(କ) ଉନ୍ନୟନଶୀଳ ଦେଶମାନଙ୍କୁ ବାଣିଜ୍ୟ ନିମନ୍ତେ ଅଧିକ ଅର୍ଥନୈତିକ ସୁବିଧା ଦିଆଯିବ ।

(ଖ) ଉନ୍ନୟନକାମୀ ଦେଶମାନଙ୍କ ଭିତରେ ଅର୍ଥନୈତିକ ଓ ବୈଷୟିକ ସହଯୋଗ ବୃଦ୍ଧି କରାଯିବ ।

## ୩ । ଆନ୍ତର୍ଦେଶୀୟ ଅର୍ଥନୈତିକ ଉନ୍ନତି

ଆନ୍ତର୍ଜାତୀୟ ମୁଦ୍ରା ବ୍ୟବସ୍ଥାର ସଂସ୍କାର କରି ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ନୀତି ନିର୍ଦ୍ଧାରଣ କରିବାରେ ଉନ୍ନୟନଶୀଳ ରାଷ୍ଟ୍ରମାନଙ୍କର ଭୂମିକା ଦୃଢ଼ତର କରି ସେମାନଙ୍କର କ୍ଷମତାର ବୃଦ୍ଧି କରାଯିବ ।

## ୪ । ଆନ୍ତର୍ଜାତିକ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା ଓ ଉନ୍ନତ କାରିଗରୀ ଜ୍ଞାନର ବିନିମୟ ।

(କ) ଉନ୍ନତ ରାଷ୍ଟ୍ରମାନଙ୍କରୁ କାରିଗରୀ ଜ୍ଞାନ ଓ ବ୍ୟବସାୟିକ କୌଶଳର ଯଥେଷ୍ଟ ପରିମାଣଗତ ଓ ଗୁଣାତ୍ମକ ଭାବରେ ପ୍ରେରଣ କରାଯିବ ଉନ୍ନୟନଶୀଳ ରାଷ୍ଟ୍ରମାନଙ୍କୁ ।

(ଖ) ବହୁ ଦେଶରେ ବ୍ୟବସାୟ କରୁଥିବା ଏକ-ଗୁଚ୍ଛିଆ ସଂସ୍ଥା ବା ମଲ୍ଟିନେଶନାଲ କମ୍ପାନୀଗୁଡ଼ିକର କାର୍ଯ୍ୟ କଳାପର ନିୟନ୍ତ୍ରଣ କରାଯିବା ଅଧିକାର ପ୍ରତ୍ୟେକ ରାଷ୍ଟ୍ରର ରହିବ ।

(ଗ) ଉନ୍ନତ ଦେଶମାନଙ୍କ ସହ ବାଣିଜ୍ୟ ପ୍ରସାର ନିମନ୍ତେ ଉନ୍ନୟନଶୀଳ ଦେଶମାନଙ୍କୁ ଅଧିକ ବ୍ୟବସାୟିକ ସୁବିଧା ଓ ସୁଯୋଗ ଦିଆଯିବ ।

## ୫ । ସାମାଜିକ ଲକ୍ଷ୍ୟ

(କ) ଆୟର ସମବଣ୍ଟନ ଓ ଲୋକ ନିଯୁକ୍ତି କ୍ଷେତ୍ରରେ ଅଧିକ ସୁଯୋଗ ସୃଷ୍ଟି କରାଯିବ ।

(ଖ) ସ୍ୱାସ୍ଥ୍ୟ ଓ ଶିକ୍ଷା ନିମନ୍ତେ ଉନ୍ନୟନଶୀଳ ରାଷ୍ଟ୍ରମାନଙ୍କୁ ବେଶି ସାହାଯ୍ୟ ଦେବା ବ୍ୟବସ୍ଥା ହେବ ।

(ଗ) ମହିଳାମାନଙ୍କୁ ଉନ୍ନୟନ କ୍ଷେତ୍ରରେ ଅଧିକ ସଂଗଠିତ କରିବା ନିମନ୍ତେ ସୁଯୋଗ ସୃଷ୍ଟି ହେବ ।

## ୬ । ରାଜନୈତିକ ଲକ୍ଷ୍ୟ

(କ) ନିଜ ଦେଶର ସ୍ୱାଧୀନ ମତ ଅନୁସାରେ ନିଜ ନିଜ ପ୍ରାକୃତିକ ସମ୍ପଦର ପୂର୍ଣ୍ଣ ବିନିଯୋଗ କରିବା ନିମନ୍ତେ ପ୍ରତ୍ୟେକ ରାଷ୍ଟ୍ରର ନିରଙ୍କୁଶ ଅଧିକାରକୁ ସ୍ୱୀକାର କରାଯିବ ।

(ଖ) ପ୍ରାକୃତିକ ସମ୍ପଦର ବିନିଯୋଗ ନିମନ୍ତେ ନିଜ ବିଚାର ଅନୁସାରେ ପ୍ରତ୍ୟେକ ରାଷ୍ଟ୍ରର ଅର୍ଥନୈତିକ ପନ୍ଥା ନିର୍ଦ୍ଧାରଣ ଓ ଅନୁସରଣ କରିବା ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନତା ସ୍ୱୀକାର କରାଯିବ ।

ଉନ୍ନୟନଶୀଳ ଓ ଅନୁନ୍ନତ ରାଷ୍ଟ୍ରମାନଙ୍କ ନିମନ୍ତେ ଏହି "ନିଓ" କାର୍ଯ୍ୟକ୍ରମର ଛଅଗୋଟି ଲକ୍ଷ୍ୟ ଏକ ସାମଗ୍ରିକ ସ୍ୱାଧୀନତା ଘୋଷଣା ରୂପେ ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ସ୍ୱୀକୃତି ଲାଭ କରିଛି । ଏହି "ନିଓ" ଘୋଷଣା ଦ୍ୱାରା ଆନ୍ତର୍ଜାତିକ ମୁଦ୍ରା ମାନ ହିସାବରେ ଆମେରିକାର ଡଲାର ବଦଳରେ ସ୍ୱର୍ଣ୍ଣରିଗିକମାନର ପୁନଃ ପ୍ରଚଳନ କରାଯାଇଥିଲା ।

ଉନ୍ନୟନଶୀଳ ରାଷ୍ଟ୍ରମାନଙ୍କର ଉନ୍ନତ ରାଷ୍ଟ୍ରମାନଙ୍କ ସହ ବାଣିଜ୍ୟ ଓ ଅର୍ଥନୈତିକ କାରବାର ନିମନ୍ତେ ଏହି "ନିଓ" ବ୍ୟବସ୍ଥା ଏକ ବଳିଷ୍ଠ ପଦକ୍ଷେପ । ୧୯୭୪ ଓ ୭୫ରେ ଅନେକ ଆନ୍ତର୍ଜାତିକ ସମ୍ମିଳନୀରେ ଏହି "ନିଓ" ବ୍ୟବସ୍ଥାର ବିଶ୍ଳେଷଣ ଓ ତର୍ଜମା କରାଯାଇଥିଲା । ଅଗଷ୍ଟ ୧୯୭୪ରେ ବୁଖାରେଷ୍ଟଠାରେ ଅନୁଷ୍ଠିତ ବିଶ୍ୱଜନସଂଖ୍ୟା ସମ୍ମିଳନୀ, ୧୯୭୪ରେ ରୋମଠାରେ ଅନୁଷ୍ଠିତ ବିଶ୍ୱ ଖାଦ୍ୟ ସମ୍ମିଳନୀ, ୧୯୭୫ରେ ସେନିଗାଲଠାରେ ଅନୁଷ୍ଠିତ ନିରପେକ୍ଷ ରାଜ୍ୟଗୋଷ୍ଠୀର ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଲିମାଠାରେ ଅନୁଷ୍ଠିତ ୟୁନିଡ଼ୋର ଦ୍ୱିତୀୟ ସାଧାରଣ ଅଧିବେଶନ ଓ ରୋମଠାରେ ଅନୁଷ୍ଠିତ ବାଣିଜ୍ୟ ଓ ସାହାଯ୍ୟ ରାଜିନାମା ସମ୍ମିଳନୀ ଓ ଜାତିସଂଘର ସପ୍ତମ ଅଧିବେଶନରେ "ନିଓ" ବ୍ୟବସ୍ଥାର ବିଶେଷ ଆଲୋଚନା କରାଯାଇଥିଲା ।

ଅଧୁନାତନ ପୃଥିବୀରେ ଅର୍ଥନୈତିକ ପରିଭାଷାରେ କେତେକ ରାଷ୍ଟ୍ରକୁ ପୁଞ୍ଜିବାଦୀ ଉନ୍ନତ, ସମାଜବାଦୀ ଉନ୍ନତ, ପେଟ୍ରୋଲିୟମ ଯୋଗୁଁ ନୂତନ ଭାବରେ ଉନ୍ନତ, ଉନ୍ନୟନଶୀଳ ଓ ସର୍ବନିମ୍ନ ଉନ୍ନତ ଦେଶରୂପେ ଅଭିହିତ କରାଯାଉଅଛି ।

ବିଭିନ୍ନ ଐତିହାସିକ କାରଣରୁ ପଚିଶଗୋଟି ରାଷ୍ଟ୍ରକୁ ଉନ୍ନତ ବୋଲି କୁହାଯାଉଅଛି । ସେଗୁଡିକ ହେଲେ ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ଆଲଜେରିଆ, ଆମେରିକାର ଯୁକ୍ତରାଷ୍ଟ୍ର, ଇକୁଏଡ଼ର, ଇରାନ୍, ଇରାକ୍, ଇଂଲଣ୍ଡ, ଇଟାଲୀ, ସଂଯୁକ୍ତ ଆରବ ଏମେରିଟସ, ଋଷିଆର ସୋଭିଏତ ଗଣତନ୍ତ୍ର, ଓମାନ୍, କୁଏଇଟ୍, କାତାର, କଲମ୍ବିଆ, ଜାପାନ, କାନାଡ଼ା, ତାଇପେ, ନରୱେ, ମେକ୍ସିକୋ, ପଶ୍ଚିମ ଜର୍ମାନୀ, ଫ୍ରାନ୍ସ୍, ଯୁଗୋସ୍ଲୋଭିଆ, ସିଙ୍ଗାପୁର, ସାଉଦୀ ଆରବ ଓ ସ୍ୱିଡ଼େନ୍ ।

ସେହିପରି ଏକତିରିଶି ରାଷ୍ଟ୍ରକୁ ସର୍ବନିମ୍ନ ଉନ୍ନତ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଅଛି । ସେଗୁଡିକ ହେଲେ, ଆଫଗାନିସ୍ଥାନ, ଇଥିଓପିଆ, ଉଗାଣ୍ଡା, ଉପର ଭୋଲଟା, ରିଆଣ୍ଡା, କୋମୋରୋ ଦ୍ୱୀପପୁଞ୍ଜ, ଗାମ୍ବିଆ, ଗିନି, ଗିନି-ବିସାଉ, ଛାଦ୍, ତାଞ୍ଜାନିଆ, ନାଇଜର, ନେପାଳ, ପଶ୍ଚିମ ସାମୋଆ, ବଙ୍ଗଳାଦେଶ, ବୁରୁଣ୍ଡି, ବେନିନ୍, ବୋଟସ୍ୱାନା, ଭର୍ଦେ ଅନ୍ତରୀପ ଦ୍ୱୀପପୁଞ୍ଜ, ଭୁଟାନ, ମଧ୍ୟ ଆଫ୍ରିକା ଗଣତନ୍ତ୍ର, ମାଳୀ, ମାଳଦ୍ୱୀ, ମାଲାପିଭ୍ ଦ୍ୱୀପପୁଞ୍ଜ, ୟେମେନୀ ଆରବଗଣତନ୍ତ୍ର, ୟେମେନ୍‌ର ଜନଗଣତନ୍ତ୍ର, ଲାଓସ, ଲେସୋଥୋ, ସୁଦାନ, ସୋମାଲିଆ ଓ ହେଇଟି ଦ୍ୱୀପପୁଞ୍ଜ ।

ଏହି ଏକତିରିଶିଗୋଟି ଦେଶରେ ପୃଥିବୀର ଅଷ୍ଟମାଂଶ ଲୋକ ବାସ କରୁଛନ୍ତି । ୧୯୮୦ରେ ଏହି ଦେଶମାନଙ୍କର ମୁଣ୍ଡପିଛା ଜାତୀୟ ଆୟ ଥିଲା ବାର୍ଷିକ ଟ୧,୩୬୧.୦୦ । କିନ୍ତୁ ଏହି ଦେଶରେ ରହୁଥିବା ଲୋକଙ୍କ ଭିତରୁ ଶତକଡ଼ା ୭୦ ଭାଗ ଲୋକଙ୍କର ମୁଣ୍ଡପିଛା ବାର୍ଷିକ ଆୟ ଟ୩୫୦ରୁ ଟ୬୦୦ ଭିତରେ । ଏହି ଦେଶମାନଙ୍କରେ ରହୁଥିବା ଲୋକଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ ସାକ୍ଷର ଏବଂ ଜନସଂଖ୍ୟା ବୃଦ୍ଧିର ହାର ଏହି ଦେଶମାନଙ୍କରେ ସର୍ବାଧିକ ।

ପୃଥିବୀର ବାକୀ ୯୨ ଗୋଟି ଦେଶ ଭିତରୁ ୩୬ ଗୋଟି ଦେଶକୁ ଉନ୍ନୟନଶୀଳ କୁହାଯାଉଛି । ଏହି ଉନ୍ନୟନଶୀଳ ଓ ସର୍ବନିମ୍ନ ଉନ୍ନତ ଦେଶମାନଙ୍କରେ ପୃଥିବୀର ଚାରିଭାଗରୁ ତିନି ଭାଗ ଲୋକ ରହନ୍ତି ।

୧୯୬୦ ରୁ ୧୯୮୦ ପର୍ଯ୍ୟନ୍ତ ଦୁଇ ଦଶନ୍ଧି ଭିତରେ ଉନ୍ନୟନଶୀଳ ଦେଶମାନଙ୍କର ଉନ୍ନୟନକୁ ତ୍ୱରାନ୍ୱିତ କରିବା ନିମନ୍ତେ ଚେଷ୍ଟା ଓ ଅଧ୍ୟବସାୟ କେବଳ ବାକ୍ୟ-ଭିତରେ ସୀମାବଦ୍ଧ ହୋଇ ପୁସ୍ତକଗତ ହୋଇ ରହି ଯାଇଅଛି । ଏହି ଦୁଇ ଦଶନ୍ଧିରେ ଉନ୍ନୟନଶୀଳ ଦେଶମାନଙ୍କର ଉନ୍ନୟନ ଓ ଅଭିବୃଦ୍ଧିର ହାର ଶତକରା ପାଞ୍ଚ ଓ ଛଅ ଭାଗ ରଖିବାକୁ ଅନେକ ପ୍ରସ୍ତାବ ଗୃହୀତ ହୋଇ ଯାଇଥିଲେ ମଧ୍ୟ, ପ୍ରକୃତରେ ସେ ଲକ୍ଷ୍ୟର ଉଗ୍ରାଂଶ ହିଁ ପୂରଣ ହୋଇପାରିଛି । ଏହି ଦୁଇ ଦଶନ୍ଧିରେ ସର୍ବନିମ୍ନ ଉନ୍ନତ ଦେଶମାନଙ୍କର ହାରାହାରି ବାର୍ଷିକ ଅଭିବୃଦ୍ଧିର ହାର ଶତକରା ମାତ୍ର ୦.୫ ଭାଗ । ସେହିପରି ଉନ୍ନୟନଶୀଳ ଦେଶମାନଙ୍କର ଏହି କୋଡ଼ିଏ ବର୍ଷ ଭିତରେ ଅଭିବୃଦ୍ଧିର ହାର ହୋଇଥିଲା ଶତକରା ୨.୭ । କିନ୍ତୁ ଉନ୍ନତ ଦେଶମାନଙ୍କର ଅଭିବୃଦ୍ଧିର ହାର ସର୍ବାଧିକ ଥିଲା ଓ ଏହା ଶତକରା ୩.୩ ଥିଲା । ଏଥିରୁ ନିଶ୍ଚିତ ଭାବରେ ଜଣା ପଡୁଛି ଯେ ଉନ୍ନତ ଦେଶଗୁଡ଼ିକ ଅର୍ଥନୈତିକ ଉନ୍ନତି ପଥରେ ଅନ୍ୟ ଦେଶମାନଙ୍କ ତୁଳନାରେ ଅଧିକ ଗତିରେ ଅଗ୍ରଗତି କରି ଚାଲିଛନ୍ତି । ଏହି ପ୍ରଗତିର ଗତି ଭବିଷ୍ୟତରେ ଆହୁରି ବଢ଼ିଯିବ । ଏବେ ଏକ ସମୀକ୍ଷାରୁ ଜଣାପଡ଼େ ଯେ ପୃଥିବୀର ଅର୍ଥନୈତିକ ଓ ସାମାଜିକ ଅବସ୍ଥାରେ କୌଣସି ବୈପ୍ଳବିକ ପରିବର୍ତ୍ତନ ନ ହେଲେ ୧୯୯୦ ଖ୍ରୀଷ୍ଟାବ୍ଦ ବେଳକୁ ସର୍ବନିମ୍ନ ଉନ୍ନତ ଦେଶମାନଙ୍କର ହାରାହାରି ମୁଣ୍ଡପିଛା ଉତ୍ପାଦନ ଟ୧,୪୫୦.୦୦ ହେଲାବେଳକୁ ଉନ୍ନୟନ-ଶୀଳ ଦେଶମାନଙ୍କରେ ମୁଣ୍ଡପିଛା ଉତ୍ପାଦନ ଟ୬,୭୦୦ ହୋଇଥିବ ଓ ଉନ୍ନତ ଦେଶମାନଙ୍କରେ ମୁଣ୍ଡପିଛା ଉତ୍ପାଦନ ବାର୍ଷିକ ଟ ୮୭,୦୦୦ ହୋଇଥିବ । ତେଣୁ ୧୯୯୦ ବେଳକୁ ଦେଶ ଦେଶ ଭିତରେ ତାରତମ୍ୟ ଓ ଅସମାନତା ଏତେ ବେଶୀ ହୋଇଯାଇଥିବ ଯେ ବିଶ୍ୱବ୍ୟାପୀ ଅସନ୍ତୋଷ ଓ ଘୃଣା କ୍ରମେ ଏକ ବିପ୍ଳବ ଓ ଯୁଦ୍ଧରେ ପରିଣତ ହେବ ।

୧୯୫୦ରେ ଜାତୀୟବାଦ ଓ ରାଜନୈତିକ ସ୍ୱାଧୀନତା ନିମନ୍ତେ ତୀବ୍ର ଉଚ୍ଛ୍ୱାସ ଯେପରି ବାଧାହୀନ ହୋଇ ସମଗ୍ର ବିଶ୍ୱରେ ଦାବାଗ୍ନି ପରି ବ୍ୟାପି ଯାଇଥିଲା, ୧୯୯୦ରେ ଅର୍ଥନୈତିକ ସମାନତା ଓ ସ୍ୱାଧୀନତା ନିମନ୍ତେ ବିପ୍ଳବ ସେହିପରି ଘୂର୍ଣ୍ଣିବାତ୍ୟା ପରି ନିରଙ୍କୁଶ ଭାବରେ ପୃଥିବୀସାରା ଖେଳିଯିବ ।

ଏହି ୧୯୮୦ରେ ଏକ ଅର୍ଥନୈତିକ ସମୀକ୍ଷାରୁ ଜଣାପଡୁଛି ଯେ ପଚିଶ ଗୋଟି ଉନ୍ନତ ରାଷ୍ଟ୍ରର ହାରାହାରି ମୁଣ୍ଡପିଛା ଜାତୀୟ ଉତ୍ପାଦନ, ଉନ୍ନୟନଶୀଳ ଦେଶର ହାରାହାରି ମୁଣ୍ଡପିଛା ଉତ୍ପାଦନର ପ୍ରାୟ ଚଉରାଳିଶି ଗୁଣ ଥିଲା । ତେଣୁ ବର୍ତ୍ତମାନ ଏହା ନିଶ୍ଚିତ ଭାବରେ ଜଣାପଡ଼ିଗଲାଣି ଯେ ଉନ୍ନତ ଦେଶର ଶାସକମାନେ ଉନ୍ନୟନଶୀଳ ରାଷ୍ଟ୍ରମାନଙ୍କୁ ଅର୍ଥନୈତିକ ପ୍ରଗତି ନିମନ୍ତେ ଆବଶ୍ୟକୀୟ ସହଯୋଗ ଓ ସାହାଯ୍ୟ ଦେବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ।

କିନ୍ତୁ ସୁଖର କଥା ଯେ ୟୁରୋପ ଓ ଆମେରିକାର ଯୁବଶକ୍ତି ଏହି ଅର୍ଥନୈତିକ ବୈଷମ୍ୟର କ୍ରମବୃଦ୍ଧିର ପରିଣାମ ବିଷୟରେ ସଚେତନ । ତେଣୁ ଏକ ବିଶ୍ୱବ୍ୟାପୀ ଆଲୋଚନାଦ୍ୱାରା ଆନ୍ତର୍ଜାତୀୟ ଅର୍ଥନୀତି ଧାରାକୁ ବଦଳାଇବାକୁ ପଶ୍ଚିମ ଜର୍ମାନୀର ପୂର୍ବତନ ଚାନ୍ସେଲର ବିଲିୟମ ବ୍ରାଣ୍ଟଙ୍କ ନେତୃତ୍ୱରେ ଗଠିତ ଗୋଟିଏ କମିଶନ ଆହ୍ୱାନ ଦେଇଥିଲା ।

ଏହି ଆହ୍ୱାନର ସଫଳ ରୂପାୟନ ନିମନ୍ତେ ଅଷ୍ଟ୍ରିଆର ଚାନ୍ସେଲର ବ୍ରୁନୋ କ୍ରେଇସ୍କି ଓ ମେକ୍ସିକୋର ପୂର୍ବତନ ରାଷ୍ଟ୍ରପତି ଯୋଲୋପେଜ୍ ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିଥିଲେ । ଉତ୍ତର ଓ ଦକ୍ଷିଣର ପ୍ରତିନିଧିତ୍ୱ କରୁଥିବା କେତେକ ମୁଖ୍ୟ ରାଷ୍ଟ୍ରମାନଙ୍କର ସମ୍ମିଳନୀକରି ସେଥିରେ ଏହି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବା ନିମନ୍ତେ ଏହି ବାଇଶିଗୋଟି ରାଷ୍ଟ୍ରକୁ ଡ଼କାଯାଇଥିଲା ।

କିନ୍ତୁ ବ୍ରାଣ୍ଟ କମିଶନ୍‌ର ରିପୋର୍ଟ ପ୍ରକାଶ ହେବା ଦିନଠାରୁ କାନ୍‌କୁନ୍ ସମ୍ମିଳନୀ ବସିବା ଭିତରେ ଉତ୍ତର ରାଷ୍ଟ୍ରମାନଙ୍କରେ ରାଜନୈତିକ ପରିବର୍ତ୍ତନ ହୋଇଯାଇଛି । ମେକ୍ସିକୋର ରାଷ୍ଟ୍ରପତି ଆଉ ଲୋପେଜ୍ ନାହାନ୍ତି ଏବଂ ଅଷ୍ଟ୍ରିଆର ଚାନ୍ସେଲର କ୍ରେଇସ୍କି ସ୍ୱାସ୍ଥ୍ୟଗତ କାରଣରୁ ଶିଖର ସମ୍ମିଳନୀରେ ଯୋଗଦେଇ ପାରିନାହାନ୍ତି ।

ଜାତିସଂଘର ସେକ୍ରେଟେରୀ-ଜେନେରାଲ କୁର୍ଟ ୱାଲଡ୍‌ହେମ୍ ଏ ଭିତରେ ଅଧିକାଂଶ ରାଷ୍ଟ୍ରଙ୍କ ସମର୍ଥନ ଲାଭ କରିବାରେ ବିଫଳହୋଇ ତାଞ୍ଜାନିଆର ସାଲିମଙ୍କ ନିକଟରେ ପରାସ୍ତ ହୋଇଛନ୍ତି । ଆମେରିକାର ଯୁକ୍ତରାଷ୍ଟ୍ରରେ ଉଗ୍ର ଦକ୍ଷିଣପନ୍ଥୀ ରେଗାନ୍ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି । ଫ୍ରାନ୍ସରେ ସମାଜବାଦୀ ନେତା ମିତାରୋଁ ରାଷ୍ଟ୍ରପତି ରୂପେ ନିର୍ବାଚିତ ହୋଇଛନ୍ତି । ପଶ୍ଚିମ ଜର୍ମାନୀର ଚାନ୍ସଲର ସ୍ମିଟ୍ ଅର୍ଥନୈତିକ ଓ ରାଜନୈତିକ କାରଣଯୋଗୁଁ ନିଜର ଦୃଢ଼ତା ହରାଇ ସାରିଲେଣି । କାନାଡ଼ାର ପ୍ରଧାନମନ୍ତ୍ରୀ ଟ୍ରୁଡ଼ୋ ବ୍ୟକ୍ତିଗତ, ପାରିବାରିକ ଓ ରାଜନୈତିକ କାରଣ ଯୋଗୁଁ ରାଜନୀତିରେ ବିତୃଷ୍ଣା ଜାତହେବା ବିଷୟ ପ୍ରକାଶ କରିଛନ୍ତି । ଇଂଲଣ୍ଡର ପ୍ରଧାନମନ୍ତ୍ରୀ ନିଜର ଦକ୍ଷିଣପନ୍ଥୀ ମନୋଭାବ ଯୋଗୁଁ ଦେଶକୁ ଏକ ସଂକଟ ଭିତରକୁ ନେଇ ଯାଉଛନ୍ତି ।

କାନ୍‌କୁନ୍ ସମ୍ମିଳନୀରେ ଯୋଗଦେଇଥିବା ବାଇଶଗୋଟି ରାଷ୍ଟ୍ର ହେଲେ—ଅଷ୍ଟ୍ରିଆ, ଆଇଭରିକୋଷ୍ଟ, ଅଲଜେରିଆ, ଆମେରିକାର ଯୁକ୍ତରାଷ୍ଟ୍ର, ଇଂଲଣ୍ଡ, କାନାଡ଼ା, ଗାୟନା, ଚୀନ, ଜାପାନ, ତାଞ୍ଜାନିଆ, ନାଇଜେରିଆ, ପଶ୍ଚିମ ଜର୍ମାନୀ, ଫ୍ରାନ୍ସ, ଫିଲିପାଇନ୍ସ, ବଙ୍ଗଳାଦେଶ, ବ୍ରାଜିଲ, ଭାରତ, ଭେନିଜୁଏଲା, ମେକ୍ସିକୋ, ଯୁଗୋସ୍ଲାଭିଆ ସାଉଦିଆରବ ଓ ସ୍ୱିଡ଼େନ୍ ।

ଏହି ତାଲିକାରୁ ଜଣା ପଡ଼ିବ ଯେ ସମ୍ମିଳନୀରେ ଉତ୍ତର ଓ ଦକ୍ଷିଣର ଯଥେଷ୍ଟ ପ୍ରତିନିଧିତ୍ୱ କରାଯାଇଛି । ଅର୍ଥନୈତିକ ସମୃଦ୍ଧ ଦେଶ, ଉନ୍ନତ ଦେଶ, ଉନ୍ନୟନଶୀଳ

ଦେଶ, ସର୍ବନିମ୍ନ ଉନ୍ନତ ଦେଶ, ସାମ୍ରାଜ୍ୟବାଦୀ ଦେଶ, ସମାଜବାଦୀ ଦେଶ, ଗଣତାନ୍ତ୍ରିକ ଦେଶ, ଗୋଷ୍ଠୀ ନିରପେକ୍ଷ ଦେଶ ଏପରି ବିଭିନ୍ନ ଶ୍ରେଣୀ ଓ ଗୋଷ୍ଠୀର ଉପଯୁକ୍ତ ପ୍ରତିନିଧିତ୍ୱ କରିପାରୁଥିବା ବାଇଶିଗୋଟି ରାଷ୍ଟ୍ରମୁଖ୍ୟମାନଙ୍କ ଶିଖର ସମ୍ମିଳନୀରେ ଗୋଟିଏ ଆଶ୍ଚର୍ଯ୍ୟ ଓ ହତାଶସୂଚକ ଘଟଣା ହେଉଛି ସୋଭିଏତ୍ ଋଷ୍‌ର ଅନୁପସ୍ଥିତି ।

ସୋଭିଏତ୍ ଋଷ୍ ସାଧାରଣତଃ ବିଭିନ୍ନ ସମ୍ମିଳନୀ ଓ ଅନୁଷ୍ଠାନରେ ଉନ୍ନୟନଶୀଳ ରାଷ୍ଟ୍ରମାନଙ୍କ ପ୍ରତି ଗଭୀର ସହାନୁଭୂତି ପ୍ରକାଶ କରିଥାଏ । କିନ୍ତୁ ଏହି ଶିଖର ସମ୍ମିଳନୀରେ ତାର ଅନୁପସ୍ଥିତି ବିସ୍ମୟ ସୃଷ୍ଟି କରିଛି ।

କିନ୍ତୁ ଆମେରିକାର ରାଷ୍ଟ୍ରପତି ରେଗାନଙ୍କ ମତରେ ସୋଭିଏତ୍ ଋଷ୍ ଅନୁନ୍ନତ ଓ ଉନ୍ନୟନଶୀଳ ଦେଶମାନଙ୍କର ଉନ୍ନତି ନିମନ୍ତେ ବାସ୍ତବ ଦାୟିତ୍ୱ ଏଡ଼ାଇ ଦେଉଛି । ସୋଭିଏତ୍ ଋଷର ରାଜନୈତିକ ଚିନ୍ତାଧାରା ଅନୁସାରେ ଏହି ଅର୍ଥନୈତିକ ଅନଗ୍ରସରତା ହିଁ ସୋଭିଏତ୍ କମ୍ୟୁନିଜ୍‌ମ ବିସ୍ତାର ଲାଭ କରିବା ନିମନ୍ତେ କ୍ଷେତ୍ର ସୃଷ୍ଟି କରିବ । ତା' ଛଡ଼ା ଆଭ୍ୟନ୍ତରୀଣ ସମ୍ବଳର ଅଭାବ ଯୋଗୁଁ ସୋଭିଏତ୍ ଋଷ କେବଳ କଥାରେ ସମର୍ଥନ ଜଣାଇବା ବ୍ୟତୀତ ବାସ୍ତବ କ୍ଷେତ୍ରରେ କୌଣସି ସାହାଯ୍ୟ ଦେବାକୁ ଅସମର୍ଥ ।

ଏ ବିଷୟରେ ସୋଭିଏତ୍ ଋଷର ମତ ହେଉଛି ଯେ ଅର୍ଥନୈତିକ ବୈଷମ୍ୟ ଏଭଳି ଏକ ଗୁରୁତର ସମସ୍ୟା ଯେ ଜାତିସଂଘ ଛଡ଼ା ଅନ୍ୟ କେଉଁ ସୀମିତ ପରିବେଶରେ ସେ ବିଷୟରେ ଆଲୋଚନା କେବଳ ନିଷ୍ଫଳ ନୁହେଁ, ବିପରୀତ ଫଳପ୍ରସୂ ହୋଇପାରେ ।

ସୋଭିଏତ୍ ଋଷ ସେଥିନିମନ୍ତେ ଅର୍ଥନୈତିକ ସମସ୍ୟାକୁ କୌଣସି ସୀମିତ ସମ୍ମିଳନୀରେ ବିଗ୍ରହକରିବା ନିମନ୍ତେ ସମର୍ଥନ କରିବନାହିଁ । ଦ୍ୱିତୀୟରେ ସୋଭିଏତ୍ ଋଷ୍‌ର ମତ ହେଉଛି ଯେ ସର୍ବନିମ୍ନ ଉନ୍ନତ ଓ ଉନ୍ନୟନଶୀଳ ରାଷ୍ଟ୍ରମାନଙ୍କର ଅର୍ଥନୈତିକ ଦୁରବସ୍ଥାର ମୂଳ କାରଣ ହେଉଛି ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦ । ବହୁ ଶତାବ୍ଦୀ ବ୍ୟାପୀ ଶୋଷଣ ଫଳରେ ଏବେ ପୃଥିବୀରେ ରାଷ୍ଟ୍ର-ମାନଙ୍କର ଅର୍ଥନୈତିକ ଶ୍ରେଣୀ ବିଭାଗ ସମ୍ଭବ ହୋଇଛି । ଉନ୍ନୟନଶୀଳ ଓ ସର୍ବନିମ୍ନ ଉନ୍ନତ ରାଷ୍ଟ୍ରମାନଙ୍କର ପ୍ରାକୃତିକ ସଂପଦ ଓ ସମ୍ବଳକୁ ସାମ୍ରାଜ୍ୟବାଦୀ ଶକ୍ତିମାନେ ବହୁବର୍ଷଧରି ନିଜର ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟବହାର କରିଛନ୍ତି ଓ ପୃଥିବୀର ଅର୍ଥନୀତିକୁ ନିଜକୁ ସୁହାଇଲାପରି ଗଠନ କରିଛନ୍ତି । ଆଜି ଆମେରିକାର ଯୁକ୍ତରାଷ୍ଟ୍ର ବା ଇଂଲଣ୍ଡ ବା ଫ୍ରାନ୍‌ସର ଉନ୍ନତି ପଛରେ ବହୁ ଶତାବ୍ଦୀବ୍ୟାପୀ ଏହି ଶୋଷଣ ଓ ଲୁଣ୍ଠନ ରହିଛି । ତେଣୁ ଆଜି ଅର୍ଥନୀତିକୁ ଆଉ ଥରେ ସଜାଡ଼ିବାକୁ ଯେଉଁ ସାହାଯ୍ୟ ଆବଶ୍ୟକ ତାହା ଯୋଗାଇବା ନୈତିକ ଦାୟିତ୍ୱ ଏହି ସାମ୍ରାଜ୍ୟବାଦୀ ଦେଶମାନଙ୍କର । ତେଣୁ ଏ ପ୍ରକାର ଆଲୋଚନାରେ ପ୍ରତ୍ୟକ୍ଷ ଭାଗ ଗ୍ରହଣ କରିବା ସୋଭିଏତ୍ ଋଷ ନିମନ୍ତେ ଅସଂଗତ ଓ ଅଯୌକ୍ତିକ ।

ଶିଳ୍ପ ବହୁଳ ପୁଞ୍ଜିବାଦୀ ରାଷ୍ଟ୍ରମାନଙ୍କରେ ଏବେ ସାଧାରଣତଃ ରକ୍ଷଣଶୀଳ ଶକ୍ତିଗୁଡ଼ିକ ଆଉ ଥରେ ସକ୍ରିୟ ହୋଇଥିବା ଲକ୍ଷ୍ୟ କରାଯାଉଛି । କିନ୍ତୁ ଏହି ଦେଶ-ମାନଙ୍କରେ ଏବେ ଅର୍ଥନୀତି କ୍ଷେତ୍ରରେ ସ୍ଥାଣୁତା ଓ ମୂଲ୍ୟବୃଦ୍ଧିର ମିଳନ ଘଟିଛି । ପୁଞ୍ଜିବାଦୀ ଦେଶମାନଙ୍କରେ ମୂଲ୍ୟବୃଦ୍ଧିର ହାର ଶତକଡ଼ା ଦଶରୁ ପଚିଶ ଭିତରେ ହୋଇଯାଇଥିବାବେଳେ ଦେଶର ଉତ୍ପାଦନ ବୃଦ୍ଧିର ହାର ତିନିରୁ ଛଅ ଭିତରେ ରହିଛି । ତା' ସହିତ ଶକ୍ତି ସଂକଟରୁ ରକ୍ଷାପାଇବା ନିମନ୍ତେ ବର୍ତ୍ତମାନ ସୁଦ୍ଧା କୌଣସି ଫଳପ୍ରଦ ବ୍ୟବସ୍ଥା ଆବିଷ୍କାର କରାଯାଇନାହିଁ । ପ୍ରତ୍ୟେକ ଉନ୍ନତ ଦେଶରେ ବେକାରୀ ବୃଦ୍ଧି ପାଇ ଲାଗିଛି । ପ୍ରତିବର୍ଷ ଏହି ପୁଞ୍ଜିବାଦୀ ଉନ୍ନତ ରାଷ୍ଟ୍ରମାନଙ୍କରେ ଲକ୍ଷଲକ୍ଷ ଯୁବକ ଯୁବତୀ କର୍ମ ସଂସ୍ଥାନ ନ କରିପାରି ନିଯୁକ୍ତି କ୍ଷେତ୍ରରେ ସଂକଟ ସୃଷ୍ଟି କରୁଛନ୍ତି । ଏହି ଅବସ୍ଥାରେ ଉନ୍ନତ ରାଷ୍ଟ୍ରର ଶାସକମାନେ ଉନ୍ନୟନଶୀଳ ଦକ୍ଷିଣରାଷ୍ଟ୍ରମାନଙ୍କର ଦାବୀଗୁଡ଼ିକୁ ସିଧା ସଳଖ ଭାବରେ ପ୍ରତ୍ୟାଖ୍ୟାନ କରିଦେବା ନିମନ୍ତେ ସାହସ ବା ଦୃଢ଼ତା ଦେଖାଇବାକୁ ପଛଘୁଞ୍ଚା ଦେଉଛନ୍ତି । ଏପରି ଅବସ୍ଥାରେ ଉତ୍ତରର ଧନୀ ରାଷ୍ଟ୍ର-ଗୁଡ଼ିକ ଭିତରେ ଚିନ୍ତାର ସଂକଟ ଓ ବିଗ୍ରହ ବିଭ୍ରାଟ ହୋଇଛି ।

କିନ୍ତୁ ଅପରପକ୍ଷରେ ଦକ୍ଷିଣର ଉନ୍ନୟନଶୀଳ ଓ ଅନୁନ୍ନତ ରାଷ୍ଟ୍ରଗୁଡ଼ିକର ନେତା ହିସାବରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ବିଚକ୍ଷଣ ନେତୃତ୍ୱ ଓ ପ୍ରଶଂସନୀୟ ବିଶ୍ଳେଷଣ କରି ଏହି ଆନ୍ତର୍ଜାତିକ ଅର୍ଥନୈତିକ ଓ ସାମାଜିକ ଅବସ୍ଥାର ପ୍ରକୃତ ସ୍ୱରୂପ ଦେଖାଇ ଦେଇଛନ୍ତି । ସମଗ୍ର ବିଶ୍ୱରେ ଆଗାମୀ ଦଶନ୍ଧିରେ ଖାଦ୍ୟ ସଂକଟ ଦେଖା ଦେଇପାରେ ବୋଲି ଆଶଙ୍କା ପ୍ରକାଶକରି ମାନବ ସମାଜକୁ ତାର ମୌଳିକ ଆବଶ୍ୟକତା ଖାଦ୍ୟ, ବସ୍ତ୍ର ଓ ଆବାସ ଯୋଗାଇଦେବା ନିମନ୍ତେ ସମସ୍ତଙ୍କର ଯୌଥ ନୈତିକ ଦାୟିତ୍ୱ ବିଷୟରେ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଏହି ସମ୍ମିଳନୀରେ ପୃଥିବୀର ସବୁ ନେତାମାନଙ୍କୁ ଆଉଥରେ ମନେ ପକାଇଦେଇଛନ୍ତି ।

ଆମେରିକାର ଯୁକ୍ତରାଷ୍ଟ୍ରର ବର୍ତ୍ତମାନ ଶାସକମାନେ ଦୁଇଶତ ବର୍ଷ ପୂର୍ବେ ପ୍ରଚଳିତ ଅର୍ଥନୀତିର ଚିନ୍ତାଧାରାକୁ ନୂତନ ନାମକରଣ କରି ନୂତନ ଭାଷାରେ ଏବେ ଅର୍ଥ-ନୈତିକ ଆଦର୍ଶରୂପେ ପୃଥିବୀ ଆଗରେ ଉପସ୍ଥାପନା କରିଛନ୍ତି । ହାଟବଜାରରେ ବ୍ୟବସାୟ ଚାଲିବାପରି ଅର୍ଥନୀତିକୁ ରାଷ୍ଟ୍ରପତି ରେଗାନ୍ ଆନ୍ତର୍ଦେଶୀୟ ଅର୍ଥନୀତିର ଆଦର୍ଶ ବୋଲି ଯୁକ୍ତି କରୁଛନ୍ତି । ଏହାକୁ ସେ "ମ୍ୟାଜିକ୍ ଅଫ୍ ମାର୍କେଟ୍ ପ୍ଲେସ୍" ବା "ହାଟର ଯାଦୁ" ବୋଲି ବର୍ଣ୍ଣନା କରିଛନ୍ତି ।

କନ୍ତୁ ବିଂଶ ଶତାବ୍ଦୀର ଶେଷ ଭାଗରେ ପୃଥିବୀର ଶତକଡ଼ା ସତୁରୀ ଭାଗ ଲୋକ ସେମାନଙ୍କର ମୌଳିକ ଆବଶ୍ୟକତା ଖାଦ୍ୟ ଓ ବସ୍ତ୍ର ପାଇଁ ଜୀବନ ସଂଗ୍ରାମ କରୁଥିବେ । ସେହି ବୁଭୁକ୍ଷୁ ଅଥଚ ତୀବ୍ର ଲାଳସାରେ

ଜର୍ଜରିତ ଲୋକମାନେ କଣ ବାକୀ ଶତକରା ତିରିଶ ଭାଗ ଲୋକଙ୍କ "ହାତର ଯାଦୁ" ସ୍ଥିରଭାବରେ ନୀରବ ଦର୍ଶକ ହୋଇ ଦେଖିପାରିବେ ? ସଂଖ୍ୟାଧିକ ଲୋକଙ୍କ କ୍ଷୁଧା ଓ ନିର୍ଯ୍ୟାତନାର ତାଡ଼ନାରେ ସଂଖ୍ୟାନ୍ୟୁନ ଲୋକଙ୍କ ଯାଦୁ ଶୂନ୍ୟରେ ମିଳାଇଯିବାକୁ କେତେଦିନ ଲାଗିବ ? ସେହି ଅସନ୍ତୋଷ ଉତ୍ତାପ ବିପ୍ଳବରେ ପରିଣତ ହେବାକୁ କେତେକ୍ଷଣ ଦରକାର ?

ରାଷ୍ଟ୍ରପତି ରେଗାନଙ୍କ ଏହି ଯାଦୁର ବିଭିନ୍ନ ଅଂଶ ହେଉଛି :—

(୧) ବାଣିଜ୍ୟ ନିମନ୍ତେ ଆନ୍ତର୍ଦେଶୀୟ କଟକଣା ହ୍ରାସ (୨) ଶକ୍ତି ଓ ଖାଦ୍ୟ ବୃଦ୍ଧି କରିବା ନିମନ୍ତେ ପଦକ୍ଷେପ (୩) ପୁଞ୍ଜି ବିନିଯୋଗ ନିମନ୍ତେ ଅବସ୍ଥାର ଉନ୍ନତି ଓ (୪) ବିଭିନ୍ନ ଦେଶ ଭିତରେ ବୁଝାମଣାର ଉନ୍ନତି । ରାଷ୍ଟ୍ରାୟତ୍ତ ସଂସ୍ଥାର ଗୁରୁତ୍ୱ ହ୍ରାସକରି ବ୍ୟକ୍ତିଗତ ପୁଞ୍ଜି ଉପରେ ଆସ୍ଥା ପ୍ରକାଶ କରିବାକୁ ଆମେରିକାର ଯୁକ୍ତରାଷ୍ଟ୍ର ତୃତୀୟ ପୃଥିବୀ ଓ ଦକ୍ଷିଣର ରାଷ୍ଟ୍ରମାନଙ୍କୁ ଆହ୍ୱାନ ଦେଉଛି ।

ତେଣୁ ବର୍ତ୍ତମାନର ସମସ୍ୟା ହେଉଛି ଉତ୍ତର ଓ ଦକ୍ଷିଣର ରାଷ୍ଟ୍ରମାନଙ୍କ ସମର୍ଥନ ଲାଭକରି ପାରିବା ଏକ ଦଲିଲ ପ୍ରସ୍ତୁତ କରିବା ।

ଭାରତର ପ୍ରଧାନମନ୍ତ୍ରୀ ମଧ୍ୟ ସେହି ସମାଧାନ ପଥ ଖୋଜି ବାହାର କରିବାକୁ ଆଗ୍ରହୀ । ଏହି ସମାଧାନର ପନ୍ଥା ନିର୍ଣ୍ଣୟ କରିବାକୁ ଅନନ୍ତ କାଳ ପଡ଼ିରହିନାହିଁ । କ୍ଷିପ୍ର ଗତିରେ ସମୟର ସ୍ରୋତ ସେହି ଶେଷ ମୁହୂର୍ତ୍ତକୁ ଧାବମାନ । ତା' ଆଗରୁ ଏ ସମସ୍ୟାର ସମାଧାନ ନ କଲେ କ୍ଷୁଧାର୍ତ୍ତ ଓ ଆଶାୟୀ ମାନବ ସମାଜ ଆଉ ବେଶୀଦିନ ଅପେକ୍ଷା କରିବନାହିଁ । ଫରାସୀ ବିପ୍ଳବ ବା ଋଷ୍ ବିପ୍ଳବ କେବଳ ସେହି ଦେଶ ଭିତରେ ସୀମିତ ହୋଇଥିଲା, କିନ୍ତୁ ଆଗାମୀ ବିପ୍ଳବ ସମଗ୍ର ପୃଥିବୀକୁ ଗ୍ରାସ କରିଯିବ ତା'ର ଲେଲିହାନ ଜିହ୍ୱା ଦ୍ୱାରା ।

ଏହି ବିପ୍ଳବ ଏଡ଼ାଇବାକୁ ରାଷ୍ଟ୍ର ନେତାଙ୍କ ପାଖରେ ଆଉ ସ୍ୱଳ୍ପ ସମୟ ରହିଛି । ସେହି ଶେଷ ହୋଇ ଆସୁଥିବା ଅତି ଅଳ୍ପ ସମୟ ଭିତରେ ସମାଧାନର ପନ୍ଥା ବାହାର କରିବାକୁ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ଚେଷ୍ଟା ନିଶ୍ଚୟ ଏକ ଶୁଭ ସଂକେତ ।

କାଙ୍କୁନ୍ ସମ୍ମିଳନୀରେ କୌଣସି ନିର୍ଦ୍ଦିଷ୍ଟ କର୍ମସୂଚୀ ଆଗରୁ ସ୍ଥିର କରାଯାଇ ନ ଥିଲା । ସମ୍ମିଳନୀ ଶେଷ ହେଲାପରେ ମଧ୍ୟ କୌଣସି ଫଳାଫଳ ସୂଚକ ମିଳିତ ଘୋଷଣା ପ୍ରକାଶ ପାଇନାହିଁ । ରାଷ୍ଟ୍ରମୁଖ୍ୟମାନଙ୍କର ଏହି ଖୋଲାଖୋଲି ଭାବ ବିନିମୟ ନିଷ୍ଫଳ ପ୍ରଶ୍ନର ମାଧ୍ୟମ ଓ ଲୋକଲୋଚନର ଅନ୍ତରାଳରେ ଆରମ୍ଭହୋଇ ଶେଷ ହୋଇଗଲା ।

ସମ୍ମିଳନୀ ଶେଷରେ ଶ୍ରୀମତୀ ଇନ୍ଦିରାଗାନ୍ଧୀ କହିଥିଲେ ଯେ କାଙ୍କୁନ୍ ସମ୍ମିଳନୀ ଆନ୍ତର୍ଜାତିକ ଶାନ୍ତି ପଥରେ ଏକ ପଦକ୍ଷେପ ଓ ତା'ର ପରବର୍ତ୍ତୀ ପଦକ୍ଷେପ ନିମନ୍ତେ ଏକ ଭୂମିକା ସୃଷ୍ଟି କରିବ । ଏହି ସମ୍ମିଳନୀରେ ଆନ୍ତର୍ଜାତିକ ଅର୍ଥନୀତି କ୍ଷେତ୍ରରେ ଯେଉଁ ଉଦ୍ୟମ ଆରମ୍ଭ ହୋଇଥିଲା ତାର ପରିଣତି ଦିଲ୍ଲୀଠାରେ ଏହି ଫେବୃଆରୀ ମଧ୍ୟଭାଗରେ ଅନ୍ୟ ଏକ ସମ୍ମିଳନୀ । ଏହି ଦିଲ୍ଲୀ ସମ୍ମିଳନୀ ପୃଥିବୀର କେବଳ ଦକ୍ଷିଣ ରାଷ୍ଟ୍ର ଅର୍ଥାତ୍ ଉନ୍ନତଶୀଳ ରାଷ୍ଟ୍ରମାନଙ୍କର ମୁଖ୍ୟମାନଙ୍କ ସହଯୋଗ କ୍ଷେତ୍ର ପ୍ରସ୍ତୁତ କରିବ ।

ଉନ୍ନତ ତଥା ଧନଶାଳୀ ରାଷ୍ଟ୍ରମାନଙ୍କର ଲୋଭ ଓ ଶୋଷଣରୁ ପୃଥିବୀର ସବୁ ଦେଶମାନଙ୍କୁ ରକ୍ଷା କରିବାକୁ ଦିଲ୍ଲୀ ସମ୍ମିଳନୀ ଏକ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଆଶା କରିବା ସ୍ୱାଭାବିକ । ଉନ୍ନତ ମାନର ଜୀବନ ଯାପନ କରିବା ନିମନ୍ତେ ଆଗାମୀ ଯୁଗରେ ଯେଉଁ ଆବଶ୍ୟକତା ରହିବ ତା'ର ପୂରଣ କରିବା ନିମନ୍ତେ ଏହି ଦିଲ୍ଲୀ ସମ୍ମିଳନୀରେ ବିଶ୍ୱର ସ୍ପଷ୍ଟଭାବରେ ପ୍ରକାଶ ପାଇବ ବୋଲି ଆଶା କରାଯାଉଅଛି ।

## ସଞ୍ଚୟ ଗ୍ରାମ ଘୋଷିତ

କଟକ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ବ୍ଲକର ବରଡା ଗ୍ରାମକୁ ସଞ୍ଚୟ ଗ୍ରାମ ରୂପେ ଘୋଷଣା କରାଯାଇଛି । ଏହି ଗ୍ରାମର ୩୧୨ଟି ପରିବାର ମଧ୍ୟରୁ ୩୦୦ଟି ପରିବାର ସଞ୍ଚୟ ପାସ୍‌ବହି ଖୋଲି ୯୮,୬୦୩ ଟଙ୍କା ଜମା କରିଛନ୍ତି ।



**ଶ୍ରମ ଏବ ଜୟତେ**

# ପ୍ରଧାନମନ୍ତ୍ରୀଙ୍କର ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମ

ଜଳସେଚନର ପରିସର ବୃଦ୍ଧି ଏବଂ ଶୁଷ୍କାଞ୍ଚଳ କୃଷି ଜମିରେ ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ କାରିଗରୀ କୌଶଳ ଓ ଉପକରଣର ଉନ୍ନତି ସାଧନ ।

ଡାଲିଜାତୀୟ ଓ ତୈଳବୀଜର ଉତ୍ପାଦନ ବୃଦ୍ଧି ଲାଗି ସ୍ୱତନ୍ତ୍ର ପ୍ରଚେଷ୍ଟା

ସମନ୍ୱିତ ଗ୍ରାମ ଉନ୍ନୟନ ଏବଂ ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମର ସୁଦୃଢ଼ୀକରଣ ଓ ପରିସର ବୃଦ୍ଧି ।

କୃଷି ଜମିର ସର୍ବୋଚ୍ଚ ସୀମା ଧାର୍ଯ୍ୟ ଓ ବଳକା ଜମି ବଣ୍ଟନ ପାଇଁ ବ୍ୟବସ୍ଥା । ସମସ୍ତ ପ୍ରକାର ଶାସନଗତ ତଥା ଆଇନଗତ ବାଧା ଦୂରକରି ଜମିଜମା ରେକର୍ଡ କାର୍ଯ୍ୟର ସଂପୂର୍ଣ୍ଣ ସଂପାଦନ ।

କୃଷି ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀର ସମୀକ୍ଷା ଓ ତାହାକୁ କାର୍ଯ୍ୟକାରୀ କରିବା ଲାଗି ଦୃଢ଼ ପଦକ୍ଷେପ ।

ଗୋତି ଶ୍ରମିକଙ୍କ ଥଇଥାନ

ହରିଜନ ଓ ଆଦିବାସୀଙ୍କ ଉନ୍ନତି ପାଇଁ ତ୍ୱରାନ୍ୱିତ କାର୍ଯ୍ୟକ୍ରମ

ଜଳାଭାବଗ୍ରସ୍ତ ଗ୍ରାମଗୁଡ଼ିକୁ ପାନୀୟ ଜଳ ଯୋଗାଣ

ଗ୍ରାମାଞ୍ଚଳରେ ବାସହୀନ ଲୋକଙ୍କ ପାଇଁ ଘରଡ଼ିହ ଯୋଗାଣ ତଥା ଗୃହ ନିର୍ମାଣ ପାଇଁ ସହାୟତା

ବସ୍ତି ଅଞ୍ଚଳର ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି ବିଧାନ ତଥା ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ବାସଗୃହ ନିର୍ମାଣ କାର୍ଯ୍ୟକ୍ରମ ରୂପାୟନ ଓ ଜମିର ଅସ୍ୱାଭାବିକ ମୂଲ୍ୟ-ବୃଦ୍ଧିର ନିୟନ୍ତ୍ରଣ ।

ସର୍ବାଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ବିଦ୍ୟୁତ୍ କର୍ତ୍ତୃପକ୍ଷଙ୍କର କାର୍ଯ୍ୟରେ ଉନ୍ନତି ବିଧାନ ଓ ସବୁ ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଣ ।

ବନୀକରଣ ତଥା ସାମାଜିକ ଓ କୃଷି ଜଙ୍ଗଲ ସୃଷ୍ଟିପାଇଁ ପ୍ରଗାଢ଼ ଉଦ୍ୟମ ତଥା ଶକ୍ତିର ବିକଳ୍ପ ଉତ୍ସ ଭାବେ ଜୈବିକ ବାଷ୍ପ ଓ ବିକଳ୍ପ ଶକ୍ତି ଉତ୍ସର ବିକାଶ ।

ସ୍ୱେଚ୍ଛାକୃତଭାବେ ପରିବାର ନିୟୋଜନକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା

ସାର୍ବଜନୀନ ପ୍ରାଥମିକ ସ୍ୱାସ୍ଥ୍ୟ ସୁବିଧାର ସଂପ୍ରସାରଣ ଏବଂ କୁଷ୍ଠ, ଯକ୍ଷ୍ମା ଓ ଦୃଷ୍ଟିହୀନତା ବିଲୋପ ପାଇଁ ଉଦ୍ୟମ ।

ମହିଳା ଓ ଶିଶୁ କଲ୍ୟାଣ ତଥା ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ବିଶେଷକରି ଆଦିବାସୀ ଓ ଅନୁନ୍ନତ ଅଞ୍ଚଳରେ ଏହି କାର୍ଯ୍ୟକ୍ରମର ଦ୍ରୁତ ପ୍ରସାର ।

୬ରୁ ୧୪ ବର୍ଷ ବୟସ ସମସ୍ତ ବାଳକ ବାଳିକା ବିଶେଷ କରି ବାଳିକାଙ୍କ ମଧ୍ୟରେ ସାର୍ବଜନୀନ ମୌଳିକ ଶିକ୍ଷା ପ୍ରସାର ପାଇଁ ଉଦ୍ୟମ । ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମରେ ରତ ଛାତ୍ର ଓ ସ୍ୱେଚ୍ଛା-ସେବୀ ଅନୁଷ୍ଠାନମାନଙ୍କୁ ସହାୟତା ପ୍ରଦାନ ।


ଅଧିକ ସୁଲଭ ମୂଲ୍ୟ ଦୋକାନ ଜରିଆରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସଂପ୍ରସାରଣ, ଦୂରାନ୍ତ ଅଞ୍ଚଳରେ ଭ୍ରାମ୍ୟମାଣ ଦୋକାନ ଜରିଆରେ ଅତ୍ୟାବଶ୍ୟକ ପଦାର୍ଥ ଯୋଗାଣ ଏବଂ ଶିଳ୍ପ ଶ୍ରମିକ, ଛାତ୍ର, ଛାତ୍ରାବାସ ପାଇଁ ଖାଉଟି ଜିନିଷ ଯୋଗାଣ ସମେତ ପାଠ୍ୟପୁସ୍ତକ ଆଦି ଯୋଗାଣ ପାଇଁ ପଦକ୍ଷେପ ।

ଧାର୍ଯ୍ୟ ସମୟ ମଧ୍ୟରେ ଯୋଜନାଗୁଡ଼ିକର ସଫଳ ରୂପାୟନ ଲାଗି କୋହଳ ସର୍ତ୍ତରେ ପୁଞ୍ଜି ଲଗାଣ । ହସ୍ତଶିଳ୍ପ, ହସ୍ତତନ୍ତ, କ୍ଷୁଦ୍ର ଓ ଗ୍ରାମ୍ୟ ଶିଳ୍ପ ଆଦିର ବିକାଶ ପାଇଁ ସୁବିଧା ସୃଷ୍ଟି ।

ଚୋରାବେପାରୀ, ମହଜୁଦକାରୀ ଓ ଟିକସ ଫାଙ୍କୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ କଳାଧନ ରୋକିବା ପାଇଁ ପଦକ୍ଷେପ ।


ଦକ୍ଷତା ବୃଦ୍ଧି ଓ ଧାର୍ଯ୍ୟ ଉତ୍ପାଦନ କ୍ଷମତାର ପୂର୍ଣ୍ଣ ବିନିଯୋଗ ଆଦି ଜରିଆରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର କାର୍ଯ୍ୟରେ ଉନ୍ନତି ସାଧନ ।

( ଜାନୁୟାରୀ ୧୪, ୧୯୮୨ରେ
ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦେଇଥିବା ବେତାର ଭାଷଣ )



ରାଜଭବନରେ ୮।୬।୮୨ରେ ରାଜ୍ୟପାଳ ପୁନାଚାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡିଶା ବିଶ୍ୱବିଦ୍ୟାଳୟ କୁଳପତି ସମନ୍ୱୟ କମିଟିର ବୈଠକ ।

ରାଉରକେଲା ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶ୍ୱାଳ ।







ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ଉଲ୍ଲକା
ବାରିପଦାଠାରେ ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ
ଭୁବନେଶ୍ୱର ଠାରେ ଆଦିବାସୀ ପ୍ରଦର୍ଶନୀ
ଉଦ୍‌ଘାଟନ କରି ମଣ୍ଡପ ବୁଲି ଦେଖୁଛନ୍ତି





ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା
ଗୁରୁଡିଝାଟିଆଠାରେ ଚରଖା କେନ୍ଦ୍ର ଉଦ୍‌ଘାଟନ ।




ସାଧାରଣତନ୍ତ୍ର ଦିବସରେ ପୁଲିସ ପଦକ ପ୍ରଦାନ


ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୀରାକୁଦ ବନ୍ଧର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଘାଟନ




ପୁରୀରେ ସାଧାରଣତନ୍ତ୍ର ଦିବସ



୧୯୮୨ ଜାନୁଆରୀ ୨୬ ତାରିଖ ଦିନ ଭୁବନେଶ୍ୱର ସବ୍-ଡିଭିଜନର ୨୩ତମ ଜନ୍ମ ବାର୍ଷିକୀ ଉତ୍ସବରେ ମୁଖ୍ୟ ଶାସନ ସଚିବ ଶ୍ରୀ ଏସ୍. ଏମ୍. ପଟ୍ଟନାୟକ ।





ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଓ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁମୋହନ ପଟ୍ଟନାୟକ ଭୁବନେଶ୍ୱର ପୁଷ୍ପ ପ୍ରଦର୍ଶନୀ ପରିଦର୍ଶନ କରୁଛନ୍ତି ।



ଗୁରୁବିଦ୍ୟାପିଠରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍‌ବୋଧନ ।

ଶହୀଦ ଦିବସ ପାଳନ ଉପଲକ୍ଷେ ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଛ ଜାତିର ଜନକ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି ।






କଟକରେ ନେତାଜୀ ଜୟନ୍ତୀ ପାଳନ

ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଛଙ୍କ ସହିତ ଓଡ଼ିଆ ସାମ୍ବାଦିକତା ଡିପ୍ଲୋମାର ପାଠ୍ୟକ୍ରମର ଛାତ୍ରଗଣ ।



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଭାରତୀୟ କ୍ରିକେଟ ଦଳର ଅଧିନାୟକ ଶ୍ରୀ ସୁନୀଲ ଗାଭାସ୍କରଙ୍କୁ ଉପହାର ପ୍ରଦାନ କରୁଛନ୍ତି ।





୧୯୮୨ ଜାନୁଆରୀ ୨୭ ତାରିଖ ଦିନ କଟକଠାରେ ଅନୁଷ୍ଠିତ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ ମ୍ୟାଚ ।

# ପଠାଣି ସାମନ୍ତ

ଶ୍ରୀ କାର୍ତ୍ତିକେଶ୍ୱର ପାଣ୍ଡ

'ଯସ୍ୟ ନାସ୍ତି ସ୍ୱୟଂ ପ୍ରଜ୍ଞା
ଶାସ୍ତ୍ର ତସ୍ୟ କରୋତି କିମ୍,
ଲୋଚନାଭ୍ୟାଂ ବିହୀନସ୍ୟ
ଦର୍ପଣଂ କିଂ କରିଷ୍ୟତି' ।

ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କରିଛନ୍ତି ସାମନ୍ତ ଚନ୍ଦ୍ରଶେଖର । ସ୍ୱୀୟ ପ୍ରଜ୍ଞା ବଳରେ ଊନବିଂଶ ଶତାବ୍ଦୀରେ ୟୁରୋପ ଭୂଖଣ୍ଡରେ ଜ୍ୟୋତିର୍ବିଜ୍ଞାନାକାଶରେ ସେ ଉତ୍କଳ ଜ୍ୟୋତିଷ ରୂପରେ ପ୍ରତିଭାତ ହୋଇଥିଲେ । ଶାସ୍ତ୍ରଜ୍ଞାନ ଅପେକ୍ଷା ନିଜର ଧୀ ଶକ୍ତି ଓ ସାଧନା ବଳରେ ସେ ମହାମହୋପାଧ୍ୟାୟ ଉପାଧିର ଅଧିକାରୀ ହୋଇ ପାରିଥିଲେ । ଆଜି ଓଡିଶା କାହିଁକି—ସମଗ୍ର ଭାରତ ବର୍ଷ ଚନ୍ଦ୍ରଶେଖରଙ୍କ ଗୌରବରେ ଗୌରବାନ୍ୱିତ । ତାଙ୍କର 'ସିଦ୍ଧାନ୍ତ ଦର୍ପଣ' ଆଜି ମଧ୍ୟ ବିଂଶ ଶତାବ୍ଦୀରେ ବିଜ୍ଞାନ ଯୁଗରେ ଜ୍ୟୋତିଷ ସିଦ୍ଧାନ୍ତର ଯଥାର୍ଥ ଦର୍ପଣ ।

୧୮୩୫ ମସିହାରେ ଖଣ୍ଡପଡ଼ାର ବାଘେଲ ରାଜ-ବଂଶରେ ସେ ଜନ୍ମ ଗ୍ରହଣ କରିଥିଲେ । ରାଜା ବୈରାଗୀ ଭ୍ରମରବର ମର୍ଦ୍ଦରାଜଙ୍କ ପୁତ୍ର ନୃସିଂହ ମର୍ଦ୍ଦରାଜ । ତାଙ୍କ ପୁତ୍ର ଶ୍ୟାମବନ୍ଧୁ ଥିଲେ ଚନ୍ଦ୍ରଶେଖରଙ୍କ ପିତା । ତାଙ୍କ ମାତାଙ୍କ ନାମ ବିଷ୍ଣୁମାଳୀ । ବିଷ୍ଣୁମାଳୀ ଦେବୀ ଦଶଟି ପୁତ୍ର କନ୍ୟା ଜନ୍ମ କଲା ପରେ ମଧ୍ୟ କେହି ଜୀବିତ ନ ଥିଲେ । ଏଥିପାଇଁ ଦଂପତିଙ୍କର ଦୁଃଖର ସୀମା ନ ଥିଲା । ବିଷ୍ଣୁମାଳୀ ଦେବ ଦେବ ମହାଦେବ ଚନ୍ଦ୍ର-ଶେଖରଙ୍କର ବ୍ରତ ଆରମ୍ଭ କରିଥିଲେ । ଏକଦା ରାତ୍ରିରେ ନିଦ୍ରାବସ୍ଥାରେ ତାଙ୍କୁ ସ୍ୱପ୍ନାଦେଶ ହେଲା । ସେ ନିଦରୁ ଉଠି ଦେଖିଲେ ବିଛଣାରେ କ୍ଷୁଦ୍ର ଶାଳଗ୍ରାମଟିଏ । ନିର୍ଦ୍ଦେଶାନୁସାରେ ତାଙ୍କୁ ସେ ଗିଳି ପକାଇଲେ । ତାର ଦଶମାସ ଦଶ ଦିନ ପରେ ଚନ୍ଦ୍ରଶେଖର ଜନ୍ମଲାଭ କଲେ । ମହାଦେବ ଚନ୍ଦ୍ରଶେଖରଙ୍କ କୃପାରୁ ତାଙ୍କର ଜନ୍ମ ଲାଭ ହୋଇଥିଲା ବୋଲି ପିତା ମାତା ତାଙ୍କର ନାମ ଦେଇଥିଲେ ଚନ୍ଦ୍ରଶେଖର । କିନ୍ତୁ ସେମାନେ ତାଙ୍କୁ ପଠାଣି ବୋଲି ଡାକୁଥିଲେ । ତାଙ୍କର ଡାକ ନାମ ଥିଲା ପଠାଣି ! ପଠାଣି, ପଠାଣ ବିଜାତୀୟ ତୁଚ୍ଛ ନାମରେ ଡାକିଲେ ଯମ ଛାଡ଼ିଯିବ ବୋଲି ପିତା ମାତାଙ୍କର ବିଶ୍ୱାସ ଥିଲା । ଏହି ପଠାଣି ସାମନ୍ତ ନାମରେ ସାରା ଓଡ଼ିଶା ତାଙ୍କୁ ଜାଣେ ।

ତାଙ୍କର ବିଦ୍ୟା ଗୁରୁଙ୍କ ନାମ ଆନନ୍ଦ ମିଶ୍ର । ସେ ଜଗନ୍ନାଥ ଦାସଙ୍କ ଅତିବଡ଼ି ସଂପ୍ରଦାୟର ମଧୁସୂଦନ ମହାପାତ୍ରଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ଥିଲେ । ରାଜ ବଂଶରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ସେ ନିଜକୁ ହେୟ, ଅଧମ ଓ ଅଜ୍ଞ ମନେକରି ବିନୟରେ ଲେଖିଛନ୍ତି, ମୋର ବୁଦ୍ଧି ଦୈବାଧୀନ ଥିବାରୁ ମୁଁ ଭଗବତ ଭଜନରେ ତାଙ୍କୁ ନିଯୁକ୍ତ କଲା ବେଳେ, ସେ ଭଗବାନ ଜଗନ୍ନାଥ, ଭଜନ ଓ ଜପରୁ ତାଙ୍କୁ ଟାଣିଆଣି ଗଣିତ ବଜାର (ହାଟରେ) ଗଡ଼ ଗଡ଼ାଉଛନ୍ତି । ସେହି ପତିତ ପାବନ ଲକ୍ଷ୍ମୀକାନ୍ତ ହିଁ ମୋର ଏକମାତ୍ର ଶରଣ ।

ଛାତ୍ରାବସ୍ଥାରେ ଏକଦା ବିଦ୍ୟାଳୟରୁ ଘରକୁ ଫେରିବା ବେଳେ ଗଛର ପତ୍ର ଗହଳରେ ସୂର୍ଯ୍ୟ କିରଣ ତୀର୍ଯ୍ୟକ ଭାବରେ ପଡୁଥିବାର ଦେଖିଲେ । ବହିପତ୍ର ତଳେ ଥୋଇଦେଇ ସେ ସେହିଠାରେ ବସି ସୂର୍ଯ୍ୟଙ୍କୁ ଦେଖିଲେ । ଯେଉଁ ସୂର୍ଯ୍ୟଙ୍କୁ ଖାଲି ଆଖିରେ ଦେଖି ହୁଏ ନାହିଁ, ସେ ପତ୍ର ଗହଳିର ଫାଙ୍କରେ ଭଲ ଭାବରେ ଦେଖିବାକୁ ପାଇଲେ । ସେହିଠାରୁ ବାଉଁଶ ନଳୀ ସାହାଯ୍ୟରେ ଗ୍ରହ ଉପଗ୍ରହ ଦେଖିବା ଆରମ୍ଭ କଲେ । ତାଙ୍କର ଆଖି ଦୁଇଟି ଅତି ଅସାଧାରଣ ଥିଲା । ଖାଲି ଆଖିରେ ନଳୀ ସାହାଯ୍ୟରେ ସେ ଦିନରେ ମଧ୍ୟ ଗ୍ରହ-ନକ୍ଷତ୍ର ଦେଖି ପାରୁଥିଲେ; ଯାହାକି ଅତି ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ କେବଳ ସମ୍ଭବ । ଆଧୁନିକ ବିଜ୍ଞାନ ଏଥି ପାଇଁ ସ୍ତମ୍ଭୀଭୂତ ।

ପଠାଣି ସାମନ୍ତ ୧୮୬୯ ମସିହାରେ 'ସିଦ୍ଧାନ୍ତ ଦର୍ପଣ' ରଚନା ଆରମ୍ଭ କରିଥିଲେ ଏବଂ ୧୮୯୨ ମସିହାରେ ଶେଷ କରିଥିଲେ । ଆର୍ଯ୍ୟ ଭଟ୍ଟ, ବରାହ ମିହିର, ବ୍ରହ୍ମଗୁପ୍ତ, ଭାସ୍କରାଚାର୍ଯ୍ୟ ଓ ଶ୍ରୀପତି ଆଦି ଜ୍ୟୋତିର୍ବିଦଗଣଙ୍କ ସହିତ ପଠାଣି ସାମନ୍ତଙ୍କର ତୁଳନା କେବଳ କାର୍ଯ୍ୟରେ ନ ହୋଇ ପ୍ରତିଭାରେ ହେଲେ ମଧ୍ୟ ସମସ୍ତେ ଆଶ୍ଚର୍ଯ୍ୟ ହେବେ !

ଶିକ୍ଷା ଦୀକ୍ଷା ସେପରି ନ ଥାଇ ସେ କିପରି ଏମାନଙ୍କୁ ବଳି ଯାଇଥିଲେ—ତାହା ଭାବିବାର କଥା । ଭାରତର ପ୍ରସିଦ୍ଧ ନଗର ଉଜ୍ଜୟିନୀର ମାଧ୍ୟନ୍ଦିନ ରେଖାକୁ ଭାରତର ଲୋକେ ଏବଂ ପୃଥିବୀର ସବୁ ଦେଶ ମଧ୍ୟରେଖା ବୋଲି ମାନୁଥିଲେ ଏବଂ ସେହି ଅନୁସାରେ ଗ୍ରହ ଗଣତି କରୁଥିଲେ । ସୂର୍ଯ୍ୟ ସିଦ୍ଧାନ୍ତରୁ ଆରମ୍ଭ କରି ସବୁ ସିଦ୍ଧାନ୍ତରେ ଏହା ଅତି ସ୍ପଷ୍ଟ ଅକ୍ଷରରେ ଲିପି ବଦ୍ଧ ହୋଇ ରହିଅଛି । ଏହି ମାଧ୍ୟମିକ ରେଖା ଯେଉଁଠାରେ ପୃଥିବୀ ବିଷୁବକୁ କାଟିଛି ସେଇଠି ଲଙ୍କା ନଗରୀ ଥିଲା ଓ ମୟଦାନବ ସେଇଠି ତାର ମାନ ମନ୍ଦିର (observatory) ନିର୍ମାଣ କରି ଗ୍ରହ ପର୍ଯ୍ୟବେକ୍ଷଣ କରୁଥିଲା ।

ପଠାଣି ସାମନ୍ତ ପାଖରେ କିଛି ନ ଥାଇ ସେ କିପରି ଆମପାଇଁ ସାଧନା କରି ଯାଇଥିଲେ ତାହା ସମସ୍ତଙ୍କୁ ଚମତ୍କୃତ କରେ । ଗୋଟିଏ ଅହର୍ଗଣ ଆଣିବା ଏବଂ ତାକୁ ଦୋଷଶୁଦ୍ଧ କରିବାକୁ ଅତି କମ୍‌ରେ ଦିନେ ଲାଗି ଯାଉଥିବା ସ୍ଥଳେ ସେ ୧୦ (ଦଶ) କୋଟି ସୌର ବର୍ଷର ଅଲଗା ଅଲଗା ଅହର୍ଗଣ ଆଣି ଆମ ସୁବିଧା ନିମନ୍ତେ ଥୋଇ ଦେଇଛନ୍ତି । ପଠାଣି ସାମନ୍ତଙ୍କର ‘ ଭୂ ଭ୍ରମା ଭ୍ରମ’ ମତବାଦକୁ ପ୍ରଫେସର ଯୋଗେଶ୍ ଚନ୍ଦ୍ର ରାୟ ପୃଥିବୀର ବହୁ ଜ୍ୟୋତିର୍ବିଦଙ୍କ ସମକ୍ଷରେ ଉପସ୍ଥାପିତ କରିଥିଲେ । ଯୁକ୍ତିରେ ସେ ସେମାନଙ୍କୁ ପରାସ୍ତ କରିଥିଲେ । ସେଥିପାଇଁ ଭାରତର ତାତ୍‌କାଳିକ ବଡ଼ଲାଟ (ଭାଇସ୍‌ରାଏ) ତାଙ୍କୁ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରିଥିଲେ । ପଞ୍ଜିକା ଗଣନା ପାଇଁ ଠାକୁର ରାଜା ଗଜପତିଙ୍କଠାରୁ ସେ ହରିଚନ୍ଦନ ମହାପାତ୍ର ଉପାଧି ଲାଭ କରିଥିଲେ । ଆକୁମାରିକା ହିମାଳୟ ପଠାଣି ସାମନ୍ତଙ୍କ ପ୍ରତିଭା ବିଚ୍ଛୁରିତ ହୋଇଥିଲା ।

ପରବର୍ତ୍ତୀକାଳରେ ପୃଥିବୀବାସୀ ଏପରି ଏକ ମହାନ ପ୍ରତିଭାର ସନ୍ଧାନ ପାଇଥିଲେ । ବ୍ରିଟିଶ ବିଜ୍ଞାନ ପତ୍ରିକା ନେଚର Nature (ନେଚର) ଙ୍କ ମତରେ; ‘Professor Roy compares the author of Sidhant Darpana to Tyco. But we shall imagine him greater than Tyco.’ ଏହି ମହାନ ପ୍ରତିଭା ପଠାଣି ସାମନ୍ତ କେବଳ ଜ୍ୟୋତିର୍ବିଦ୍ ନ ଥିଲେ । ସେ ଥିଲେ ଜଣେ ଉଚ୍ଚ କୋଟିର କବି । କଠିନ ଗଣିତ ଶାସ୍ତ୍ରର ଛନ୍ଦବଦ୍ଧ ଶ୍ଳୋକ ମାଧ୍ୟମରେ ସେ ସୁଶ୍ରାବ୍ୟ କରି ପାରିଥିଲେ ।

“ତତ୍ ମଧ୍ୟମ ମାର୍ତ୍ତଣ୍ଡ ପରିତୋ ମଣ୍ଡଳଂ ଭୁବଃ
ଭ୍ରମନ୍ ତାରା ଖେଚରାଣାଂ କକ୍ଷା ମଧ୍ୟସ୍ଥ ଉଚ୍ୟତେ ।

(ମଧ୍ୟମ ରବି ପୃଥିବୀ ପରିଭ୍ରମଣ କରନ୍ତି । ଏହି ମଧ୍ୟମ ରବି କ୍ଷେତ୍ର ଓ କେନ୍ଦ୍ରରେ ସର୍ବଦା ରହିଛନ୍ତି । ୨,୫୦୦ (ଅଢ଼େଇ ହଜାର) ଶ୍ଳୋକରେ ସେ ସିଦ୍ଧାନ୍ତ ଦର୍ପଣ ରଚନା କରିଛନ୍ତି । ଏଥିପାଇଁ ତାଙ୍କୁ ୨୩ ବର୍ଷ ପ୍ରଗାଢ଼ ସାଧନା କରିବାକୁ ପଡ଼ିଥିଲା ।

‘ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ
ଯାବତ୍ ଥିବ ଏ ମାନବ ହୃଦୟ’ ।

ଓଡ଼ିଶାରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ରାଧାନାଥ, ଫକୀର ମୋହନ ଓ ଅନ୍ୟାନ୍ୟ ବିଶିଷ୍ଟ ସାହିତ୍ୟିକମାନଙ୍କ କଲମରୁ ପଠାଣି ସାମନ୍ତଙ୍କ ପ୍ରଶସ୍ତି ଶୁଣାଯାଏ :

‘ଥିଲେଟି ପଠାଣି ସାମନ୍ତ
କାଠି ଦିଂଖଣ୍ଡ ଧରି

ଗଣିଥିଲେ ଗ୍ରହ ନକ୍ଷତ୍ର
ଗୋଟି ଗୋଟି କିପରି !

ଆହୁରି ମଧ୍ୟ—

ଯେଉଁ ସାମନ୍ତଟି କାଠି ଦିଖଣ୍ଡରେ ପୃଥିବୀକୁ ମାପିଛନ୍ତି, ଭୂଗୋଳ, ଖଗୋଳ, ତାରା ବିମଣ୍ଡଳ କକ୍ଷ ଯତ୍ନେ କରିଛନ୍ତି;

ଏହା ଥିଲା ତାଙ୍କର ସ୍ୱୀୟ ପ୍ରତିଭା । ଏହାକୁ ବାଦ ଦେଲେ ସେ ଥିଲେ ଜଣେ ଆଦର୍ଶ ମଣିଷ । ତାଙ୍କର ଜୀବନୀର କିଛି ଅଂଶ ତାଙ୍କୁ ବିଶେଷ ବିଶେଷ ଗୁଣର ଅଧିକାରୀ କରିଛି ।

ସେ ବର୍ଷରେ ଦୁଇଥର ଜଗନ୍ନାଥ ଦର୍ଶନରେ ଯାଉଥିଲେ । ଜଗନ୍ନାଥଙ୍କ ଧାମରେ ପହଞ୍ଚିଲେ, ତାଙ୍କ ହୃଦୟ ଭାବାବେଗରେ ଉଦ୍‌ବେଳିତ ହୋଇ ଉଠୁଥିଲା । ବାଇଶି ପାବଛର ପ୍ରାରମ୍ଭରୁ ପ୍ରତ୍ୟେକ ପାବଛର ଧୂଳି ମୁଣ୍ଡରେ ମାରି ସେ ଆଗଉ ଥିଲେ । ମନ୍ଦିରର ଅର୍ଗଳି ନିକଟରେ ପ୍ରତିହାରୀମାନଙ୍କର ବେତ୍ରାଘାତକୁ ସେ ପାତକ ନାଶନ ବୋଲି ମନେ କରୁଥିଲେ । ସେଥିପାଇଁ ସେ ବେତ୍ରାଘାତ ସମୟରେ କହୁଥିଲେ, ‘କୃତୋସ୍ମି’ ‘ଧନ୍ୟୋସ୍ମି’। ଜଗନ୍ନାଥଙ୍କ ଦର୍ଶନରେ ସେ ବିଗଳିତ ହୋଇ ପଡୁଥିଲେ ।

୧୮୬୬ ମସିହାରେ ଯେତେବେଳେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ଦେଖା ଦେଇଥିଲା ଲୋକେ ଅନାହାରରେ ଆର୍ତ୍ତ ଚିତ୍‌କାର କରୁଥିଲେ, ସେତେବେଳେ ପଠାଣି ସାମନ୍ତ ତତ୍‌କାଳୀନ ଖଣ୍ଡପଡ଼ାର ରାଜା ନଟବର ମର୍ଦ୍ଦରାଜଙ୍କ ଠାରେ ସେ କିପରି ଚଳିବେ, ଆପତ୍ତି ଉଠାଇ ଥିଲେ। ରାଜା ନଟବର ତାଙ୍କୁ କଣ୍ଟିଲୋରୁ ତିନି ଗାଡ଼ି ଧାନ ଆଣିବାକୁ ଲେଖି ଦେଇଥିଲେ । ତଦନୁସାରେ ସେ କଣ୍ଟିଲୋରୁ ତିନି ଗାଡ଼ି ଧାନ ନେଇ ଆସିଲେ । ତନି ଗାଡ଼ି ଧାନ ଗାଁ ଦାଣ୍ଡରେ ପହଞ୍ଚିଲା ମାତ୍ରେ ତାଙ୍କ ପଡ଼ୋଶୀମାନେ ବେଢ଼ିଗଲେ । ସେମାନେ ଅନାହାରରେ କିପରି ବଞ୍ଚିବେ ? ସେମାନଙ୍କୁ କିଛି ଧାନ ଦେବାକୁ ପଡ଼ିବ । ସେଇଠୁ ସେ ଦୁଇ ଗାଡ଼ି ଧାନ ସେମାନଙ୍କୁ ଦେଇ ଗାଡ଼ିଏ ଧାନ ଧରି ଘରକୁ ଫେରିଲେ । ଘରଣୀ ଜାଣିଛନ୍ତି, ସେ ତିନି ଗାଡ଼ି ଧାନ ଧରି ଫେରୁଛନ୍ତି । ସେ କେବଳ ଗାଡ଼ିଏ ଧାନ ଦେଖି ତାଙ୍କୁ ପଚାରିଲେ, ଦୁଇଗାଡ଼ି ଧାନ ଦେଇ ଆସିଲ ଆମେ ଚଳିବା କେମିତି ?

ପଠାଣି ଉତ୍ତର ଦେଲେ, 'ଆମେ ଚାଲିଯିବା' । ଏଇ ଗାଡ଼ିଏ ଧାନ ତ ଏଠାରେ ସରିଗଲା । ଯେଉଁ ଦୁଇଗାଡ଼ି ଧାନ ଦେଇ ଦେଲୁ ସେତିକି ଭବିଷ୍ୟତ ପାଇଁ ଆମର ଜମା ରହିଲା । 'ଦେଇଥିଲେ ପାଇ' । ଏଭଳି ହୃଦୟବତ୍ତାର ପରିଚୟ କେତେ ଜଣ ଦେଇଥାନ୍ତି ?

ପଠାଣି ସାମନ୍ତ ଜାଣିଥିଲେ—ପୃଥିବୀ ସ୍ଥିର । ସେହି ଅନୁସାରେ ତାଙ୍କର ସବୁ ଗଣନା । ଆଧୁନିକ ମତବାଦ ଅନୁସାରେ ପୃଥିବୀ ମଧ୍ୟ ବୁଲୁଛି ଏ କଥା ଜଣା ନ ଥିଲା । ସେହି ଅନୁସାରେ ତାଙ୍କର ଗଣନା ଯେ ନିର୍ଭୁଲ ନୁହେଁ ଏହା ପରବର୍ତ୍ତୀ କାଳରେ ସେ ଜାଣିଲେ । ତାଙ୍କର ତିନି-ପୁଅ । ବଡ଼ ପୁଅର ନାମ ଗଦାଧର । ଅନ୍ୟ ଦୁଇଜଣ ପୁଅ ହେଲେ ଯଦୁନାଥ ଓ ବାସୁଦେବ । ସେ ସମସ୍ତଙ୍କର ମୃତ୍ୟୁ କାଳ ନିର୍ଣ୍ଣୟ କରିଥିଲେ । ଯେତେବେଳେ ତାଙ୍କର ଦୁଇପୁଅ ଯଦୁନାଥ ଓ ବାସୁଦେବ ବର୍ଷେ ବ୍ୟବଧାନରେ ଇହଧାମରୁ ବିଦାୟ ନେଲେ ସେତେବେଳେ ତାଙ୍କର ନିଜ ଗଣନା ପ୍ରତି ବିଶ୍ୱାସ ତୁଟି ଗଲା । ସେ ନିଜର ମୃତ୍ୟୁ କାଳ ନିର୍ଣ୍ଣୟ ଭୁଲ ବୋଲି ଭାବିଲେ । ତାଙ୍କର ଜଗନ୍ନାଥ ଧାମରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପ୍ରୟାସ ତାଙ୍କୁ ବ୍ୟତିବ୍ୟସ୍ତ କରିଦେଲା । ସେ ପୁତ୍ର ଗଦାଧରଙ୍କୁ ଡ଼ାକି ତାଙ୍କର ଜଗନ୍ନାଥ ଧାମ ଯିବାର ତୁରନ୍ତ ବ୍ୟବସ୍ଥା କରି-ଦେବାକୁ କହିଲେ । ପୁତ୍ର ଗଦାଧର ସେହି ଅନୁସାରେ ଶିବିକାର ବନ୍ଦୋବସ୍ତ କରି ଦେଲେ ।

ଖଣ୍ଡପଡ଼ାରୁ ଶେଷ ବିଦାୟ ନେବା ପୂର୍ବରୁ ରାଜା ନଟବରଙ୍କ-ଠାରୁ ବିଦାୟ ନେବା କାଳରେ ସେ କହିଥିଲେ ମୁଁ ଚଉଦପାକୁ ଛାଡ଼ିବା ପାଇଁ ଚଉଦ କ୍ରୋଶ ଯାଉଛି ! ଶିବିକା ବାହକମାନେ ରାସ୍ତାରେ ବିଶ୍ରାମ ନେଲେ । ପଠାଣି ସାମନ୍ତ ବଡ଼ ବ୍ୟସ୍ତ ହୋଇ ପଡ଼ିଥିଲେ । କାଳେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ଜଗନ୍ନାଥଙ୍କଠାରେ ପହଞ୍ଚି ପାରିବେ ନାହିଁ । ସେ ପୁତ୍ର ଗଦାଧରଙ୍କୁ ଡ଼ାକି କହିଲେ, ବାପରେ ଶିବିକା ବାହକମାନଙ୍କୁ କିଛି ପଇସା ଯାଚି ଦେ । ସେମାନେ କାଳ ବିଳମ୍ବ ନ କରି ମୋତେ ଜଗନ୍ନାଥ ଧାମରେ ପହଞ୍ଚାଇ ଦେବେ । ସତକୁ ସତ ଗଦାଧର ସେୟା କଲେ, ପଠାଣି ସାମନ୍ତ ଜଗନ୍ନାଥ ଧାମରେ ପହଞ୍ଚିଲେ ।

ପୁରୀରେ କନିକା ରାଜାଙ୍କ ବସାରେ ରହି ସେ ଜଗନ୍ନାଥ ଦର୍ଶନକୁ ଆସୁଥିଲେ । ସେଠାରେ ତାଙ୍କୁ ମୃଦୁ ଜ୍ୱର ଆରମ୍ଭ ହେଲା । ଆସ୍ତେ ଆସ୍ତେ ଜ୍ୱରର ପ୍ରକୋପ ବଢ଼ିଲା । ସେ ଆଉ ମନ୍ଦିରକୁ ଆସି ଶ୍ରୀମୁଖ ଦର୍ଶନ କରି ପାରିଲେ ନାହିଁ । ଯେଉଁ ଦିନ ସେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିବେ, ସେ ଦିନ ସେ ପୁତ୍ର ଗଦାଧରଙ୍କୁ ପାଖକୁ ଡ଼ାକି କହିଲେ, ଏ ଅସ୍ନାନିଆ ଦେହରେ ଜଗନ୍ନାଥଙ୍କୁ ଡ଼ାକିବା ସମ୍ଭବ ହେଉ ନାହିଁ । ମୋତେ ସ୍ନାନ କରାଇ ଦିଅ ! ଡ଼ାକ୍ତରଙ୍କ ବାରଣ ସତ୍ତ୍ୱେ ତାଙ୍କୁ ସ୍ନାନ କରାଇ ନୂତନ ବସ୍ତ୍ର ପିନ୍ଧାଇ ଦିଆଗଲା । ଜଗନ୍ନାଥଙ୍କୁ ଜପି ଜପି କିଛି ସମୟ ପରେ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଏକ ମହାନ ପ୍ରତିଭାର ବିଲୟ ଘଟିଲା ।

ଆଜି ପଠାଣି ସାମନ୍ତ ସ୍ୱର୍ଗରେ ଅଛନ୍ତି, ଆମେ ତାଙ୍କରି ଜାତିର ବଂଶଧର । ତାଙ୍କ ପ୍ରତିଭାର ପୂଜା କରିବା ପରିବର୍ତ୍ତେ ତାଙ୍କ ପ୍ରତିମୂର୍ତ୍ତି ଦେହରୁ ତାଙ୍କ ମୁଣ୍ଡକୁ ଅଲଗା କରି ଦେଉଛୁ । ଏ ଜାତିର ଭାବୀ ବଂଶଧରମାନେ କେଉଁଆଡ଼କୁ ମୁହେଁଇଛନ୍ତି—ତାହା ସହଜରେ ଅନୁମେୟ । ଭାବୀ ପୁରୁଷମାନେ ପଠାଣି ସାମନ୍ତଙ୍କୁ ଯଥାଯୋଗ୍ୟ ସମ୍ମାନ ଦେଇ ପାରିଲେ ନାହିଁ । ଯେପରି ପଠାଣି ସାମନ୍ତ କହିଥିଲେ :

ତିଥି ଭାଦୌ ଘଟି ଭେଦୋ ଭାଗଭେଦଃ କୁଜାଦିଷୁ
ଭବିଷ୍ୟତ୍ୟସ ଭାଚ୍ ଦାନ୍ତଂ ନୈତେଭ୍ୟ ଇତି ମେ ମତି ।

ମୋର ଧାରଣା ଆଜିଠାରୁ ଅୟୁତବର୍ଷ ପରେ ମଧ୍ୟ ମୋର ଏ ଗଣନା ଠିକ୍ ଆଜିପରି ଦୃକ୍ ସିଦ୍ଧ ହେବ । ତିଥି, ନକ୍ଷତ୍ର ଆଦିରେ ଦଣ୍ଡ ଭେଦ ହେବ ନାହିଁ କି ମଙ୍ଗଳ ଆଦି ଗ୍ରହ ସ୍ଫୁଟ କଲାବେଳେ ଅଂଶ ଭେଦ ହେବ ନାହିଁ । ଏ ଗଣନାଦି ରଚନା ଅତି ମାତ୍ରାରେ ନିର୍ଭୁଲ ଥିବା ମୋର ବିଶ୍ୱାସ ।

ପିତୃ ସଂପତ୍ତିକୁ କ୍ଷୟ କଲେ ଅଯୋଗ୍ୟ ଓ ବୃଦ୍ଧି କଲେ ସୁଯୋଗ୍ୟ । ସାମନ୍ତଙ୍କ ଘରଠାରୁ ଗୋଦାବରୀ ଯାଏ ବ୍ୟାପିଥିବା କୀର୍ତ୍ତିକୁ ସୁଦୃଢ଼ କରିବା ଦରକାର ଥିଲେ ମଧ୍ୟ ପରବର୍ତ୍ତୀ ଦାୟାଦମାନେ ତାହା କରି ପାରି ନାହାନ୍ତି । ଏତେ ହେୟକରଣ ସତ୍ତ୍ୱେ ସାମନ୍ତଙ୍କ ଅଦ୍ୱିତୀୟ ସ୍ମୃତୀକୀର୍ତ୍ତିକୁ କଟକ ଧର୍ମଗ୍ରନ୍ଥ ଷ୍ଟୋର ବ୍ୟାଖ୍ୟା ସହିତ ପ୍ରକାଶ କରାଇ ମହାମହୋପା-ଧ୍ୟାୟଙ୍କୁ ଚିରସ୍ମରଣୀୟ କରିବାକୁ ଚେଷ୍ଟା କରିଛନ୍ତି । ତେଣୁ ସେ ଧନ୍ୟବାଦର ପାତ୍ର । ଆଜି ଜାନକୀ ବାବୁଙ୍କ ସରକାର ସାମନ୍ତଙ୍କ ପ୍ରତିଭା ରକ୍ଷା କରିବାରେ ସଚେଷ୍ଟ ।

ଆମରି ଭିତରେ ଆସହେ ସାମନ୍ତ
ଲକ୍ଷ ଦୀପାଳି ଜାଳି
ସ୍ୱତ ଜାତିର ଘୁଞ୍ଚିଣ ଯାଉ
ଅମା ଅନ୍ଧାର କାଳି "

ପରମ ପିତା ଆମକୁ ସହାୟ ହୁଅନ୍ତୁ । ଆମ ଜାତି ତାର ହୃତ ଗୌରବ ଫେରିପାଉ । ତମ ସୋ ମା- ଜ୍ୟୋତିର୍ଗମୟ ।

# ତତ୍ତ୍ୱ କୋଣାର୍କର

ଶ୍ରୀ ପୀତବାସ ମହାରଣା

ଅତୀତରେ ଦିନେ–ଶାମ୍ବ ନାମଧେୟ ନରପତି ନିଜର ମହାବ୍ୟାଧି ପ୍ରଶମନ ପାଇଁ କୌଣସି ବହୁଳ ଅମାବାସ୍ୟା ରାତ୍ରିରେ ଶ୍ରୀ ଶ୍ରୀ ଜଗନ୍ନାଥ ପୁରୁଷୋତ୍ତମଙ୍କ ନିକଟରେ ନିଜର ଦୈନ୍ୟ ପ୍ରକାଶ କରି ତାଙ୍କର କରୁଣା ଭିକ୍ଷା କରିଥିଲେ । ତାଙ୍କୁ ତୁଷ୍ଟ କରାଇବା ପାଇଁ ସପ୍ତଦିନ ବ୍ୟାପି ଅନଶନ ଆରମ୍ଭ କଲେ । ପରିଶେଷରେ ନୀଳାଦ୍ରି ବିହାରୀ ଜଗନ୍ନାଥ ତାଙ୍କୁ ସ୍ୱପ୍ନ ଦର୍ଶନ ଦେଇ କହିଥିଲେ–ନୀଳାଦ୍ରି ବିହାର ଐଶାନ୍ୟ କୋଣରେ ଚବିଶକ୍ରୋଶ ବ୍ୟବଧାନରେ ସୁପ୍ରସିଦ୍ଧ ଅର୍କ କ୍ଷେତ୍ର ବିଦ୍ୟମାନ, ସେ ସ୍ଥାନରେ ରାତ୍ର ଆର ପ୍ରବେଶ କରି–

"ଅଂଶୁମାନୁଭମୋ ଦେବୋରଗ୍ୟଜୁଃ ସାମଏବଚ, ହରି ଦଶ୍ୱସ୍ତ ମୋଦାରଃ ସପ୍ତସପ୍ତର୍ମରୀଚିମାନ୍, ଅଗ୍ନିଗର୍ଭୋ ଦିତେ୍ୟ ପୁତ୍ରଃ, ଶମ୍ଭୁ ସ୍ତିମିର ନାଶନଃ ପୂଷାଂ ବିଶ୍ୱମରୋମିତ୍ରଃ ସୁବର୍ଣ୍ଣ ସୁପ୍ରତାପବାନ୍, ଆତାପୀ ମଣ୍ଡଳୀ ଭାସ୍ୱାଂ ସ୍ତପନଃ ସର୍ବତାପନଃ, କୃତି ବିଶ୍ୱାମହାତେଜା ସର୍ବ ରତ୍ନ ମୟୋ ଭବଃ ।"

–ମହାପ୍ରତାପବାନ୍ ତପନଙ୍କୁ ପୂଜାକର । ସେ ହିଁ କେବଳ ତୁମର ଦାରିଦ୍ର୍ୟ ଘୁଞ୍ଚାଇ ପାରିବେ । ତହୁଁ ସପ୍ତମୀଗତେ ଅଷ୍ଟମୀରେ ବେଢ଼ା ପରିକ୍ରମଣ କାଳରେ, ମହାପ୍ରଭୁଙ୍କ ଶ୍ରୀ ଅଙ୍ଗରେ ନୂତନ ବସ୍ତ୍ର ଆଚ୍ଛାଦନ କରାଇ ଶାମ୍ବ ଐଶାନ୍ୟ କୋଣକୁ ନବମୀର ଏକ ଶୁଭ ମୁହୂର୍ତ୍ତରେ ଯାତ୍ରାରମ୍ଭ କଲେ । ଏହି ଦିନ ସୁପ୍ରଶସ୍ତ ଉତ୍ତରାୟଣ ମୁହୂର୍ତ୍ତ ଭୋଗ ହେଉଥିଲା । ସେ ଦଶମୀର ପ୍ରାତଃ କାଳ ପୂର୍ବେ ଅର୍କକ୍ଷେତ୍ର–ସମୁଦ୍ର ବେଳାରେ ଉପଗତ ହୋଇ ଦର୍ଶନକଲେ–

"ଅକ୍ଷରଶ୍ଚାକ୍ଷର ସ୍ୱେଦ ପ୍ରଭାକର ବିଭାକରୌ, ଚନ୍ଦ୍ରଶ୍ଚ ଚ୍ଛାଙ୍ଗଦଃ ସୌମ୍ୟା ହବ୍ୟକବ୍ୟ ପ୍ରଦାୟକଃ । ଅଙ୍ଗାରକୋ ଅଗଦୋ ଅଗସ୍ତି ରକ୍ତାଙ୍ଗସ୍ୱାଙ୍ଗ ବର୍ଦ୍ଧନଃ ବୁଧୋ ବୁଦ୍ଧା ସନୋ ବୁଦ୍ଧଃ ବୁଦ୍ଧାତ୍ମା ବୁଦ୍ଧି ବର୍ଦ୍ଧନମ୍ । ବୃହ ଭାନୁଃ ବୃହଦ୍‌ଭାସୋ ବୃହଦ୍ଧାତ୍ମା ବୃହସ୍ପତିଃ ଶୁକ୍ର ସ୍ତ୍ୱଂ ଶୁକ୍ଲାରେତାସ୍ତ୍ୱଂ ଶୁକ୍ଲାଙ୍ଗ ଶୁକ୍ଲ ଭୂଷଣଃ ଶନିମାନ୍ ଶନିରୂପସ୍ତ୍ୱଂ ଶନୈର୍ଗଚ୍ଛସି ସର୍ବଦା, ଅନାଦି ଆଦି ରାଦିତ୍ୟ ତେଜୋରାଶିର୍ମହାତପାଃ ଅନାଦି ଆଦି ରୂପସ୍ତ୍ୱଂ ମାଦିତ୍ୟୋ ଦିକ୍‌ପତି ର୍ଯମଃ ଭାନୁମାନ୍ ଭାନୁ ରୂପସ୍ତ୍ୱଂ ସ୍ୱର୍ଭାନୁ ର୍ଭାନୁ ଦୀପ୍ତିମାନ, ଧୂମକେତୁ ମହାକେତୁଃ ସର୍ବକେତୁ ରନୁତ୍ତମୋଃ ତିମିରା ବରଣ ଶମ୍ଭୁ ସ୍ରଷ୍ଟ ମାର୍ତ୍ତଣ୍ଡ ଏବଚ ।"

ଦର୍ଶନ କାଳରେ ସେ ପୂର୍ବଗିରିଙ୍କୁ ପ୍ରଥମେ ନମସ୍କାର ଜଣାଇଲେ । ଏହାପରେ ପଶ୍ଚିମଗିରି, ତଦୁତ୍ତାରେ ଉତ୍ତରଗିରି ଓ ଶେଷରେ ଦକ୍ଷିଣ ଗିରିଙ୍କୁ ନମସ୍କାର ଜଣାଇଲେ । ପରିଶେଷରେ ଧର୍ମ ମାନଙ୍କର ଯେ ଧର୍ମ–ଦେବତାମାନଙ୍କର ଯେ ଦେବତା–ଏ ସୃଷ୍ଟିର ଜନକ–ଗ୍ରହମାନଙ୍କର ଉତ୍‌ପତ୍ତି ଦାତା, ଉଦୟକାଳୀନ ସାକ୍ଷାତ ଯେ ସଦାଶୀବ ଲିଙ୍ଗ, ଯେ ସଦା ସର୍ବଦା ସାକ୍ଷାତ୍ ଭଗବାନ ବିଷ୍ଣୁ । ତାଙ୍କୁ–

"ନମୋ ନମୋ ସହସ୍ରାଂଶୋ ହ୍ୟାଦିତ୍ୟାୟ ନମୋ ନମଃ ।"

–କହି ଭକ୍ତି ସମର୍ପଣ କଲେ । ଏଥି ଉତ୍ତାରେ ଯୋଗରେ ଉପବିଷ୍ଟ ହେଲେ ଶାମ୍ବ–ଦଶମୀର ଏକ ବଳିଷ୍ଠ ଶୁଭ ମୁହୂର୍ତ୍ତରେ । ଗଡ଼ି ଚାଲିଲା ଦିବସ ପରେ ଦିବସ । ଆହାର ନାହିଁ, ବିହାର ନାହିଁ, ତ୍ରୟୋବିଂଶ ଦିବସ ଅତିକ୍ରାନ୍ତ । ଚତୁର୍ବିଂଶ ଦିବସ ଆଗତପ୍ରାୟ । ଏଇ ସନ୍ଧି କ୍ଷଣର ଏକ ବ୍ରାହ୍ମ ମୁହୂର୍ତ୍ତରେ ଯୋଗ ଜନ୍ମା ଶାମ୍ବଙ୍କର କାନେ କାନେ ଯେପରି କିଏ କହିଗଲା–

କରାଗ୍ରେ ବସତେ ଲକ୍ଷ୍ମୀ, କର ମଧ୍ୟେ ସରସ୍ୱତୀ
କର ମୂଳେ ଚ ଗୋବିନ୍ଦଂ ପ୍ରଭାତେ କର ଦର୍ଶନମ୍ ।

ସୂର୍ଯ୍ୟ କରର ଅଗ୍ରଭାଗରେ ଲକ୍ଷ୍ମୀ ନିବାସ କରନ୍ତି । କରମଧ୍ୟରେ ସରସ୍ୱତୀଙ୍କର ସ୍ଥିତି ଏବଂ କର ମୂଳରେ ନିଜେ ଗୋବିନ୍ଦ–ପ୍ରଭାତକାଳୀନ ସୂର୍ଯ୍ୟ ରୂପରେ ଏଇ ସୃଷ୍ଟିବାସୀଙ୍କୁ ଦର୍ଶନ ଦିଅନ୍ତି ।

–ହେ ଭକ୍ତ ! ମୋର କିରଣ ସ୍ପର୍ଶରେ ଏ ସୁପ୍ତ ସୃଷ୍ଟି ଚେଇଁ ଉଠେ, ସମଗ୍ର ଜୀବ ଜଗତ କର୍ମ ବ୍ୟାପୃତ ହୁଅନ୍ତି । ଯେହେତୁ ଲକ୍ଷ୍ମୀ କର୍ମ ସମୂହର ଅଧିପତି–ଅକର୍ମା ଲକ୍ଷ୍ମୀହୀନ ବୋଲି ସଚରାଚର ନିନ୍ଦିତ ହୋଇଥାଏ–କର୍ମହିଁ ଜୀବନ ଏବଂ ଗୋଟିଏ ଜୀବନ ଅନେକ କର୍ମର ସମଷ୍ଟି । ଲକ୍ଷ୍ମୀ ଯେହେତୁ ପଦ୍ମରାଗ ବର୍ଣ୍ଣା ଓ ପଦ୍ମରାଗର ଦ୍ୟୋତକ, ତେଣୁ ସେଇ ରଙ୍ଗ ମୋର ତୁମମାନଙ୍କ ପାଇଁ ପ୍ରଥମ ପ୍ରକାଶ ଅଟେ । ଏହାହିଁ ଗୋଟିଏ ଦିବସର ପୂର୍ବାହ୍ନ ଅଟେ । ପୁନର୍ବାର କର ମଧ୍ୟରେ ସରସ୍ୱତୀ ନିବାସ କରନ୍ତି । ସେ ଶ୍ୱେତ ବର୍ଣ୍ଣର ଆଭାସ ଦେଇ ଥାଆନ୍ତି ।

ଶ୍ୱେତ ପଦ୍ମାସନା ଦେବୀ ଶ୍ୱେତ ପୁଷ୍ପୋପଶୋଭିତା,
ଶ୍ୱେତାମ୍ବରାଧରାନିତ୍ୟା ଶ୍ୱେତ ଗନ୍ଧାନୁ ଲେପନା,
ଶ୍ୱେତାକ୍ଷୀ ଶୁଭ୍ର ହସ୍ତାଚ ଶ୍ୱେତ ଚନ୍ଦନ ଚର୍ଚ୍ଚିତା,
ଶ୍ୱେତ ବିଣାଧରା ଶୁଭ୍ରାଂ ଶ୍ୱେତାଳଙ୍କାର ଭୂଷିତା

ତେଣୁ ଦିବସର ମଧ୍ୟ ଭାଗ, ଜ୍ଞାନ ଗାରିମା ପ୍ରତ୍ୟେକର ଗନ୍ତାଘର, ସରସ୍ୱତୀ ତେଣୁ ବିଦ୍ୟାର ପରିସ୍ରୟକ, ସୌଖୀନ ଓ କଳାର ଆଧାର, ଏହାହିଁ ମୋର ମଧ୍ୟାହ୍ନର ଶୁଭ୍ର ସଳଖ କିରଣ ସଙ୍କେତ ଦେଇଥାଏ ।

କରଶେଷ–ଅର୍ଥାତ୍ କିରଣର ପ୍ରାନ୍ତ ଭାଗରେ ମୁଁ ନିଜେ ବିରାଜମାନ କରିଥାଏ । ସନ୍ଧ୍ୟାରେ ଗୋଟିଏ ଦିନ ପାଇଁ ସମସ୍ତ କର୍ମର ପରିସମାପ୍ତି ଘଟାଇଥାଏ । ଏହି ସମୟରେ ସୃଷ୍ଟି ମୋତେ ସମାପନ ଭାଗରୁ ଦର୍ଶନ କରିଥାଏ । ସମ୍ମୁଖରେ ଥାଏ ପୂର୍ବାହ୍ନ । ଦିବସର ତିନି ଭାଗକୁ ମୁଁ ତେଣୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଅର୍ଥାତ୍ ସୃଷ୍ଟି, ସ୍ଥିତି, ପ୍ରଳୟଙ୍କ ମଧ୍ୟରେ ବାଣ୍ଟି ଦେଇଥାଏ । ପ୍ରତ୍ୟେକେ ସେମାନେ ସଂପର୍କିତ ଭାଗକୁ ସେମାନଙ୍କର ସଂପୂର୍ଣ୍ଣ କର୍ମ ନିୟମରେ ପାଳନ କରି ଥାଆନ୍ତି । ତେଣୁ ମୁଁ ସମସ୍ତ କର୍ମର ଅଧୀପ ଅଟେ ।

ପୁଣି ହେ ଭକ୍ତ ! ମୁଁ ମାଘମାସର ଅରୁଣ ନାମକ ସୂର୍ଯ୍ୟ । ଆଜି ମାଘ ସପ୍ତମୀରେ ମୋର ଜନ୍ମ ଦିବସ । ଆଉମଧ୍ୟ ଆଜି ମୁଁ ସ୍ୱୟଂ ଚନ୍ଦ୍ରଭାଗରେ ଚନ୍ଦ୍ରଯୁକ୍ତ । ତେଣୁ ମୋ ନାମ ମଧ୍ୟ ଚନ୍ଦ୍ରଭାନୁ ଅଟେ । ଚନ୍ଦ୍ର ଓ ଭାନୁ–ମନ ଓ ଦେହର ସମୀକରଣ ରୂପ–ସମଗ୍ର ପୃଥିବୀ ବକ୍ଷରେ, ଏଇ ନିର୍ଦ୍ଦିଷ୍ଟ ଅଂଶ କଳାର ନିର୍ଦ୍ଦିଷ୍ଟ ମୁହୂର୍ତ୍ତ–ପୃଥିବୀ ଚନ୍ଦ୍ର, ସୂର୍ଯ୍ୟଙ୍କୁ, ଏକ ଅଂଶରେ ରୂପ ଦିଏ । ସେଇ ରୂପ–ଚନ୍ଦ୍ରଭାନୁ ରୂପ । ଏ ରୂପ ଦ୍ରଷ୍ଟାହିଁ ପରମ ଦ୍ରଷ୍ଟା ଅଟେ । ସେଇ ପରମ ସୌଭାଗ୍ୟ ଆଜି ତୁମର । ଏହି ଦର୍ଶନ–ଜ୍ୟୋତିଷରେ ସ୍ୱ ଦେହରେ ସ୍ୱର୍ଗପ୍ରାପ୍ତି ଯୋଗ ନାମରେ ବର୍ଣ୍ଣିତ । ଏହାହିଁ ମୋର ଧର୍ମ–ଚନ୍ଦ୍ରଭାଗାର ଇତିହାସ–

ଚକ୍ଷୁ ବିସ୍ତାରିତ କଲେ ଶାମ୍ବ–ସମ୍ମୁଖରେ ଅନନ୍ତ ଉର୍ମିହୀନ ସାଗର । ନିମ୍ନରେ–ମଧ୍ୟଭାଗରେ–ତଦୁର୍ଦ୍ଧ୍ୱେ ସୂର୍ଯ୍ୟ । ସାକ୍ଷାତ ଲିଙ୍ଗ ରୂପରେ ଭାସର–ସଦାଶୀବ ଲିଙ୍ଗ–ଶାମ୍ବଶୀବ । କଣ୍ଠରେ ତାଙ୍କର–

ଅଗ୍ନୀସୂର୍ଯ୍ୟୋ ସହସ୍ରାଂଶୋ ତେଜୋରାଶେ ଜଗପତେ,
ଅନୁକମ୍ପୟ ମାଂ ଦେବ ଗୃହାଣାର୍ଘ୍ୟଂ ନମୋସ୍ତୁତେ ।
ନମୋ ଭଗବତେ ତୁଭ୍ୟଂ ନମସ୍ତେ ଜାତ ବେଦସେ ।
ମମେଦ୍ ମର୍ଘ୍ୟଂ ଗୃହଣତ୍ୱଂ ଦେବ ଦେବ ନମୋସ୍ତୁତେ ।
ସର୍ବ ଦେବାଧି ଦେବାୟ ଆଧି ବ୍ୟାଧି ବିନାଶନେ
ଇଦଂ ଗୃହାଣମେ ଦେବ ସର୍ବବ୍ୟାଧି ବିନଶ୍ୟତୁ ।
ନମଃ ସୂର୍ଯ୍ୟାୟ ଶାନ୍ତାୟ ସର୍ବରୋଗ ବିନାଶନେ
ମମେପ୍ସିତଂ ଫଳଂ ଦତ୍ତ୍ୱା ପ୍ରସୀଦ ପରମେଶ୍ୱର ।

ବିଳପି ଉଠୁଥିଲ ବାଲୁକା ପ୍ରାନ୍ତର ଯେପରି–

ନମୋ ଭଗବତେ ସୂର୍ଯ୍ୟ କୁଷ୍ଠ ରୋଗାନ୍ ବିନାଶାୟ,
ଆୟୁରା ରୋଗ୍ୟ ମୈଶ୍ୱର୍ଯ୍ୟଂ ଦେହି ଦେବ ନମୋସ୍ତୁତେ ।

ଶାମ୍ବଙ୍କର କାମନା ପୂରଣ ହୋଇଥିଲା–ସେ ମହାବ୍ୟାଧି ମୁକ୍ତ ହୋଇଥିଲେ–କଥିତ ଅଛି ସେ ତଦୁପରେ ଲଙ୍ଗୁଳା ଉପାଧିରେ ଭୂଷିତ ହୋଇଥିଲେ ।

ଅନନ୍ତର ଶାମ୍ବ ପୁଣ୍ୟ ସ୍ଥାନ କୋଣାର୍କ–କିଭଳି ଭାବେ ମନୁଷ୍ୟ ଜାତିର ଉନ୍ନତି ସାଧନ କରି ପାରିବ, ତାର ଅନୁଶୀଳନ ପାଇଁ ଦେଶର ବିଶିଷ୍ଟ ସାଧକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ହିନ୍ଦୁ ଦର୍ଶନରେ ମନୁଷ୍ୟ ୮୪ ନର୍କ ଭୋଗ କରିବାର ପ୍ରବାଦ ଅଛି । ପ୍ରକୃତରେ ମନୁଷ୍ୟର ଯାବତୀୟ ଦୁଃଖହିଁ ନର୍କ ଅଟେ–ନିଜ ହସ୍ତରେ ୮୪ ଅଙ୍ଗୁଳ ପରିମିତ, ନିଜର ଶରୀର, ସମସ୍ତ ନର୍କ ଭୋଗର ଆଧାର ଅଟେ । ଫଳରେ ନର୍କ ବା ଦୁଃଖ ସମୂହ ୮୪ ନର୍କ ନାମରେ ଅଭିହିତ ହୁଅନ୍ତି । ବିଭିନ୍ନ ଭୋଗାଭୋଗ କାଳରେ ମନୁଷ୍ୟ ଭାଗ୍ୟ ଆଦରେ । ନିଜର ଏକ ଖଣ୍ଡ ପରିମିତ ହସ୍ତକୁ ନିରୀକ୍ଷଣ କରି ନିଜର କର୍ମ ଖୋଜେ । ସମସ୍ତ ଶରୀରର କେନ୍ଦ୍ର ସ୍ଥଳ ଶିରକୁ ହସ୍ତ ମଧ୍ୟରେ ଅଥବା ଗୁପି ରଖି ଚିନ୍ତାରେ ନିମଜ୍ଜିତ ହୁଏ । ଭାବେ–କ'ଣ କରିବି–? ହସ୍ତର ଖଣ୍ଡ ୧୨ ଅଙ୍ଗୁଳ ଓ ସମଗ୍ର ଶରୀର ୭ ଖଣ୍ଡ ଅଟେ । ସେଥିପାଇଁ କର୍ମ ସମୂହର ସାଧନ ସ୍ଥଳ ହସ୍ତକୁ ଦର୍ଶନ କରି ତଦ୍ୱାରା ମୁଖମଣ୍ଡଳ ସ୍ପର୍ଶ କଲେ ସୌଭାଗ୍ୟ ଲାଭ ହୋଇଥାଏ । ମୁଖମଣ୍ଡଳ ସମସ୍ତ ସୁଖ ଦୁଃଖର ପ୍ରକାଶସ୍ଥଳ ଅଟେ । ମୁଖମଣ୍ଡଳ ପାଇଁ ଚନ୍ଦ୍ରର ସାଦୃଶ୍ୟ ଦିଆଯାଏ । ଜ୍ୟୋତିଷରେ ମନ ଓ ଦେହର ପ୍ରତିନିଧିତ୍ୱ ପାଇଁ ଚନ୍ଦ୍ରହିଁ ବିବେଚିତ ହୋଇ ଥାଆନ୍ତି । ଚନ୍ଦ୍ର ଗ୍ରହ ନ ହୋଇ ମଧ୍ୟ ଜ୍ୟୋତିଷ ବୃତ୍ତ ମଧ୍ୟରେ, ପୃଥିବୀ ସ୍ଥାନରେ ବିଚରଣ କରନ୍ତି । ପୃଥିବୀ ଚତୁର୍ଦ୍ଦିଗରେ ପରିକ୍ରମଣ କରୁଥିବା ବିଜ୍ଞାନ ଜଗତର ଚନ୍ଦ୍ର, ୩୬୦ ଡିଗ୍ରୀ କକ୍ଷପଥ ପରିକ୍ରମଣ ପାଇଁ ୩୦ ଦିନ ସମୟ ନିଏ, ଫଳରେ ପ୍ରତ୍ୟହ ୧୨ ଡିଗ୍ରୀ ପରିକ୍ରମା କରୁଥିବା ଚନ୍ଦ୍ର, ହସ୍ତର ଏକ ଖଣ୍ଡ ବା ୧୨ ଅଙ୍ଗୁଳ ପରିମିତ ସ୍ଥାନ ପରିକ୍ରମଣ କରେ ବୋଲି କୁହାଯାଏ ଏବଂ ୮୪ ଅଙ୍ଗୁଳ ପରିମିତ ଶରୀରକୁ ୭ ଦିନରେ ସମାପ୍ତି କରି ସପ୍ତାହ ସୃଷ୍ଟି କରେ । ଶରୀରରେ ଚନ୍ଦ୍ର ଗଣନା ଏହାର ଦୃଷ୍ଟାନ୍ତ । ସେଥିପାଇଁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ୧୨ ଘଣ୍ଟା ଗଣିତ ହୁଏ ।

ବିଶେଷତଃ ମାଘ ସପ୍ତମୀ ଦିନ ଚନ୍ଦ୍ର ପ୍ରତ୍ୟହ ୧୨ ଡିଗ୍ରୀ ଗତି କରି ପୃଥିବୀର ୮୪ ଡିଗ୍ରୀ ଦ୍ରାଘିମା ଉପରେ ଗତି କରୁଥିବା କାଳରେ ଯଦି ଧନିଷ୍ଠା ନକ୍ଷତ୍ରଯୁକ୍ତ ହୋଇଥାଏ, ତେବେ ସୂର୍ଯ୍ୟ ଶୂନ୍ୟ ଡିଗ୍ରୀ ବା ଆନ୍ତର୍ଜାତିକ

ତାରିଖ ରେଖା ଉପରେ ସଳଖ କିରଣପାତ କରିବା ବେଳେ ପରିଷ୍କାର ପାଗ ଓ କୁଆର ଭଙ୍ଗା ବିହୀନ ସମୁଦ୍ର ଅଞ୍ଚଳ ସୃଷ୍ଟି କରିପାରେ ଓ ତେଣୁ ସୂର୍ଯ୍ୟ ପ୍ରତିଫଳନର ସୁଯୋଗ ପାଇ କିଛିକ୍ଷଣ ପାଇଁ ଶିବ ଲିଙ୍ଗ ରୂପରେ ପ୍ରତିଭାତ ହେବା କାଳରେ ସପ୍ତମୀ ଚନ୍ଦ୍ର ଛାୟା, ତାହାର ମସ୍ତକୋପରି ଯୁକ୍ତ ହୋଇ ଏକ ଅଭିନବ ଦୃଶ୍ୟ ସୃଷ୍ଟି କରେ । ଏହାହିଁ ଚନ୍ଦ୍ରଭାନୁ ରୂପ । ଏହି ବେଳର ସୂର୍ଯ୍ୟ କିରଣ ଜୀବଜଗତ ପାଇଁ କୋଟି କୋଟି ରସାୟନ, ବାଜୀକରଣ ପ୍ରଭୃତିର ସର୍ବୋପରି ସର୍ବୋତ୍ତମ ଅଟେ । ଏହି କିରଣ ଦୁର୍ଲଭ । ଅଲଭ୍ୟ ମଧ୍ୟ । ଏହାହିଁ ଶାମ୍ବଙ୍କର କୃଷ୍ଠ ରୋଗ ମୁକ୍ତିର କାରଣ । ତେଣୁ ଏହି ସମୟ (୮୪×୪)=୩୩୬ ମିନିଟ ବା ୫ ଘଡିବା ୩୬ ମିନିଟ, ବ୍ରାହ୍ମ ମୁହୂର୍ତ୍ତ ବୋଲି ସିଦ୍ଧାନ୍ତ କରାଯାଇଛି । ପୃଥିବୀ ବକ୍ଷରେ, ୮୪ ଡିଗ୍ରୀ ଦ୍ରାଘିମା ଉପରେ, ସମଗ୍ର ପୂର୍ବ ସମୁଦ୍ର ବେଳାରେ, ପ୍ରଶାନ୍ତ ମହାସାଗରର ଗଭୀରତମ ଅଞ୍ଚଳର ଉପକଣ୍ଠରେ, ସମସ୍ତ ଗ୍ରହ, ଉପଗ୍ରହ, ତାରା, ଜ୍ୟୋତିଷ୍କ ମଣ୍ଡଳର ଯେ କୌଣସି ପ୍ରଭାବିଶିଷ୍ଟ ଜ୍ୟୋତିଷ୍କର ପ୍ରତିଛବି ଗ୍ରହଣ କରି ପାରୁଥିବା ଓ ତାହା ପୁନରାୟ ଜୀବଜଗତର କଲ୍ୟାଣ ପାଇଁ ପ୍ରତିବିମ୍ବିତ କରିପାରୁଥିବା ଭଳି ସମକକ୍ଷ ବିନ୍ଦୁ ବା ସ୍ଥାନ ଚନ୍ଦ୍ରଭାଗା (କୋଣାର୍କ) ସମଗ୍ର ବିଶ୍ୱରେ ବିରଳ ।

ତେଣୁ ନିଜର ଅନ୍ତର ଦର୍ଶନ କରି ବା ଆତ୍ମ ନିରୀକ୍ଷଣ କରି, ଗ୍ରହ ଗ୍ରହାନ୍ତର ସାହାଯ୍ୟରେ ନିରୋଗ, ସୁସ୍ଥ ଓ ଦୀର୍ଘ ଜୀବନ ଲାଭ କରିବାର ଅନୁଶୀଳନ ପାଇଁ ଏହି ନର ନାର୍ଯ୍ୟଣ ବା କୋଣାର୍କ ମନ୍ଦିରର ନିର୍ମାଣ ।

ହେ ମାନବ ! ତାର ସ୍ୱାଦୁ ଆସ୍ୱାଦନ ପାଇଁ ଏବହୁଁ ବ୍ରତୀ ହୁଅ ।

## ଆଦିବାସୀ ଓ ହରିଜନ କଲ୍ୟାଣ ମନ୍ତ୍ରୀଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ

ବାରିପଦାଠାରେ ଅନୁଷ୍ଠିତ ଏକ ଜିଲ୍ଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ଜାନୁଆରୀ ୨୨ରେ ଉଦ୍‌ଘାଟନ କରି ଏବଂ ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଉଦ୍‌ବୋଧନ ଦେଇ ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ଉଲକା କହିଲେ ଯେ ମୟୂରଭଞ୍ଜ ଗୋଟିଏ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ସମ୍ବିଧାନ ନିୟମାନୁଯାୟୀ ଏହା ଏକ ତଫସିଲଭୁକ୍ତ ଜିଲ୍ଲା ହିସାବରେ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ପାଉଛି ଏବଂ ଏହି ଜିଲ୍ଲାରେ ବହୁବିଧ ଉନ୍ନୟନ-ମୂଳକ ଯୋଜନାମାନ କାର୍ଯ୍ୟକାରୀ ହେଉଛି । ଚଳିତ ଷଷ୍ଠ ଯୋଜନା କାଳରେ ଉପଯୋଜନା ଅନ୍ତର୍ଗତ ୧୧ଟି ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା କରିଆରେ ଆଦିବାସୀ ଲୋକଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ୬୧୭·୬୭ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଉଲ୍ଲେଖ କରି ଶ୍ରୀ ଉଲକା କହିଲେ ଯେ ଏହାଦ୍ୱାରା ଆସନ୍ତା ୪ ବର୍ଷ ମଧ୍ୟରେ ଆଦିବାସୀ ଅଧ୍ୟୁଷିତ ଅନୁନ୍ନତ ଅଞ୍ଚଳଗୁଡ଼ିକର ମାନଚିତ୍ର ବଦଳିଯିବ ଓ ଆଦିବାସୀ ଲୋକମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିଶ୍ଚୟ ସମ୍ଭବ ହେବ ।

# ଯୁବଶକ୍ତି ଓ ଆଜିର ସମାଜ

ଶ୍ରୀ ବ୍ରଜକିଶୋର ଚଟ୍ଟୋରାୟ

ନର, ବାନର, ଦେବ ଓ ଦାନବ ପ୍ରଭୃତି କଥା ପଢ଼ିଲେ ମନ ଭିତରେ ଯେପରି ଗୋଟିଏ ଗୋଟିଏ ଛବି ଆଙ୍କି ହୋଇଯାଏ ଏ ଯୁଗର ପିଲା କହିଲେ ମନ ଭିତରେ ସେହିପରି ଏକ ରୂପ ଜୀବନ୍ତ ହୋଇ ଉଠେ । ଅନ୍ତର୍ନିରୀକ୍ଷଣ ଢ଼ଙ୍ଗରେ ଟିକିଏ ଚିନ୍ତା କଲେ ସେ ରୂପର ପରିପାଟୀ, ଭାବଭଙ୍ଗୀ, ମନୋଭାବ, ସାମାଜିକ ସଂପର୍କ ଏବଂ ଚିନ୍ତାଧାରା ଇତ୍ୟାଦି ବ୍ୟକ୍ତିତ୍ୱର ପ୍ରତିଟି ଅଂଶ ଏକ୍ସ୍-ରେର ଫଟ ପରି ବେଶ୍ ପରିଷ୍କାର ଦିଶିଯାଏ ।

ବର୍ତ୍ତମାନ ସମାଜର ସମସ୍ତ ବୟସ ଓ ନେତୃସ୍ଥାନୀୟ ବ୍ୟକ୍ତି ଏପରି ବ୍ୟକ୍ତିତ୍ୱ ସଂଗରେ ସୁପରିଚିତ । ଏହି ରୂପରେଖ ଭିତରେ ଆସିଯାଏ ଏକ ଅଳ୍ପ ସ୍ୱାସ୍ଥ୍ୟହୀନ ଶରୀର, ହିପି ଢ଼ାଞ୍ଚାର କେଶ ବିନ୍ୟାସ ଓ ଦେହରେ ରଂଗ ବେରଂଗର ପୋଷାକ । ଚଳଚ୍ଚିତ୍ରରେ ଦେଖିଥିବା କୌଣସି ଏକ ରୋମାଞ୍ଚକାରୀ ନାୟକଙ୍କର ବେଶଭୂଷା ସଂଗେ ଅବିକଳ ସମାନ । ତା'ର ଚାଲିବାର ଚାଲି, ହସିବାର ଉନ୍ମାଦନା ଓ କଥା କହିବାର ଆପେକ୍ଷିକ ଗାମ୍ଭୀର୍ଯ୍ୟ ଆଦି ସବୁକିଛି ନିଖୁଣଭାବରେ ପ୍ରତିଫଳିତ ।

ଏହା ସାମାଜିକ ରୁଚି ପରିବର୍ତ୍ତନର ଏକ ଚଳନ୍ତି ନମୁନା; ଉଦୀୟମାନ ଯୁବ ସମାଜର ଏକ ସକ୍ରିୟ ସଂକେତ, ବିବର୍ତ୍ତନର ନୂତନ ଇଙ୍ଗିତ ।

ପଥପ୍ରାନ୍ତ, ପ୍ରେକ୍ଷାଳୟ ଅଥବା ସହରର କୋଳାହଳ-ପୂର୍ଣ୍ଣ ବିପଣି କେନ୍ଦ୍ର ହେଉ ସବୁଠାରେ ଏପରି ଯୁବକଙ୍କର ଉପସ୍ଥିତି ସଂପର୍କରେ ଅନ୍ୟମାନେ ସଂପୂର୍ଣ୍ଣ ସଚେତନ । ତା'ର ଦୃଷ୍ଟି ସହିତ ଦୃଷ୍ଟି ମିଶାଇବାକୁ କାହାର ସାହସ ହୁଏ ନାହିଁ ।

ସ୍ୱତଃ ମନେ ପଡ଼ିଯାଏ "ମଧୁବାବୁଙ୍କ ବର୍ଣ୍ଣବୋଧ"ର—

"ଅରଣା ମଇଁଷି ରହିଛି ଅନାଇ
ମଇଁଷିର ପାଖ ନ ଯାଅ ଦନାଇ"

ଏ ଦୃଷ୍ଟିଭଙ୍ଗୀ ମଧୁ ବର୍ଣ୍ଣବୋଧର ଦୀକ୍ଷାନ୍ତର ନାଁ ମୋ ଛବି ବହିର ପ୍ରୟୋଗାତ୍ମକ ରୂପାନ୍ତର !

ଜୀବନର ପ୍ରଥମ ପୁସ୍ତକରେ ସେ ଦେଖି ପାରିଛି ଅଦ୍ଭୁତ କଳ୍ପନା ସମ୍ଭୃତ ହନୁବୁଢ଼ାର ବୈଦ୍ୟ ବୃତ୍ତି, ଦୁଇ ବିରାଡ଼ିଙ୍କର ପିଠା କଳିରେ ଚତୁର ମାଙ୍କଡ଼ର ଟାଉଟରି କାରସାଦି ଆଉ ହାତୀ ଉପରେ ବାଘ, ବାଘ ଉପରେ ଛେଳି— ସବୁ କିଛି ଓଲଟ ପାଲଟ କରି ଦେବାର ସୃଜନାତ୍ମକ କଳା ଓ କୌଶଳ । ତେଣୁ, ନିଜର ଦକ୍ଷତା ଓ ଯୋଗ୍ୟତା ସାବ୍ୟସ୍ତ କରିବାରେ ସେ ପଶ୍ଚାଦପଦ ନୁହେଁ । 'ଆମର ଦାବୀ ପୂରଣ ହେଉ' ଶୋଭାଯାତ୍ରାରେ ସେ ଅଗ୍ରଣୀ ।

ଯୁବ ଜନତାର ସେ ଏକ ପ୍ରାମାଣିକ ସତ୍ୟ ।

ସରଳ ଜନ ସମୁଦ୍ର ଉପରେ ଦୃଷ୍ଟି ତାର ସଦା ସର୍ବଦା ନିବଦ୍ଧ । କିନ୍ତୁ ଏହା କଣ ଶରାହତ ହଂସର ବିକ୍ଷତ ପ୍ରାଣ ପ୍ରତି କରୁଣା ବିଗ୍ରହ ଗୌତମଙ୍କର ଆକୁଳ ଦୃଷ୍ଟିପାତ ନାଁ କ୍ରୌଞ୍ଚ ବଧକାରୀ ବ୍ୟାଧର ଶୀକାର ପିପାସା ? ଏହା ସମାଜର ପ୍ରଚଳିତ ଶିକ୍ଷା ଓ ଶିକ୍ଷଣ ପଦ୍ଧତିର ପ୍ରୟୋଗାତ୍ମକ ପ୍ରମାଣ, ଗୁଣାତ୍ମକ ବିକାଶର ପରିଚୟ ପ୍ରଦାନ ! ସେ ପଢ଼ିଛି ନାଦିରଶାହାର ଲୁଣ୍ଠନ କୌଶଳ, ହୁମାୟୁନଙ୍କର ମଦ୍ୟପାନ ପ୍ରତି ଆସକ୍ତି, ହିଟ୍‌ଲରର ଉଗ୍ର ବିଦ୍ୱେଷ, ଆଉ ଯୁଦ୍ଧ ମୋର୍ଚ୍ଚା ଭିତରେ ଜେନେରାଲ୍ ନିୟାଜିଙ୍କର ନାରୀ ମାଂସର ବିଳାପ ଆଦି ଅନେକ କଥା । ଏବେ ମଧ୍ୟ ସେ ସଦ୍ୟ ସମ୍ବାଦ ସଂଗ୍ରହ କରୁଛି, ଅନେକ ବିଷୟରେ—ବିମାନ ଅପହରଣ, ଫାଶି ଖୁଣ୍ଟରେ ଆତ୍ମାର ଘଟ ପରିବର୍ତ୍ତନ, ପରମାଣୁ ଯୁଦ୍ଧର ହୁଙ୍କାର ଆଉ ନିଜ ଦେଶର ସବୁ ସ୍ତରରେ ସରମୀ ଓ କିଳାପୋଡ଼ିର ଯାଦୁକରୀ ପ୍ରଭାବ ଇତ୍ୟାଦି, ଇତ୍ୟାଦି ।

ଶିକ୍ଷା ଓ ଅଭିଜ୍ଞତାର ପ୍ରତିଟି ସୋପାନରେ ସେ ମର୍ମେ ମର୍ମେ ଉପଲବ୍ଧି କରିଛି ଯେ ଶିକ୍ଷକ କେବଳ ଉପଦେଶ ଦିଅନ୍ତି, ଅଭିଭାବକ କେବଳ ତାଗିଦ୍ କରନ୍ତି ଆଉ ନେତାମାନେ କେବଳ ଆଦର୍ଶର ବାଣୀ ପ୍ରଚାର କରନ୍ତି । ସେମାନଙ୍କ ଭିତରୁ କେହି କିନ୍ତୁ କହି ବୁଲୁଥିବା ଆଦର୍ଶକୁ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରନ୍ତି ନାହିଁ । ତେଣୁ ଭାରତୀୟ ସଂସ୍କୃତି ଓ ପରମ୍ପରା କେବଳ ଭାଷଣର ବିଷୟବସ୍ତୁ, ଇତିହାସର ସ୍ମରଣିକା ।

କାର୍ଯ୍ୟ-କାରଣ ସଂପର୍କରୁ ସମସ୍ତ ଘଟଣାର ଉତ୍ପତ୍ତି । ପ୍ରତ୍ୟେକ କାର୍ଯ୍ୟର ନିର୍ଦ୍ଦିଷ୍ଟ ପରିଣାମ ଅଛି ।

ପ୍ରଚଳିତ ଶିକ୍ଷା ପ୍ରଣାଳୀ ଓ ସାମାଜିକ ନ୍ୟାୟ ବିଚାର ଧାରାରୁ ଜୀବନର ପାଥେୟ ସଂଗ୍ରହ କରି ନେଇଛି ।

ଜୀବନ ଯାତ୍ରାର ସଫଳତା ପାଇଁ ପବିତ୍ର ବେଦ ବର୍ଣ୍ଣିତ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ବା ଅହିଂସା କୌଣସିଟିର ପ୍ରୟୋଜନ ନାହିଁ । ସଂପ୍ରତି ସମାଜର ଶିକ୍ଷା, ବ୍ୟବସାୟ,

[illegible] ସ୍ୱାର୍ଥପର ବ୍ୟକ୍ତିପୁଞ୍ଜଙ୍କର ଆଚରଣ ବିଧିରେ ସେ ଦେଖି ପାରିଛି ମାନବ ଜାତିର ସମୂହ କଲ୍ୟାଣକାରୀ ମାନବିକ ମୂଲ୍ୟ-ବୋଧର କୌଣସି ଆବଶ୍ୟକତା ନାହିଁ । ସତ୍ୟ କେବଳ ବୃଥା ଆସ୍ଫାଳନ, ଧର୍ମ ଆଚରଣ କେବଳ ସାରଶୂନ୍ୟ ଭାଷଣ , ଶାନ୍ତି ଏକ ସ୍ୱପ୍ନ, ପ୍ରେମ ଏକ ବାହାନା ଆଉ ଅହିଂସା ହେଉଛି ନିଜର ହିଂସ୍ରତାକୁ ଗୋପନ ରଖିବା ପାଇଁ ଏକ ସୁନ୍ଦର ଆବରଣ । ତେଣୁ ଏ ସବୁ ତାର ଜୀବନ ଯାତ୍ରାକୁ ସୁଗମ କରିବା ପାଇଁ ନୁହେଁ ; ବରଂ ଯାତ୍ରା ପଥରେ ଦ୍ରୁତ ଗତି ନିରୋଧର ବ୍ୟବସ୍ଥା ମାତ୍ର ।

ନିଜ ଜୀବନର ଲକ୍ଷ୍ୟ ବିଷୟରେ ଆଜିର ଯୁବକ ଚିନ୍ତିତ ନୁହେଁ । ଚିନ୍ତା କରିବାର ଅବକାଶ ବା କାହିଁ ? ସେ କେବେ ବୁଝି ନାହିଁ କି କେହି କେବେ ତାକୁ ବୁଝାଇ ଦେଇ ନାହିଁ, ମନୁଷ୍ୟ ଜୀବନର ଲକ୍ଷ୍ୟ କ'ଣ ? କେହି କେବେ ଏ ବିଷୟରେ ତାର ଚେତନା ଜାଗ୍ରତ କରାଇ କହି ନାହିଁ ଯେ ଭାରତୀୟ ସଂସ୍କୃତିରେ ମନୁଷ୍ୟ ଜୀବନର ଲକ୍ଷ୍ୟ ହେଉଛି—ଧର୍ମ, ଅର୍ଥ, କାମ ଓ ମୋକ୍ଷ । ଜନ୍ମ ମୃତ୍ୟୁର ଆବର୍ତ୍ତ ଭିତରୁ ଉଦ୍ଧାର ପାଇବାର ଚେଷ୍ଟା ଓ ଅନେକ ଭିତରେ ଏକର ଅସ୍ତିତ୍ୱ ବୋଧ କରିବାରେ ଏ ଜୀବନର ସଫଳତା ନିହିତ । ସଂଯମ ଓ ସାଧନାର ଦୃଷ୍ଟାନ୍ତ କେବେ ସେ ଦେଖି ନାହିଁ । ତେଣୁ ସେ ଜାଣି ନାହିଁ ଅସତ୍ୟରୁ ସତ୍ୟକୁ, ଅନ୍ଧକାରରୁ ଆଲୋକକୁ ଓ ମୃତ୍ୟୁରୁ ଅମରତ୍ୱକୁ କିପରି ଗତି କରିବାକୁ ହେବ ।

ସେ ଲକ୍ଷ୍ୟଭ୍ରଷ୍ଟ । ସେ ବିପଥଗାମୀ ।

ଜୀବନର ମୂଲ୍ୟବୋଧ ଏ ଯୁଗର ଯୁବକ ପାଇଁ ମୁହୂର୍ତ୍ତକର ଆନନ୍ଦ ଭିତରେ ସୀମାବଦ୍ଧ । ଇନ୍ଦ୍ରିୟର ପରିତୃପ୍ତି ପାଇଁ ଯେ କୌଣସି ଉପାୟ ଅବଲମ୍ବନ କରାଯାଇ ପାରେ । ସମସ୍ତ କାର୍ଯ୍ୟର ଆବଶ୍ୟକତା ବ୍ୟକ୍ତି କୈନ୍ଦ୍ରିକ । ସବୁ କଥାର ମାପ କାଠି ହେଉଛି ପଞ୍ଚେନ୍ଦ୍ରିୟର ତୃପ୍ତି ଆସ୍ୱାଦନ ଯାହାକି ଅନ୍ୟ ବ୍ୟକ୍ତିର ଶ୍ରମ, ଶକ୍ତି, ସମ୍ପତ୍ତି ଓ ଶୋଷଣରୁ ସଂଗୃହୀତ । ଅନ୍ୟ ବ୍ୟକ୍ତିକୁ ସେ ଯେଉଁ ପରିମାଣରେ ଆଘାତ ଦେଇ ପାରୁଛି; କ୍ଷତ ବିକ୍ଷତ କରି ପାରୁଛି ସେହି ପରିମାଣରେ ଆନନ୍ଦ ଲାଭ କରି ପାରୁଛି । "ସର୍ବେ ଭବନ୍ତୁ ସୁଖୀନଃ" ତାର ଆନନ୍ଦ ପଥରେ ପ୍ରତିବନ୍ଧକ । ଏହା ଉନ୍ମାଦଗ୍ରସ୍ତ ମାନସିକ ବିକାର ନୁହେଁ ତ ?

ବର୍ତ୍ତମାନ ଯୁବ ସମାଜର ଏଭଳି ଅସ୍ୱାଭାବିକ ଗତି ବିଷୟରେ ଦେଶର ପ୍ରତ୍ୟେକ ଦାୟିତ୍ୱସଂପନ୍ନ ଓ ଚିନ୍ତାଶୀଳ ବ୍ୟକ୍ତି ବ୍ୟସ୍ତ ଓ ବିବ୍ରତ । ସମସ୍ୟାର ସମାଧାନ କେବଳ ବ୍ୟାକୁଳତା ଦ୍ୱାରା ହାସଲ ହୁଏ ନାହିଁ । ଏଥିପାଇଁ ଶପଥ ଓ ସାଧନା ପ୍ରୟୋଜନ ।

ଶିକ୍ଷାର ଗତି ପରିବର୍ତ୍ତନ କରାଯାଉ । ଶିକ୍ଷାର ସମସ୍ତ ସୋପାନରେ ଶିଶୁର ମାନସିକ ବିକାଶ ସଂଗେ ଆଧ୍ୟାତ୍ମିକ ବିକାଶର ଯୋଜନାବଦ୍ଧ ଯୋଜନା ହେବା ଉଚିତ । ଶିକ୍ଷକ ଓ ଶିକ୍ଷାର ନିୟନ୍ତ୍ରଣକାରୀ ଗୋଷ୍ଠୀପ୍ରତି ଏହା ଏକ ଆହ୍ୱାନ । ସେମାନଙ୍କର ଭୂମିକାରେ ଆଦର୍ଶ ରୂପାୟିତ ହେଉ । ଏ କଥା କ'ଣ କରି ପାରିବ ନାହିଁ ଆମ ଶିକ୍ଷକ ସମାଜ ? ଏ ଦାୟିତ୍ୱ ଆଉ କାହାର ? ମଣିଷ ଭଳି ଗଢ଼ିବା ଭଳି ଶକ୍ତି କାହାର ଅଛି ? ସଚ୍ଚା ଶିଶୁର ଶାନ୍ତ-ସୁନ୍ଦର ଜୀବନ ଗଢ଼ିପାରେ କେବଳ ଶିକ୍ଷକ, କବି ଓ ଲେଖକ । ସେହିମାନେ ହିଁ କେବଳ ପ୍ରମାଣ କରାଇ ଦେଇ ପାରିବେ ମନୁଷ୍ୟର ଜନ୍ମ ସୂତ୍ର ଆକସ୍ମିକ ସଂଘାତ ସହିତ ନୁହେଁ, ପରମ ଆନନ୍ଦପୂର୍ଣ୍ଣ ବିଶ୍ୱ ନିୟନ୍ତାଙ୍କ ପରିକଳ୍ପନା ସହିତ ସଂଯୋଜିତ । ଗତି ତାହାର ସୃଷ୍ଟିର କେନ୍ଦ୍ର ବିନ୍ଦୁକୁ, ଧ୍ୱଂସର ଦିଗ୍‌ବଳୟକୁ ନୁହେଁ ।

ଶିଶୁ ଜନ୍ମ ଓ ଜୀବନ କେବଳ ପ୍ରୟଡ୍ରୋୟାର ଚିନ୍ତାନୁଯାୟୀ ପଞ୍ଚ ଇନ୍ଦ୍ରିୟର ଆବଶ୍ୟକତା ପରିତୃପ୍ତି ଲାଗି ନୁହେଁ, ବରଂ ବେଦ ନିର୍ଦ୍ଦେଶିତ ବିଶ୍ୱ ପ୍ରାଣ ସହିତ ଏକତ୍ରିକରଣ ହେବା ପାଇଁ । ଶିଶୁର ପ୍ରାଣ କେନ୍ଦ୍ର ଆନନ୍ଦ, ଆଲୋକ ଓ ପ୍ରେମରେ ପରିପୂର୍ଣ୍ଣ । ସେ ମୃତ୍ୟୁର ଶିକାର ନୁହେଁ ; ଅମୃତର ସନ୍ତାନ ।

ମଣିଷ ଭିତରେ ଯେତେସବୁ ବିଭ୍ରାନ୍ତି ଓ ପାଶବିକ ପ୍ରବୃତ୍ତିର ଜାଗୃତି ତାହା ଜନ୍ମଗତ ନୁହେଁ । ଶିକ୍ଷା ମାଧ୍ୟମରେ ଏହା ସେ ଆହରଣ କରିଥାଏ । ତେଣୁ ଶିକ୍ଷାର ଗତି ବଦଳିଗଲେ ତାର ଜୀବନର ଗତି ମଧ୍ୟ ବଦଳିଯିବ । ଧୀରେ ଧୀରେ ସେ ଗତି କରିବ ଆତ୍ମସଂଯମରୁ ଆତ୍ମବିଶ୍ୱାସକୁ, ଆତ୍ମବିଶ୍ୱାସରୁ ଆତ୍ମଶକ୍ତିକୁ, ଆତ୍ମଶକ୍ତିରୁ ଆତ୍ମତ୍ୟାଗକୁ ଓ ଆତ୍ମତ୍ୟାଗରୁ ଆତ୍ମବୋଧକୁ ଯେଉଁ ଆତ୍ମବୋଧ ସତ୍-ଚିତ୍-ଆନନ୍ଦ ସ୍ୱରୂପ ।

ଏଭଳି ଏକ ଯୁଗ ପରିବର୍ତ୍ତନକାରୀ କାର୍ଯ୍ୟର ଗୁରୁଭାର ଶିକ୍ଷକ ସମାଜକୁ ସମର୍ପି ଦେଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ । ଆଜିର ଶିକ୍ଷା କେବଳ ଶ୍ରେଣୀ କକ୍ଷରେ ସୀମିତ ନୁହେଁ । ରାସ୍ତା ଘାଟ ଓ ସଭା-ମଣ୍ଡପଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟର ପରୀକ୍ଷାଗାର ପର୍ଯ୍ୟନ୍ତ ସବୁ ସ୍ଥାନରେ ଶିକ୍ଷାର ବିଷୟବସ୍ତୁ ରହିଛି । ତେଣୁ କେବଳ ଗୋଟିଏ ବ୍ୟକ୍ତି ବା ଗୋଟିଏ ଶ୍ରେଣୀର ବ୍ୟକ୍ତିଙ୍କ ଦ୍ୱାରା ସମସ୍ୟାର ସମାଧାନ ସମ୍ଭବ ନୁହେଁ । ଏଥିରେ ପିତା, ମାତା, ଶିକ୍ଷକ, କବି, ଲେଖକ, ବୈଜ୍ଞାନିକ ଏବଂ ଦେଶର ନୀତିନିୟମ ନିୟନ୍ତ୍ରଣ କରୁଥିବା ବ୍ୟକ୍ତି ସମସ୍ତଙ୍କର କର୍ତ୍ତବ୍ୟ ରହିଛି ।

ଏ କର୍ତ୍ତବ୍ୟ ବର୍ତ୍ତମାନ କାଳର ନିୟନ୍ତ୍ରଣ, ଭାରତୀୟ ସଂସ୍କୃତିର ଆହ୍ୱାନ, ମାନବ ଜାତିର ନିବେଦନ ଓ ସମଗ୍ର ବିଶ୍ୱର ଆଶା ଆକାଂକ୍ଷା । ଏ ଆହ୍ୱାନକୁ ଏଡ଼ି ଦେଇ ଆଗେଇ ଯିବାର ଅଧିକାର ଇତିହାସ କାହାକୁ ଦେଇ ନାହିଁ । ମାନବ ଧର୍ମକୁ ଯେ ପଦାଘାତ କରିଛି ତାକୁ ଧର୍ମ କେବେ ରକ୍ଷା କରି ନାହିଁ । କାରଣ ଯେ ଧର୍ମକୁ ରକ୍ଷା କରିଥାଏ ତାକୁହିଁ କେବଳ ଧର୍ମ ରକ୍ଷା କରିଥାଏ । ସୀମା ଲଂଘନ କଲେ ଇତିହାସର କମାଣ ଗର୍ଜ୍ଜିଉଠିବ; ଧର୍ମ ଚକ୍ରର ଘୂର୍ଣ୍ଣନ ଆରମ୍ଭ ହୋଇଯିବ । ଏବେ ବି ଇତିହାସ ଶୁଣାଏ 'ଗୀତା'ର ଘୋଷଣା ପତ୍ର :—

"ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି........"

# ଶ୍ରଦ୍ଧା ଓ ସମୃଦ୍ଧିର ସମ୍ବତ୍ସର -୧୯୮୧

ବେଶୀ ଦିନର କଥା ନୁହେଁ । ଅଳ୍ପ କେତେ ମାସ ତଳେ ବହୁ ସ୍ଥାନରେ ଗୋଟିଏ ପ୍ରକାର ସମାଲୋଚନା ଶୁଣିବାକୁ ମିଳୁଥିଲା । ଖବର କାଗଜରେ ମଧ୍ୟ ପଢ଼ିବାକୁ ମିଳୁଥିଲା । ସେଇ ସମାଲୋଚନାଟି ବିଶେଷ କରି ମୁଖ୍ୟମନ୍ତ୍ରୀଙ୍କର ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରି ଗଢ଼ିବାର ଆହ୍ୱାନ ଉପରେ ଆଧାରିତ ଥିଲା । 'ହଜାର ଦିନରେ ହଜାର କୋଟି ଟଙ୍କାରେ ହଜାର ଶିଳ୍ପ' । ଏଇ ଆହ୍ୱାନକୁ ଆକ୍ଷରିକ ଅର୍ଥରେ ଗ୍ରହଣ କରା ନ ଯାଇ ଏହାର ଅନ୍ତର୍ନିହିତ ଭାବକୁ ଗ୍ରହଣ କରାଇବା ନିମନ୍ତେ ଖୋଦ୍ ମୁଖ୍ୟମନ୍ତ୍ରୀ ତଥା ସରକାରଙ୍କ ପକ୍ଷରୁ ଯେତେ ସଫେଇ ଦିଆଯାଇଥିଲେ ହେଁ, ସମାଲୋଚନାର କଟୁତା କମିଲା ନାହିଁ । ଏପରିକି ମୁଖ୍ୟମନ୍ତ୍ରୀ ଜାନକୀ ବାବୁଙ୍କ ଏ ଚିନ୍ତାଧାରାକୁ କେହି ଏକ ସ୍ୱପ୍ନ-ବିଳାସ ବୋଲି ବର୍ଣ୍ଣନା କଲେ ତ, ଆଉ କେହି ଏହାକୁ ଏକ ଉଭଟ ଚିନ୍ତା ବୋଲି କହି ବୁଲିଲେ ।

କିନ୍ତୁ, ସବୁ ପ୍ରକାର ସମାଲୋଚନା, ବିଦ୍ରୂପ ଓ ସଂଶୟ ଆଜି ପରାଜୟ ମାନିଛି ଗୋଟିଏ ସଂକଳ୍ପୀକୃତ ମନ ନିକଟରେ, ଅବହେଳିତ ହୋଇ ରହିଥିବା ଗୋଟିଏ ଜାତିର ଆତ୍ମାର ଚିତ୍କାର ନିକଟରେ, ଓଡ଼ିଶାବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କର ରହିଥିବା ଶ୍ରଦ୍ଧା, ସହାନୁଭୂତି ଓ ଆଶୀର୍ବାଦ ନିକଟରେ । ଏଇ ଶ୍ରଦ୍ଧା ଓ ଆଶୀର୍ବାଦର ସର୍ବଶ୍ରେଷ୍ଠ ପ୍ରତୀକ ବର୍ଷ ରୂପେ ୧୯୮୧ ବର୍ଷଟି ଓଡ଼ିଶାର ଇତିହାସରେ ଲିପିବଦ୍ଧ ହୋଇ ରହିଯିବ । ୧୯୮୧ ବର୍ଷର ଆରମ୍ଭରେ ହିଁ ଭାରତ ଓ ଫ୍ରାନ୍ସର ସହଯୋଗରେ ଓଡ଼ିଶାରେ ଆଲୁମିନିୟମ୍ କାରଖାନା ସ୍ଥାପନ ବିଷୟ ଚୂଡ଼ାନ୍ତ ହେଲା । ଏହା ଥିଲା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ଓଡ଼ିଶାକୁ ନବ ବର୍ଷର ଉପହାର । ସେତେବେଳେ ମଧ୍ୟ ଏ ବାବଦରେ ସମାଲୋଚନା ଶୁଣିବାକୁ ମିଳିଥିଲା । ଏ ସମାଲୋଚନାର ପରିସମାପ୍ତି ଘଟିଲା ଯେତେବେଳେ କୋରାପୁଟର ଦାମନଯୋଡ଼ିଠାରେ ଆଲୁମିନା କାରଖାନାର ଭିତ୍ତି ସ୍ଥାପନ କଲେ ନିଜେ ଶ୍ରୀମତୀ ଗାନ୍ଧୀ ୧୯୮୧ର ମାର୍ଚ୍ଚ ୨୯ ତାରିଖରେ ।

ପ୍ରାୟ ୧୬୦୦ କୋଟି ଟଙ୍କା ଖର୍ଚ୍ଚରେ କୋରାପୁଟ ଓ ତାଳଚେରଠାରେ ପ୍ରତିଷ୍ଠିତ ହେବାକୁ ଯାଉଥିବା ଏଇ ବିଶାଳ ଆଲୁମିନିୟମ୍ ପ୍ରକଳ୍ପ ଓଡ଼ିଶାକୁ ପୃଥିବୀ ସମ୍ମୁଖରେ ପରିଚିତ କରାଇବା ସଙ୍ଗେ ସଙ୍ଗେ ଓଡ଼ିଶାର ଅର୍ଥନୀତି କ୍ଷେତ୍ରରେ ଗୋଟିଏ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାରେ ସହାୟକ ହେବ । ଏଇ କାରଖାନାଟି ପ୍ରତିଷ୍ଠିତ ହେବା ଫଳରେ ପଞ୍ଚପାଟମାଳୀ ଖଣିରୁ ପ୍ରତି ବର୍ଷ ୨୪ ଲକ୍ଷ ଟନ୍ ବକ୍ସାଇଟ୍ ଧାତୁ ଉତ୍ତୋଳନ କରାଯିବା ସଙ୍ଗେ ସଙ୍ଗେ ପ୍ରତିବର୍ଷ ଦାମନଯୋଡ଼ି ଆଲୁମିନା କାରଖାନାରୁ ୮ ଲକ୍ଷ ଟନ୍ ଆଲୁମିନା ଓ ତାଳଚେରଠାରେ ପ୍ରତିଷ୍ଠିତ ହେଉଥିବା ଏହାର ଶାଖା କାରଖାନାରୁ ୨ ଲକ୍ଷ ୧୮ ହଜାର ଟନ୍ ଆଲୁମିନିୟମ୍ ଉତ୍ପାଦିତ ହେବ । ଏହାଛଡ଼ା ତାଳଚେର ନିକଟରେ କାରଖାନାର ନିଜସ୍ୱ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରାଯିବ ଓ ଏଥିରୁ ୭୨୦ ମେଗାୱାଟ୍ ବିଜୁଳି ଶକ୍ତି ଉତ୍ପନ୍ନ ହେବ । ଏ ସବୁର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରାୟ ୬,୬୦୦ ଲୋକ ନିଯୁକ୍ତି ପାଇବେ । ଏହାଛଡ଼ା ଆନୁସଙ୍ଗିକ ବ୍ୟବସ୍ଥାଗୁଡ଼ିକ, ଯଥା- ପରିବହନ, ବେପାର ବଣିଜ, ଆଇନ ଶୃଙ୍ଖଳା, ଶିକ୍ଷା ଦୀକ୍ଷା ଓ ଅନ୍ୟାନ୍ୟ କାର୍ଯ୍ୟ ପ୍ରଭୃତି ଜରିଆରେ ପ୍ରାୟ ୨୦ ହଜାର ଲୋକ କାମଧନ୍ଦା ପାଇ ପାରିବେ ।

ଆଲୁମିନିୟମ୍ ପ୍ରକଳ୍ପ ଭିତ୍ତି ସ୍ଥାପନର ପ୍ରାୟ ଚାରିମାସ ପରେ ଅଗଷ୍ଟ ମାସ ୧୨ ତାରିଖରେ ଆଉ ଗୋଟିଏ ଗୁରୁ ଶିଳ୍ପ ଓଡ଼ିଶାରେ ପ୍ରତିଷ୍ଠିତ ହେବାର ମଞ୍ଜୁରୀ ପାଇଲା । ସେଇ ଶିଳ୍ପଟି ହେଉଛି ୧୮୩ କୋଟି ଟଙ୍କା ଖର୍ଚ୍ଚ ସମ୍ବଳିତ ଫସ୍‌ଫେଟିକ୍ ସାର କାରଖାନା । ଏଇ କାରଖାନାଟି ପ୍ରତିଷ୍ଠିତ ହେବାକୁ ଯାଉଛି କଟକ ଜିଲ୍ଲାର ପାରାଦୀପଠାରେ । ଏ କାରଖାନାଟି ସଂପୂର୍ଣ୍ଣ ହେବା ପରେ ଏଥିରୁ ପ୍ରାୟ ସାଢ଼େ ଛଅ ହଜାର ଟନ୍ ସାର ଉତ୍ପାଦିତ ହେବ । ଏଥିରେ ପ୍ରାୟ ୨୦୦୦ ଲୋକ ନିଯୁକ୍ତି ପାଇବେ । ଏହାଛଡ଼ା ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାଗୁଡ଼ିକ ଜରିଆରେ ଆଉ ଅଧିକା ପ୍ରାୟ ୪୦୦୦ ଲୋକ କାମଧନ୍ଦା ପାଇ ଜୀବିକା ନିର୍ବାହ କରି ପାରିବେ ।

ସବୁଠାରୁ ଚମକପ୍ରଦ ଘୋଷଣାଟି ଆସିଲା ଏହାର ଦେଢ଼ମାସ ପରେ । ୧୯୮୧ ସେପ୍ଟେମ୍ବର ମାସର ଶେଷ ଭାଗରେ । ଏ ଘୋଷଣାଟି ସେ ଦିନ ବିଧାନ ସଭା ଗୃହରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସମବେତ ବିଧାୟକ ଓ ଦର୍ଶକମାନଙ୍କ ହର୍ଷୋତ୍‌ଫୁଲ୍ଲ କରତାଳି ଧ୍ୱନି ମଧ୍ୟରେ ଘୋଷଣା କରିଥିଲେ । ଘୋଷଣାଟି ଥିଲା 'ଓଡ଼ିଶାବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କର ପୂଜା ଉପହାର —୩,୦୦୦ କୋଟି ଟଙ୍କା ବ୍ୟୟ ସମ୍ବଳିତ ଦ୍ୱିତୀୟ ଇସ୍ପାତ କାରଖାନା' । ଏଇ ବିଶାଳ କାରଖାନାଟି ଭାରତ ଓ ଇଂଲଣ୍ଡର ସହଯୋଗରେ ପ୍ରତିଷ୍ଠିତ ହେବ ପାରାଦୀପ ନିକଟରେ । ବାର୍ଷିକ ୩୦ ଲକ୍ଷ ଟନ

ଇସ୍ପାତ ପିଣ୍ଡ ଉତ୍ପାଦନକ୍ଷମ ଏଇ କାରଖାନାରେ ପ୍ରାୟ ୩୦,୦୦୦ ଲୋକ ନିଯୁକ୍ତି ପାଇବେ । ଏଇ କାରଖାନା ତିଆରି ହେବା ସମୟରେ ଓ କାରଖାନା ପୂର୍ଣ୍ଣାଙ୍ଗ ହେବା ପରେ ଆନୁଷଙ୍ଗିକ ବ୍ୟବସ୍ଥା ଓ ଧନ୍ଦା ଜରିଆରେ ଆହୁରି ପ୍ରାୟ ୩୦,୦୦୦ ସରିକି ଲୋକ କାମଧନ୍ଦା ପାଇ ସେମାନଙ୍କର ଜୀବିକା ନିର୍ବାହ କରି ପାରିବେ । ଏ କାରଖାନାଟି ହେବା ଫଳରେ ଆଖ ପାଖରେ ଛୋଟ ଛୋଟ ଶିଳ୍ପ ଗଢି ଉଠିବ, ଯାହାକି ଆହୁରି ୩୦ ହଜାର ପରିବାରର ଭରଣପୋଷଣ କରି ପାରିବ । ମୋଟ ଉପରେ କଟକ ସହରଠାରୁ ପାରାଦୀପ ପର୍ଯ୍ୟନ୍ତ ୯୦ କିଲୋମିଟର ଅଞ୍ଚଳ ଯେ ଭବିଷ୍ୟତରେ ବମ୍ବେର ଥାନର ଅଞ୍ଚଳ ପରି ଶିଳ୍ପ ମୁଖରିତ ହୋଇ ଗଢି ଉଠିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ଆଜି ଓଡ଼ିଶାର ଜନସାଧାରଣ, ଛାତ୍ର, ଶିକ୍ଷକ, କର୍ମଚାରୀ ସମସ୍ତେ ଗୋଟିଏ କଥା ବିଚାର କରିବା ଦରକାର । ସ୍ୱାଧୀନତା ପରଠାରୁ ଏ ପର୍ଯ୍ୟନ୍ତ ବିଗତ ୩୪ ବର୍ଷ ଭିତରେ ଏଭଳି ଭାବରେ ଗୋଟିଏ ବର୍ଷରେ ପ୍ରାୟ ୫୦୦୦ କୋଟି ଟଙ୍କାର ପ୍ରକଳ୍ପ କେନ୍ଦ୍ର ସରକାର ମଞ୍ଜୁର କରିଥିଲେ କି ? ଆଜି ଏହା ସଂଭବ ହୋଇ-ପାରିଛି ଗୋଟିଏ କାରଣରୁ । ସେ କାରଣଟି ହେଉଛି ଆଜି କେନ୍ଦ୍ର ଓ ରାଜ୍ୟ ନେତୃତ୍ୱ ମଧ୍ୟରେ ଥିବା ସଂପର୍କ ଓ ବୁଝାମଣା । ଏ ସଂପର୍କ ଓ ବୁଝାମଣା ହେଉଛି ଗୁରୁ ଓ ଶିଷ୍ୟର ଏବଂ ଜନନୀ ଓ ସନ୍ତାନର ସଂପର୍କ ଏବଂ ବୁଝାମଣା ଭଳି । ଏ ସଂପର୍କକୁ ଆହୁରି ସୁଦୃଢ଼ କରିବା, ଏ ବୁଝାମଣା ଯେପରି ଅତୁଟ ରହେ, ସେ ଦିଗରେ ଉଦ୍ୟମ କରିବା ପ୍ରତ୍ୟେକ ଓଡ଼ିଶାବାସୀର କର୍ତ୍ତବ୍ୟ ନୁହେଁ କି ? ମୁଖ୍ୟମନ୍ତ୍ରୀଙ୍କ ଭାଷାରେ, 'ଓଡ଼ିଶା ଦରିଦ୍ର ନୁହେଁ । ଦୀର୍ଘକାଳର ଅବହେଳା ହେତୁ ଓଡ଼ିଶା ପଛରେ ପଡ଼ିଯାଉଛି' । ଏକ ରାଜନୈତିକ ଏକକ ରାଜ୍ୟ ଭାବରେ ଓଡ଼ିଶା ଜନ୍ମ ନେଇଛି ମାତ୍ର ୪୫ ବର୍ଷ ହେଲା । ତେଣୁ, ଭାରତର ଅଗ୍ରଗାମୀ ରାଜ୍ୟଗୁଡ଼ିକ ସହିତ ସମକକ୍ଷ ହେବାକୁ ହେଲେ ଅଳ୍ପ ସମୟ ଭିତରେ ଆମକୁ ଅନେକ କାର୍ଯ୍ୟ ସଂପାଦନ କରିବାକୁ ହେବ ଏବଂ ଅର୍ଥନୈତିକ ପ୍ରଗତିର ପ୍ରତି-ଯୋଗିତାରେ ଶୀର୍ଷ ସ୍ଥାନ ଅଧିକାର କରିବାକୁ ହେଲେ ଓଡ଼ିଶାବାସୀଙ୍କୁ ମନ୍ଥରତା ପରିହାର କରି ଦଉଡ଼ିବାକୁ ପଡ଼ିବ । ଓଡ଼ିଶାର ସମୃଦ୍ଧି ଦିଗରେ ପୂର୍ବରୁ ଯେଉଁସବୁ ଅନ୍ତରାୟ ଥିଲା, ସେସବୁ ହେଉଛି, ୧—ରାଜନୈତିକ ଅସ୍ଥିରତା, ୨—ସମ୍ବଳର ଅଭାବ ଏବଂ ୩—ଜନଗଣଙ୍କ ମନରେ ଅନିଶ୍ଚିତତା ଉପରେ ପ୍ରତିଷ୍ଠିତ ଆତ୍ମ-ସଂଶୟ । ଏଇ ତିନୋଟି ମଧ୍ୟରୁ ବର୍ତ୍ତମାନ ପ୍ରଥମ ଦୁଇଟି ଅନ୍ତରାୟ ଦୂର ହୋଇଛି । ରାଜନୈତିକ ଅସ୍ଥିରତା ଏବେ ନାହିଁ । ସମ୍ବଳର ଅଭାବ ମଧ୍ୟ ରହିବ ନାହିଁ । ଏଭଳି ଏକ ସମୟର ପୂର୍ଣ୍ଣ ସଦୁପଯୋଗ ହିଁ ସମସ୍ତଙ୍କର କାମ୍ୟ ହେବା ଉଚିତ । ଏପରି ସମୟର ସଦୁପଯୋଗ କରିବାକୁ ହେଲେ ଆମକୁ ଏକ ଶୃଙ୍ଖଳିତ ଜାତି ଭାବରେ ସମର୍ପିତ ମନ ନେଇ କଠୋର ପରିଶ୍ରମ କରିବାକୁ ହେବ । ଦୃଢ଼ ଆତ୍ମବିଶ୍ୱାସକୁ ପାଥେୟ କରି ଓଡ଼ିଶାର ସାମୂହିକ ସ୍ୱାର୍ଥକୁ ଆଗରେ ରଖି ଆମକୁ କାମ କରିଯିବାକୁ ହେବ ।

ଏସବୁ ସତ୍ତ୍ୱେ, ସମାଲୋଚନାର ବିରାମ ନାହିଁ, କଟୁ ବିଦ୍ରୁପର ବିରାମ ନାହିଁ । ମାତ୍ର ଅଳ୍ପ କେତେ ଦିନ ତଳେ କେତେକ ଖବର କାଗଜରେ ପଢ଼ିବାକୁ ମିଳିଥିଲା ଏଇଭଳି ସମାଲୋଚନା ଓ ଅନାସ୍ଥାସୂଚକ ନେତିବାଚକ ବିବରଣୀ । ସମାଲୋଚନାଗୁଡ଼ିକର ବିଷୟବସ୍ତୁ ମୁଖ୍ୟତଃ 'ଚିମ୍‌ନି ନାହିଁ, ଧୂଆଁ ନାହିଁ' ଚିନ୍ତାଧାରା ଉପରେ ଆଧାରିତ । ଏଠାରେ ଗୋଟିଏ କଥା ସ୍ମରଣ କରାଯାଇପାରେ । ଏ ସରକାର ଆସିବାର ମାତ୍ର ପ୍ରାୟ ୫୦୦ ଦିନ ଗତ ହୋଇଛି । ନୂଆ ଶିଳ୍ପନୀତି ଘୋଷିତ ହେବାର ପ୍ରାୟ ୪୫୦ ଦିନ ହୋଇଛି । ଏତିକି ଦିନ ଭିତରେ ଚିମ୍‌ନି ଓ ଚିମ୍‌ନିର ଧୂଆଁ ଦେଖିବାର ଅଭିଳାଷ ପୋଷଣ କରିବାଠାରୁ ବଳି ଆଉ ଅଧିକ ସ୍ୱପ୍ନ-ବିଳାସ କ'ଣ ହୋଇପାରେ ?

ଏଇ ଅବସରରେ ଗୋଟିଏ ସାଧାରଣ ବିଷୟର ଅବତାରଣା ଏଠାରେ କରାଯାଇପାରେ । ଆମ ଭିତରୁ ବହୁ ଲୋକଙ୍କର ବାଡ଼ି, ବଗିଚା କରିବାରେ ଅଭିଜ୍ଞତା ନିଶ୍ଚୟ ଅଛି । ଗୋଟିଏ ବାଇଗଣ ଗଛ ବା ଲଙ୍କାମରିଚ ଗଛଟିଏ ପୋତିଦେଲେ କ'ଣ ସଙ୍ଗେ ସଙ୍ଗେ ଫଳ ଫଳୁଛି ? ଲଗାଇ ଦେଇ ଯତ୍ନ ନ ନେଲେ ଅଥବା ଗଛଟି ବାଉଁଶର ଗାଈ ବା ଛେଳିଙ୍କର ଖାଦ୍ୟ ହେଲେ ସେ ଗଛରୁ ଫଳ ପାଇବାର ଆଶା କ'ଣ ସଫଳ ହେବ ?

ଠିକ୍ ସେଇଭଳି, ଓଡ଼ିଶାକୁ ସମୃଦ୍ଧ କରିବା ନିମନ୍ତେ ଆଜି ଯେଉଁ ଉଦ୍ୟମ କରାଯାଉଛି, ତାକୁ ବଢ଼ିବା ପାଇଁ ସୁଯୋଗ ନ ଦେଇ କେବଳ ଅନାସ୍ଥାମୂଳକ, ନେତିବାଚକ ଓ ହୃଷାମୂଳକ ସମାଲୋଚନାର ଆବହାଓ୍ୱା ସୃଷ୍ଟିକରି ଚାଲିଲେ ଓଡ଼ିଶାର ଜନସାଧାରଣଙ୍କ ମନରେ, ଛାତ୍ର ଓ ଯୁବକମାନଙ୍କ ଭିତରେ, ଶ୍ରମିକ ଓ ବୁଦ୍ଧିଜୀବୀମାନଙ୍କ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇ ପାରିବ ତ ? କିଛି ଦିନ ପୂର୍ବେ ଖୋର୍ଦ୍ଧାଠାରେ ଗୋଟିଏ ଜନସଭାରେ ଭାଷଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଯାହା କହିଥିଲେ ତାହା ଏଠାରେ ଉଲ୍ଲେଖଯୋଗ୍ୟ । ସେ କହିଥିଲେ, 'ଓଡ଼ିଶା କାହାରି ଜାଗିର ଭୂଇଁ ନୁହେଁ ବା କିଏ ସବୁବେଳେ ସରକାରରେ ରହିବାର ପଟ୍ଟା ନେଇ ନାହିଁ । କିନ୍ତୁ ଓଡ଼ିଶା ରହିବ, ଓଡ଼ିଶାବାସୀ ରହିବେ । ଓଡ଼ିଶାର ଆରାଧ୍ୟ ଦେବତା ଜଗନ୍ନାଥ ଯେପରି ହିନ୍ଦୁ ଜଗତର ଶ୍ରେଷ୍ଠ ଦେବତା, ସେଇଭଳି ଓଡ଼ିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟ ରୂପେ ଗଢ଼ିବାକୁ ହେବ । ଓଡ଼ିଶାର ଲୋକ ଯେଉଁଭଳି ଦୈନ୍ୟର ପ୍ରତୀକ ରୂପେ ପରିଚିତ ନ ହେବେ, ସେ ଦିଗରେ ନିରବଚ୍ଛିନ୍ନ ଉଦ୍ୟମ କରିବାକୁ ହେବ । ତେଣୁ, ଆଜି ଅସୀମ ଧୈର୍ଯ୍ୟ ଓ ଶୃଙ୍ଖଳିତ କର୍ମାନୁରାଗକୁ ପାଥେୟ କରି ସମର୍ପିତ ମନ ନେଇ ସେଇ ଲକ୍ଷ୍ୟରେ ଆଗେଇ ଯିବା ହିଁ ଆଜିର ଆହ୍ୱାନ ।

# ରାଇସୁଆଁରେ ଶ୍ୱେତ ବିପ୍ଳବ

ଶ୍ରୀ ବିନୋଦ ବିହାରୀ ମହାନ୍ତି

ପଣ୍ଡିତ ଜବାହାରଲାଲ ନେହେରୁ ସମବାୟ ଉପରେ ସମାଜବାଦ ପ୍ରତିଷ୍ଠା ପାଇଁ ଉତ୍ସାହୀ ଥିଲେ । ଏଣୁ ପଣ୍ଡିତ ନେହେରୁଙ୍କ ଜନ୍ମ ଦିବସ ନଭେମ୍ବର ୧୪ ତାରିଖଠାରୁ ସପ୍ତାହ ବ୍ୟାପୀ ଜାତୀୟ ସ୍ତରରେ ସମବାୟ ସପ୍ତାହ ପାଳିତ ହୋଇ ଆସୁଅଛି । ଆମ ରାଜ୍ୟରେ ସମବାୟ ଆନ୍ଦୋଳନ କେତେକ ଜିଲ୍ଲାରେ ସୀମାବଦ୍ଧ ଥିଲା । ଏବେ ତାହା ବ୍ୟାପକ ହୋଇଛି । ଏହାର କାରଣ ଏହି ଯୋଜନା ସମାଜର ନିମ୍ନସ୍ତରରୁ ଆରମ୍ଭ କରାଯାଇଛି ଏବଂ ଏହି ସମବାୟ ଆନ୍ଦୋଳନରେ ନାରୀ ଫିଟାର ପ୍ରଭାବ କମ୍ ।

ସମବାୟ ଉପରେ ଜନସାଧାରଣ ବେଶ୍ ଆଗ୍ରହ ପ୍ରକାଶ କରୁଥିବାର ଲକ୍ଷ୍ୟ କରି ଓ ସମବାୟ ଭିତ୍ତିକ ଦୁଗ୍ଧ ଉତ୍ପାଦନ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇ ଗାଁ ଗହଳିର ଦରିଦ୍ରତମ ଲୋକଙ୍କ ଆର୍ଥିକ ମାନଦଣ୍ଡ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ରାଜ୍ୟର ୫ ଲକ୍ଷ ପରିବାରଙ୍କୁ ଦୁଗ୍ଧ ବନ୍ୟା ଯୋଜନାରେ ଅନ୍ତର୍ଭୁକ୍ତ କରିବା ଲାଗି ଯୋଜନା ପ୍ରସ୍ତୁତ କରିଛନ୍ତି । କେନ୍ଦ୍ର ସ୍ତରରେ ୧୯୭୦–୭୫ରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ବିଧିବଦ୍ଧ ଭାବେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଓଡ଼ିଶାରେ ଏହା ୧୯୭୯ ମସିହାରେ ଆରମ୍ଭହେଲା ।

ଏହି ସମବାୟ ଆନ୍ଦୋଳନର ଭାବଧାରାରେ ଉଦ୍‌ବୁଦ୍ଧ ହୋଇ କେତେକ ଗ୍ରାମବାସୀ ପୁରାପୁରି ଘରୋଇ ପ୍ରଚେଷ୍ଟାରେ ଦୁଗ୍ଧ ଉତ୍ପାଦନ କରି ଚମକପ୍ରଦ କୃତିତ୍ୱ ଅର୍ଜନ କରିଛନ୍ତି ।

ଘରୋଇ ପ୍ରଚେଷ୍ଟାରେ ଦୁଗ୍ଧ ଉତ୍ପାଦନ କରି ଅପୂର୍ବ ସାଫଲ୍ୟ ଲାଭ କରିଥିବା ଗ୍ରାମମାନଙ୍କ ମଧ୍ୟରୁ କେନ୍ଦୁଝର ଜିଲ୍ଲାର ଗୋଟିଏ ଗ୍ରାମ ରାଇସୁଆଁ ଅନ୍ୟତମ । କେନ୍ଦୁଝର ଟାଉନଠାରୁ ମାତ୍ର ୫ କିଲୋମିଟର ଉତ୍ତରରେ କେନ୍ଦୁଝର-ଚମ୍ପୁଆ ରାଜପଥର ଦକ୍ଷିଣ ପାର୍ଶ୍ୱରେ ଏହି ଗ୍ରାମଟି ଅବସ୍ଥିତ । ଗ୍ରାମଟି ଆକାରରେ ବଡ଼ ଏବଂ ଏଠାରେ ସବୁ ସଂପ୍ରଦାୟର ଲୋକେ ଅଛନ୍ତି । ପୂର୍ବେ ଜିଲ୍ଲାରେ ଭାଟି-ମଦ ପ୍ରଥା ପ୍ରଚଳିତ ଥିଲା ଏବଂ ଗ୍ରାମବାସୀମାନେ ଗ୍ରାମର ମଦ ଭାଟିକୁ ବାର୍ଷିକ ପ୍ରାୟ ୫୦,୦୦୦ ଟଙ୍କାର ନିଶା ଦ୍ରବ୍ୟ ପାନ କରି ସର୍ବସ୍ୱାନ୍ତ ହେଉଥିଲେ । ୧୦ ବର୍ଷ ତଳେ ଉକ୍ତ ଗ୍ରାମର ଶ୍ରୀ ନୀଳାମ୍ବର ରାଉତ ନାମକ ଜଣେ ଯୁବ ଗୃହୀ ଦୁଗ୍ଧ ଉତ୍ପାଦନର ଚାହିଦା ଉପଲବ୍ଧି କରି ଗୋଟିଏ ଦେଶୀ ଗାଈ କ୍ରୟ କରି ତାହାର ବାସ୍ତବ ହେପାଜତ ନେବାରୁ ସେ ଦୈନିକ ୧୦ ଲିଟର ଦୁଗ୍ଧ ପାଇଲେ । ସମୟ କ୍ରମେ ଜର୍ସି ଷଣ୍ଢ ଦ୍ୱାରା ସେ ଗାଈଟିକୁ ଗର୍ଭିଣୀ କରିବା ଦ୍ୱାରା ସେ କେତୋଟି ଜର୍ସି ବାଛୁରୀ ପାଇଲେ । ଏହାଦ୍ୱାରା ସେ ଦୈନିକ ୪୦ରୁ ୮୦ ଲିଟର ଦୁଗ୍ଧ ପାଇଲେ । ଶ୍ରୀ ନୀଳାମ୍ବରଙ୍କ ଉଦ୍ୟମରେ ସାଫଲ୍ୟ ଦେଖି ତାଙ୍କ ଗ୍ରାମ ସମେତ ନିକଟବର୍ତ୍ତୀ ଅନ୍ୟ ୩ଟି ଗ୍ରାମ ତଥା ହର୍ଷପୁର, ଜଳଭଂଗ ଓ ଧୁପଦା ଗ୍ରାମର କେତେକ ଲୋକ ସାହସ ବାନ୍ଧି ଜର୍ସି, ହରିଆନା ଓ ହୋଲଷ୍ଟେନ୍ ଜାତୀୟ ଉନ୍ନତ ଗାଈମାନ କିଣିବା ଆରମ୍ଭ କରିଦେଲେ ।

ଗ୍ରାମବାସୀଙ୍କ ଆଗ୍ରହ ଦେଖି କେନ୍ଦୁଝର ଷ୍ଟେଟ-ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ଗ୍ରାମବାସୀଙ୍କୁ ଉନ୍ନତ ଧରଣର ଗାଈ କିଣି ଦେବା ପାଇଁ ଆଗେଇ ଆସିଲେ । ରାଇସୁଆଁ ଗ୍ରାମର ପ୍ରାୟ ୧୦ ଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନେ ବ୍ୟାଙ୍କ ଋଣରେ ଜର୍ସି ଗାଈ କ୍ରୟ କରିଛନ୍ତି । ଏହି ଗ୍ରାମରେ ଅଦ୍ୟାବଧି ୧୩୫ ଟି ଜର୍ସି ଗାଈ ଓ ୯୫ ଟି ଅନ୍ୟ ଜାତୀୟ ଗାଈ ଏବଂ ୧୧୪ ଟି ପରିବାର ଏହି ଦୁଗ୍ଧ ଉତ୍ପାଦନ କରୁଛନ୍ତି ।

ଗ୍ରାମବାସୀମାନେ ୧୯୭୭ ମସିହାରେ ଗୋଟିଏ ସମବାୟ ଦୁଗ୍ଧ ଉତ୍ପାଦନ ସମିତି ଗଢି ସମିତି ଜରିଆରେ ଉତ୍ପାଦିତ ଦୁଗ୍ଧ ବିକ୍ରୟର ବନ୍ଦୋବସ୍ତ କରିଛନ୍ତି । ବର୍ତ୍ତମାନ ଦୈନିକ ୭୦୦ ଲିଟର ଦୁଗ୍ଧ ବିକ୍ରୟ ହେଉଛି । ସମିତିର ଦୁଗ୍ଧ ଉତ୍ପାଦନ ବ୍ୟବସ୍ଥା ଶ୍ରୀ ନୀଳାମ୍ବର ରାଉତଙ୍କ ଉପରେ ନ୍ୟସ୍ତ ଏବଂ ବଣ୍ଟନ ଦାୟିତ୍ୱ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚାଲିଛି । ଖଣି ଅଞ୍ଚଳ ଯୋଡ଼ା, ବଡ଼ବିଲ ଏବଂ ଗୁଆଁ ବସା, ରାଇସୁଆଁ ଗ୍ରାମଠାରୁ ୫୦ କିଲୋମିଟରରୁ ଦୂର ହେଲେ ହେଁ ଏହି କେନ୍ଦ୍ରମାନଙ୍କୁ ଧାରାବାହିକ ଭାବେ ଦୁଗ୍ଧ ଚାଲାଣ ହେଉଛି । ସମିତି ସାଧୁ ସଚ୍ଚୋଟ ଭାବରେ ବ୍ୟବସାୟ କରୁଥିବାରୁ କ୍ରେତାମାନେ ଲିଟର ପିଛା ୩ଟଙ୍କା ଦେଉଛନ୍ତି ।

ଚାରି ହଜାର ଟଙ୍କା ମୂଳଧନରେ ଗଢ଼ା ଯାଇଥିବା ଏହି ସମିତିର ବ୍ୟାଙ୍କରେ ୪୦ ହଜାର ଟଙ୍କା ଫିକ୍‌ସ୍‌ଡ଼ ଡିପୋଜିଟ୍ ଓ କରେଣ୍ଟ ଆକାଉଣ୍ଟରେ ୪୦ ହଜାର ଟଙ୍କା ଗଚ୍ଛିତ ଅଛି ।

ବ୍ୟକ୍ତିଗତ ପ୍ରଚେଷ୍ଟାରେ ଓ ପରେ ସମବାୟ ଜରିଆରେ ଦୁଗ୍ଧ ଉତ୍ପାଦନ କରି ଏହି ବ୍ୟବସାୟ ଦ୍ୱାରା ଗାଈ ମାଲିକମାନେ ସ୍ୱଚ୍ଛଳ ଅବସ୍ଥାରେ ଅଛନ୍ତି । ନିକଟବର୍ତ୍ତୀ ପାହାଡ଼ମାନଙ୍କରେ ବହୁତ ଘାସ ବଢ଼େ ଏବଂ ବର୍ଷର ପ୍ରାୟ ୧୦ ମାସ ଏ ଘାସ ମିଳେ । ଗାଈମାନଙ୍କ ପାଇଁ ଘାସ ଯୋଗେଇ ପ୍ରାୟ ୧୮୦ ଜଣ ମୂଲିଆ ଶ୍ରେଣୀର ଲୋକେ କାମ ପାଉଛନ୍ତି । ଗୋଖାଦ୍ୟ ତଥା ଚୋକଡ଼, କୁଣ୍ଡା, ଔଷଧ ବ୍ୟବସାୟ, ବଳକା ଦୁଗ୍ଧ ସଂଗ୍ରହ କରି ତାକୁ ନିକଟବର୍ତ୍ତୀ ଅଞ୍ଚଳରେ ବିକ୍ରୟ କରି ଅନ୍ୟୁନ ୫୦ ଜଣ ନିୟମିତ ରୋଜଗାର କରୁଅଛନ୍ତି । ଗାଈମାନଙ୍କର ଗୋବର ଧାନ କ୍ଷେତଗୁଡ଼ିକୁ ଉର୍ବର କରିଛି ଏବଂ ଶ୍ରୀ ସନ୍ତୋଷ ପ୍ରହରାଜ ଗୋବର ଗ୍ୟାସ ପ୍ଲାଣ୍ଟ ବସାଇଛନ୍ତି ।

ଅଦ୍ୟାବଧି ଗ୍ରାମର ୨୦ ଜଣ ଦୁଗ୍ଧ ଉତ୍ପାଦନକାରୀ ଗୁଜୁରାଟର ଆନନ୍ଦ ଯାଇ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିଛନ୍ତି ।

ଗ୍ରାମବାସୀମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଉପକାର ପାଇ ମହାଜନମାନଙ୍କ କବଳରୁ ମୁକ୍ତ ହେଲେଣି ଏବଂ ବାହାରର ମହାଜନ ଗାଁ ଛାଡ଼ି ଚାଲି ଗଲେଣି । ସମୃଦ୍ଧି ଯୋଗୁଁ ଆତ୍ମ ସମ୍ମାନ ଲାଭକରି ଗ୍ରାମବାସୀମାନେ ମଦ୍ୟପାନରୁ ନିବୃତ୍ତ ହେବା ଦ୍ୱାରା ପୂର୍ବରୁ ଏ ବାବଦରେ ବରବାଦ ହେଉଥିବା ୫୦ ହଜାର ଟଙ୍କା ଗ୍ରାମବାସୀଙ୍କ ହାତରେ ରହି ପାରୁଛି ।

ଚଳିତ ବର୍ଷ ରାଇସୁଆଁ ଦୁଗ୍ଧ ଉତ୍ପାଦନକାରୀ ସେବା ସମବାୟ ସମିତିକୁ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଦିଆଯାଇ ସିଲ୍ଡ ପ୍ରଦାନ କରାଯାଇଛି । ୨୮ ତମ ସର୍ବ ଭାରତୀୟ ସମବାୟ ସପ୍ତାହ ଉପଲକ୍ଷେ ରାଜ୍ୟ ସମବାୟ ୟୁନିୟନ ଦ୍ୱାରା ଗତ ନଭେମ୍ବର ୧୭ ତାରିଖ ଦିନ ଭୁବନେଶ୍ୱର ସୂଚନା ଭବନଠାରେ ଆୟୋଜିତ ଏକ ଉତ୍ସବରେ ଉକ୍ତ ଗ୍ରାମକୁ ସିଲ୍ଡ ଓ ମାନପତ୍ର ପ୍ରଦାନ କରାଯାଇଛି ।

ମୋଟ ଉପରେ ରାଇସୁଆଁ ଗୋଟିଏ ଆଦର୍ଶ ଦୁଗ୍ଧ ଉତ୍ପାଦନ କେନ୍ଦ୍ର ଭାବରେ ଖ୍ୟାତି ଲାଭ କରିଛି ଏବଂ ଏହା ରାଜ୍ୟର ଅନ୍ୟ ଗ୍ରାମବାସୀଙ୍କୁ ଅନୁପ୍ରାଣିତ କରିଛି ।

ସଂପାଦକ, ବିଜୁଳି
ବୋର୍ଡ କଲୋନି, ଭୁବନେଶ୍ୱର-୭

## ଶିକ୍ଷା କେବଳ ଚାକିରୀ ପାଇଁ ନ ହୋଇ ଦେଶର ସମୃଦ୍ଧି ଓ ବ୍ୟକ୍ତିର ସମୂହ ଉନ୍ନତି ପାଇଁ ହେବା ଉଚିତ

ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟର ୩୬ ଜଣ କୃତୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସେମାନଙ୍କ କୃତିତ୍ୱପୂର୍ଣ୍ଣ ଶିକ୍ଷାଦାନ ଓ ସେବାକାର୍ଯ୍ୟ ପାଇଁ ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଚା ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରି ଜାନୁଆରୀ ୨୬ ସନ୍ଧ୍ୟାରେ କହିଲେ ଯେ ଏହି ପବିତ୍ର ସାଧାରଣତନ୍ତ୍ର ଦିବସରେ ଶିକ୍ଷକମାନଙ୍କୁ ସେମାନଙ୍କ ତ୍ୟାଗପୂତ ଜୀବନ, ଜାତି ଓ ଦେଶ ଗଠନରେ ଅବଦାନ ପାଇଁ ଏହି ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଉଛି । ୩୨ ବର୍ଷ ତଳେ ଏପରି ଏକ ପବିତ୍ର ଦିବସରେ ଆମେ ଏକ ନୂତନ ସମାଜ ଗଠନ କରି ସାମ୍ୟ, ନ୍ୟାୟ ଓ ନୀତି ଉପରେ ପ୍ରତିଷ୍ଠିତ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦ ରାଷ୍ଟ୍ର ଗଠନ କରିବା ସଙ୍କଳ୍ପ ଗ୍ରହଣ କରିଥିଲୁ । ଶିକ୍ଷା ସବୁବେଳେ ସାମାଜିକ, ଅର୍ଥନୈତିକ ଓ ଦେଶ ଗଠନ ଦିଗରେ ବଳିଷ୍ଠ ସହାୟକ ହୋଇଥିବାରୁ ଶିକ୍ଷକମାନେ ଛାତ୍ରମାନଙ୍କୁ ଭବିଷ୍ୟତର ଉତ୍ତମ ନାଗରିକ ଭାବେ ଗଢ଼ିବା ଉଚିତ । ଶିକ୍ଷକମାନେ ଏପରି ଶିକ୍ଷାଦେବା ଉଚିତ୍ ଯାହାଦ୍ୱାରା ଛାତ୍ରମାନେ ଉତ୍ତମ ନାଗରିକଭାବେ ଜୀବନଯାପନ କରି ଦେଶର ମଙ୍ଗଳ, ପ୍ରଗତି ଓ ସୁରକ୍ଷା କରିପାରିବେ । ଦେଶର ଯୁବଶକ୍ତି ଚାକିରି ପାଇଁ ବ୍ୟସ୍ତ ନ ହୋଇ ସେମାନେ ଯେଉଁ ଶିକ୍ଷା ଅର୍ଜନ କରିଛନ୍ତି, ତାକୁ ଦେଶର ଆର୍ଥିକ ଉନ୍ନତି ଦିଗରେ ଲଗାଇ ପାରିଲେ ସ୍ୱାବଲମ୍ବୀ ଜୀବନଯାପନ କରିବା ସଙ୍ଗେ ସଙ୍ଗେ ଦେଶରୁ ଦାରିଦ୍ର୍ୟ ମଧ୍ୟ ଦୂର ହୋଇପାରିବ ।

ଶିକ୍ଷା ଶାସନ ସଚିବ ଶ୍ରୀ ସୀତାକାନ୍ତ ମହାପାତ୍ର ସ୍ୱାଗତ ଭାଷଣ ପ୍ରସଙ୍ଗରେ ଜୀବନରେ ଶିକ୍ଷାର ଆବଶ୍ୟକତା, ମୂଲ୍ୟବୋଧ, ନିଷ୍ପାପର ଜୀବନଯାପନ, ଗୁରୁକୁଳ ଆଦର୍ଶରେ ଶିକ୍ଷକ ଓ ଛାତ୍ରମାନଙ୍କ ସଂପର୍କ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ପରିବର୍ତ୍ତନ ଆଣି ଦେଶ ଗଠନ ଦିଗରେ ଶିକ୍ଷକମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସଂପର୍କରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ ।

# ସର୍ବେ ସନ୍ତୁ ନିରାମୟା

ଡାକ୍ତର ଅଜିତ୍ କୁମାର ମହାପାତ୍ର

୧୯୭୮ ମସିହା ସେପ୍‌ଟେମ୍ବର ମାସରେ ଆଲମା-ଆଟାଠାରେ ଅନୁଷ୍ଠିତ ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟ ସଂପର୍କୀୟ ଆନ୍ତର୍ଜାତିକ ଆଲୋଚନାଚକ୍ରରେ ସର୍ବତୋଭାବେ ସ୍ୱୀକୃତ ହୋଇଥିଲା ଯେ, "ସ୍ୱାସ୍ଥ୍ୟ ମନୁଷ୍ୟର ନୀତିଗତ ଦାବୀ ଓ ସର୍ବୋଚ୍ଚ ସ୍ୱାସ୍ଥ୍ୟ ଏକ ସାମାଜିକ ଲକ୍ଷ୍ୟ ।" ଏଥିଲାଗି ଯେଉଁ ସିଦ୍ଧାନ୍ତରେ ପୃଥିବୀର ଚିକିତ୍ସାବିତ୍‌ମାନେ ଉପନୀତ ହେଲେ, ତାହା ହେଲା ଦୁଇହଜାର ଖ୍ରୀଷ୍ଟାବ୍ଦ ସୁଦ୍ଧା ସମସ୍ତଙ୍କପାଇଁ ସ୍ୱାସ୍ଥ୍ୟ । ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ପ୍ରକଳ୍ପର ବ୍ୟାପକ ଅର୍ଥହେଲା– ପୃଥିବୀର ସମସ୍ତ ନାଗରିକ ଏପରି ଉପଯୁକ୍ତ ସ୍ୱାସ୍ଥ୍ୟସେବା ଉପଭୋଗ କରିପାରିବେ, ଯାହା ଫଳରେ କି ସେମାନେ ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ଦୃଷ୍ଟିକୋଣରୁ ସୁଖୀ ଓ ସୃଜନଶୀଳ ଜୀବନଯାପନ କରିବାକୁ ସମର୍ଥ ହୋଇ ପାରିବେ ।

ଉପରୋକ୍ତ କଲ୍ୟାଣକାରୀ ଲକ୍ଷ୍ୟ ହାସଲ ଦିଗରେ ଆମ ସରକାର ମଧ୍ୟ ଅଙ୍ଗୀକାରବଦ୍ଧ । ଗତ ମଇ ମାସ ଛଅ ତାରିଖରେ ହୋଇଥିବା ଜେନିଭା ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥାରେ ଭାଷଣଦେବା ପ୍ରସଙ୍ଗରେ ଆଧୁନିକ ଚିକିତ୍ସା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନପାଇଁ ଦୃଢ଼ ଯୁକ୍ତି ବୟାନ କରି ଆମ ପ୍ରିୟ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା-ଗାନ୍ଧୀ ସ୍ୱାସ୍ଥ୍ୟ ସଂପର୍କୀୟ ଯେଉଁ ସମସ୍ୟାଗୁଡ଼ିକ ଉତ୍‌ଥାପନ କରିଥିଲେ, ସେଗୁଡ଼ିକ ସର୍ବାଦୌ ପ୍ରଣିଧାନ-ଯୋଗ୍ୟ ।

ଏହିସବୁ ଦୃଷ୍ଟିକୋଣରୁ ଆଲୋଚନା କଲେ ଭାରତ-ଭଳି ବୃହତ୍ ଏବଂ ଉନ୍ନତିକାମୀ ରାଷ୍ଟ୍ରରେ ସମସ୍ତଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ "ପ୍ରାକୃତିକ ଚିକିତ୍ସା"କୁ ସଂପୂର୍ଣ୍ଣ ବାଦ ଦେଇ ଫଳବତୀ ହୋଇପାରିବ ନାହିଁ । ଆଧୁନିକ ଚିକିତ୍ସା ପ୍ରଣାଳୀରେ ଔଷଧ ବା ପେଟେଣ୍ଟ ମେଡ଼ିସିନ୍ ଉପରେ ବେଶୀ ଗୁରୁତ୍ୱ ଆରୋପ କରାଯାଉଛି । ଡ଼ାକ୍ତରଖାନାକୁ କେନ୍ଦ୍ରକରି ଚିକିତ୍ସା ବ୍ୟବସ୍ଥା କରାଯାଉଅଛି । ସାଧାରଣ ଲୋକମାନେ ଏହି ସ୍ୱାସ୍ଥ୍ୟସେବା ପ୍ରକଳ୍ପରେ ନିଜକୁ ଜଡ଼ିତ କରିପାରୁନାହାନ୍ତି । ଅନେକଙ୍କ ଧାରଣା ହୋଇ ଗଲଣି, ଡାକ୍ତରଖାନା ଏପରି ଏକ ସ୍ଥାନ, ଯେଉଁଠାକୁ ଜଣେ ରୋଗଗ୍ରସ୍ତ ନ ହେଲେ ବା ରୋଗରେ ମରଣାନ୍ତକ ଯନ୍ତ୍ରଣା ଭୋଗ ନ ହେଲେ, କେହି ଯାଆନ୍ତି ନାହିଁ । ଏହା କିନ୍ତୁ ସ୍ୱାସ୍ଥ୍ୟସେବା ପ୍ରକଳ୍ପର ଘୋର ପରିପନ୍ଥୀ ।

ପ୍ରାକୃତିକ ଚିକିତ୍ସାରେ ଉପଯୁକ୍ତ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟୋପଯୋଗୀ ଜୀବନଯାପନ ପ୍ରଣାଳୀ ଉପରେ ବେଶୀ ଜୋର ଦିଆଯାଇଥାଏ । କମ୍ ଖର୍ଚ୍ଚରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ରକ୍ଷାର ବିଧି ବିଧାନ ଏବଂ ରକ୍ଷାକାରୀ ଖାଦ୍ୟର ବ୍ୟବହାର ବିଷୟରେ ବୁଝାଇ ଦିଆଯାଇଥାଏ । ଏହି ଚିକିତ୍ସାରେ ରୋଗୀ ନିଜେ ରୋଗର ନିରାକରଣ ଏବଂ ଚିକିତ୍ସା ବିଷୟରେ ସମ୍ୟକ୍ ଧାରଣା ଲାଭ କରିବାର ସୁବିଧା ପାଇଥାଏ । ଡ଼ାକ୍ତରଙ୍କ ଉପରେ ଅଥବା ଔଷଧ ଉପରେ ଜଣକୁ ବାରମ୍ବାର ନିର୍ଭର କରିବାକୁ ପଡ଼ି ନ ଥାଏ । ଲୋକଙ୍କୁ ସ୍ୱାସ୍ଥ୍ୟ ଶିକ୍ଷା ବିଷୟକ ଜ୍ଞାନ ପ୍ରଦାନ କରିବା ଦୃଷ୍ଟିରୁ ଏବଂ ଏ ଯୋଜନାରେ ଲୋକ ସହଯୋଗ ଲୋଡ଼ାହେବା ଯୋଗୁଁ ପ୍ରାକୃତିକ ଚିକିତ୍ସାର ପ୍ରୟୋଗ-ବିଧିର ବିକଳ୍ପ ଆଉ ନାହିଁ ।

ପ୍ରାକୃତିକ ଚିକିତ୍ସା କହିଲେ ଅନେକ ବୁଝିଥାଆନ୍ତି ଯେ, ରୋଗ ଅବସ୍ଥାରେ ରୋଗୀ ଏବଂ ରୋଗପ୍ରତି ବିଶେଷ ଯତ୍ନ ନ ଦେଇ ପ୍ରକୃତି ଓ ସମୟ ଉପରେ ନିର୍ଭର କରିବା । କିନ୍ତୁ ଏହା ଠିକ୍ ନୁହେଁ । ପ୍ରାକୃତିକ ଚିକିତ୍ସା ଅନ୍ୟାନ୍ୟ ଚିକିତ୍ସା ଭଳି ଏକ ବିଜ୍ଞାନସମ୍ମତ ଉପଯୁକ୍ତ ଚିକିତ୍ସା ପ୍ରଣାଳୀ । ଏହା ଖୁବ୍ ସହଜ, ସରଳ ଏବଂ ଅଳ୍ପ ଖର୍ଚ୍ଚରେ ଶରୀରକୁ ରୋଗମୁକ୍ତ କରିବାର ଉତ୍ତମ ପ୍ରଣାଳୀ । ଖାଲି ଭାରତରେ ନୁହେଁ, ଭାରତ ବାହାରେ ପାଶ୍ଚାତ୍ୟ ଦେଶମାନଙ୍କରେ ପ୍ରାକୃତିକ ଚିକିତ୍ସା ଉପରେ ଖୁବ୍ ଗୁରୁତ୍ୱ ଆରୋପ କରାଗଲଣି । ଏହାକୁ ଗୃହ ଚିକିତ୍ସା ନାମରେ ଅଭିହିତ କରି ଅଭିଜ୍ଞ ଚିକିତ୍ସକମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିକ୍ଷା ଯୋଜନାଭୁକ୍ତ କରାଗଲଣି । ପ୍ରାକୃତିକ ଚିକିତ୍ସାର ଗୁରୁତ୍ୱ କାହିଁକି ? ଏ ବିଷୟରେ ପଦେ ଅଧେ ନ କହିଲେ ଯଥାର୍ଥ ହେବନାହିଁ । ଆମେ ପ୍ରତ୍ୟହ ଯେଉଁ ଖାଦ୍ୟ ଦ୍ରବ୍ୟ ଭକ୍ଷଣ କରୁଛୁ, ଆମ ଶରୀର ତାହା ଉପରେ ପରିପୁଷ୍ଟ ହେଉଅଛି । ଶରୀର ଖାଦ୍ୟର ରୂପାନ୍ତର ମାତ୍ର । ପ୍ରାକୃତିକ ଚିକିତ୍ସାରେ ଖାଦ୍ୟ ଉପରେ, ବିଶେଷତଃ ରକ୍ଷାକରୀ ଖାଦ୍ୟ ଉପରେ ସର୍ବାଦୌ ଗୁରୁତ୍ୱ ଦିଆଯାଏ । ଜଣକପାଇଁ

ଯାହା ଖାଦ୍ୟ, ଅନ୍ୟ ଜଣକପାଇଁ ତାହା ଅଖାଦ୍ୟ ବା ବର୍ଜନୀୟ ହୋଇଥାଇପାରେ । ଏଣୁ, ସମସ୍ତଙ୍କ ଶାରୀରିକ ଅବସ୍ଥାକୁ ଲକ୍ଷ୍ୟରଖି ଖାଦ୍ୟର ବିଧାନ କରାଯାଇଥାଏ । ରୋଗୀର ଖାଦ୍ୟକୁ ପଥ୍ୟ କୁହାଯାଏ । ସୁତରାଂ ଖାଦ୍ୟ ହେଉ ବା ପଥ୍ୟ ହେଉ ସବୁରି ବ୍ୟବସ୍ଥା ମୂଳରେ ବୈଜ୍ଞାନିକ ସତ୍ୟ ନିହିତ ଥାଏ । ଏସବୁର ବିଧିବଦ୍ଧବିଧାନ ପ୍ରାକୃତିକ ଚିକିତ୍ସାରେ ହିଁ କରାଯାଇଥାଏ । ଔଷଧଗୁଡ଼ିକର ବ୍ୟବହାରକୁ ପ୍ରାକୃତିକ ଚିକିତ୍ସା ପସନ୍ଦ କରେନାହିଁ । ଔଷଧ ମୂଳତଃ ବିଷଯୁକ୍ତ ପଦାର୍ଥ ଏବଂ ଏହା ଉପକରିବା ସଙ୍ଗେ ସଙ୍ଗେ ଶରୀରର କ୍ଷତି କରିବାର ସମ୍ଭାବନାଥିବାରୁ ପ୍ରାକୃତିକ ଚିକିତ୍ସା, ଔଷଧ ବଦଳରେ ପ୍ରାକୃତିକ ଦ୍ରବ୍ୟ ଉପରେ ଅର୍ଥାତ୍ ଖାଦ୍ୟଦ୍ରବ୍ୟ ଉପରେ ଜୋର ଦେଇଥାଏ । କୁହାଯାଇଛି, ଖାଦ୍ୟ ହିଁ ସର୍ବୋତ୍କୃଷ୍ଟ ଔଷଧ ।

ଆମ ଶରୀର ଯେତେବେଳେ ବିଷଯୁକ୍ତ ହୁଏ, ସେତେବେଳେ, ବାହ୍ୟ ବିଷ ବିରୁଦ୍ଧରେ ଯୁଦ୍ଧକରି ଶରୀରକୁ ବିଷମୁକ୍ତ କରିବା ଓ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ନିମନ୍ତେ ଶରୀର ଅହରହ ଉଦ୍ୟମ କରେ । ଶରୀରର ଏହି ସ୍ୱତଃସ୍ଫୂର୍ତ୍ତ ଉଦ୍ୟମ ଫଳରେ ହିଁ ବିଭିନ୍ନ ଅସ୍ୱାଭାବିକ ଅବସ୍ଥା ସୃଷ୍ଟି ହୁଏ । ଏହାକୁ ରୋଗ କୁହାଯାଏ । କହିଲେ ଅତ୍ୟୁକ୍ତି ହେବନାହିଁ, ରୋଗ ଆବିର୍ଭାବ ହିଁ ଆମ ଶରୀରର ସୁସ୍ଥ ଏବଂ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବାର ଏକ ସ୍ୱତଃସ୍ଫୂର୍ତ୍ତ ପ୍ରଚେଷ୍ଟା ବ୍ୟତୀତ ଆଉ କିଛି ନୁହେଁ । ଶରୀରର ଯଥେଷ୍ଟ ଶକ୍ତି ଅଛି, ଯଥେଷ୍ଟ ଆଭ୍ୟନ୍ତରୀଣ ବ୍ୟବସ୍ଥା ମଧ୍ୟ ଅଛି । ଯାହା ଫଳରେ ହିଁ ସେ ନିଜେ ବାହ୍ୟ ଶକ୍ତି ବା ବହିଃଆକ୍ରମଣରୁ ନିଜକୁ ରକ୍ଷାକରି ପାରିବ । ଉଦାହରଣ ସ୍ୱରୂପ ଏଠାରେ କହିଲେ ଅତିରଞ୍ଜିତ ହେବନାହିଁ ଯେ, ଶରୀର ନିଜେ ଏନ୍‌କେଫେଲିନ୍‌ସ୍ ଏବଂ ଏଣ୍ଡର ଫିନ୍‌ସ୍ ନାମକ ବ୍ୟଥା ଉପଶମକାରୀ ଦ୍ରବ୍ୟ ତିଆରି କରେ ଯାହାର କାର୍ଯ୍ୟ ମସ୍ତିଷ୍କର ବ୍ୟଥା କେନ୍ଦ୍ର ଉପରେ ମାରଫିନର କାର୍ଯ୍ୟ ସହିତ ସମାନ । ଲଣ୍ଡନସ୍ଥ ସେଣ୍ଟ ବାରଥଲୋମ୍ୟୋ ହସ୍‌ପିଟାଲ ଡାକ୍ତର ପାଲ ଟାଉନାର ତାଙ୍କ ପରୀକ୍ଷାଗାରରେ ପରୀକ୍ଷାକରି ଏହା ଜାଣି ପାରିଛନ୍ତି । ସେ ସିନ୍‌ଥେଟିକ୍ ଏନ୍‌କେଫେଲିନ୍‌ସ ପ୍ରସ୍ତୁତକରି ଇଞ୍ଜେକ୍‌ସନ ସାହାଯ୍ୟରେ ବା ମୁହଁବାଟେ ମଣିଷକୁ ଖୁଆଇ ବହୁବିଧ ପୁରାତନ ବ୍ୟଥା ଦୂର କରିବାରେ ସମର୍ଥ ହୋଇପାରିଛନ୍ତି । ଖାଲି ଏତକ କହିଲେ ଯଥେଷ୍ଟ ହେବନାହିଁ, ଏକ ଡେନିସ୍ ଔଷଧ ପ୍ରସ୍ତୁତକାରୀ ସଂସ୍ଥା ଶରୀର ଭିତରୁ "ଏଣ୍ଟି ଏଂଙ୍ଗ୍‌ଜାଇଟି ମଲିକ୍ୟୁଲ" ସଂଧାନ ପାଇଛନ୍ତି । ତାହାର କାର୍ଯ୍ୟ ବେଂଜୋଡାଇଆଜେପିନ୍ ବିଭାଗୀୟ ଟ୍ରାନ୍‌କ୍ୟୁଇଲାଇଜାର ସଙ୍ଗେ ସମାନ ଅଟେ । ମାନବ ଶରୀର ଭିତରେ ଦୈନିକ ଏପରି ଅନେକ ଦ୍ରବ୍ୟ ପ୍ରସ୍ତୁତ ହୋଇଥାଏ ଯାହା ଶରୀରକୁ ସମସ୍ତ ରୋଗ ଆକ୍ରମଣରୁ ରକ୍ଷା କରିବାକୁ ସମର୍ଥ ହୁଏ । ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯଦି ମାନବ ଶରୀର ସର୍ବଦା ସୁସ୍ଥ ରହେ, ତେବେ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ନିଜ ନିଜ କର୍ତ୍ତବ୍ୟ ସାଧନରେ ସମର୍ଥ ହୋଇ ପାରିବେ । ଶରୀରକୁ ସ୍ୱାଭାବିକ ଅବସ୍ଥାରେ ସର୍ବଦା ରଖିବା ଅର୍ଥ ଶରୀର ସୁସ୍ଥ ରଖିବା । ଏହା କେବଳ ସମ୍ଭବ ହୋଇ ପାରିବ ଯଦି ସ୍ୱାସ୍ଥ୍ୟୋପଯୋଗୀ ନିୟମ ପ୍ରତ୍ୟହ ପାଳନ କରାଯାଏ । ଏପରି ବିଧିବଦ୍ଧ ସ୍ୱାସ୍ଥ୍ୟୋପଯୋଗୀ ନିୟମ କେବଳ ପ୍ରାକୃତିକ ଚିକିତ୍ସାରେ ହିଁ ସମ୍ଭବ । ଏ ପଦ୍ଧତିରେ ଦେହ ରକ୍ଷଣ ଓ ଦେହ ଗଠନ ନିମନ୍ତେ ଦୈନନ୍ଦିନ କର୍ତ୍ତବ୍ୟ ଉପରେ ହିଁ ଗୁରୁତ୍ୱ ଦିଆଯାଇଥାଏ । ଏ ଚିକିତ୍ସା ଅବଲମ୍ବନ କଲେ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଯଥାଯଥ କର୍ତ୍ତବ୍ୟ ସଂପାଦନ କରିବାରେ ସମର୍ଥ ହୋଇଥାନ୍ତି ଏବଂ ସେହି ପ୍ରକ୍ରିୟାରେ ରୋଗ ପ୍ରତିରୋଧ କ୍ଷମତା ବୃଦ୍ଧିପ୍ରାପ୍ତ ହୁଏ । ଶରୀରକୁ ରୋଗ ଆକ୍ରମଣ କରିପାରେ ନାହିଁ । ଅଧିକା ଖର୍ଚ୍ଚର ବ୍ୟବସ୍ଥା ମଧ୍ୟ ଆବଶ୍ୟକ ନ ଥାଏ । ଗ୍ରାମାଞ୍ଚଳର ଗରିବ ଲୋକଙ୍କଠୁଁ ଆରମ୍ଭ କରି ପଢ଼ାଶୁଣା କରି ନଥିବା ବ୍ୟକ୍ତିମାନେ ମଧ୍ୟ ଏହି ସରଳ ସୁଲଭ ଦୈନନ୍ଦିନ ଜୀବନଯାତ୍ରାର ପ୍ରଣାଳୀ ଅବଲମ୍ବନ କଲେ ଦୁଃସାଧ୍ୟ ରୋଗ କବଳରୁ ରକ୍ଷା ପାଇ ପାରିବେ । ଏ ପଦ୍ଧତିରେ ଡାକ୍ତର ଓ ରୋଗୀମାନଙ୍କର ସଂପର୍କ ଖୁବ୍ ନିବିଡ଼ । ରୋଗୀମାନେ ନିଜର କର୍ତ୍ତବ୍ୟବୋଧ ବିଷୟରେ ସଚେତନଶୀଳ ହୋଇ ପାରନ୍ତି । ଦୈନନ୍ଦିନ କର୍ତ୍ତବ୍ୟ ଭିତରେ ରହି ମଧ୍ୟ ବୈଜ୍ଞାନିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ନିୟମାବଳୀ ଯେ କେହି ବ୍ୟକ୍ତି ଅତିରେ ପାଳନ କରିବାକୁ ସମର୍ଥ ହୋଇ ପାରନ୍ତି । ଜଣେ ବ୍ୟକ୍ତି ନିଜପାଇଁ ଯାହା ଖର୍ଚ୍ଚ କରନ୍ତି ସେହି ଖର୍ଚ୍ଚରେ ହିଁ ତାଙ୍କ ଜୀବନଯାତ୍ରା ପ୍ରଣାଳୀ ଟିକିଏ ସଜାଡ଼ି ନେଲେ ହେଲା । ଜାତୀୟ ସ୍ତରରେ ସୁଚିନ୍ତିତ ଯୋଜନା କରିଆରେ ଏହା କାର୍ଯ୍ୟକାରୀ କରାଗଲେ, ସ୍ୱାସ୍ଥ୍ୟଶିକ୍ଷା ଖୁବ୍ ସହଜ, ସରଳ ଓ ଅଳ୍ପ ଖର୍ଚ୍ଚରେହିଁ ହୋଇ ପାରିବ ।

ମେଲେରିଆ, ଯକ୍ଷ୍ମା, କୁଷ୍ଠ ଏବଂ ଦୃଷ୍ଟିହୀନତା ଆଦି ରୋଗ ନିରାକରଣପାଇଁ ଜାତୀୟ ଯୋଜନାମାନ କାର୍ଯ୍ୟକାରୀ ହେଉଅଛି । ଏଗୁଡ଼ିକ ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମୀ ଯୋଜନା ଅନ୍ତର୍ଭୁକ୍ତ । ଏହା ସାଙ୍ଗକୁ ସ୍ୱାସ୍ଥ୍ୟ ଶିକ୍ଷାର ଭୂମିକା ଉପରେ ଅଧିକ ଗୁରୁତ୍ୱଦେଲେ, ରୋଗ ପ୍ରତିଷେଧ ବ୍ୟବସ୍ଥା ଓ ଗଣ ସ୍ୱାସ୍ଥ୍ୟ ଶିକ୍ଷା ବେଶ୍ ଫଳପ୍ରସୂ ହୋଇପାରନ୍ତା । ଏ ଦିଗରେ ପ୍ରାକୃତିକ ଚିକିତ୍ସା ଶିକ୍ଷା ଯଥେଷ୍ଟ ସହାୟକ ହୋଇ ପାରିବ । ଏ ପ୍ରଣାଳୀରେ ଯାହା କରାଯାଏ, ସେଗୁଡ଼ିକ ରୋଗ ପ୍ରତିଷେଧ ବ୍ୟବସ୍ଥାପାଇଁ ଖାଲି ଉଦ୍ଦିଷ୍ଟ ନୁହେଁ, ରୋଗ ଆକ୍ରମଣରୁ ରକ୍ଷାକରିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସର୍ବଦା ଉଦ୍ଦିଷ୍ଟ । ଏହି ସ୍ୱାସ୍ଥ୍ୟଜ୍ଞାନ ତଥା ତଥ୍ୟକୁ ପ୍ରସାର କରିବା ପାଇଁ ଗଣ ମାଧ୍ୟମର ଉପଯୋଗ କରିବା ଆବଶ୍ୟକ । ସମସ୍ତ ସ୍ଥାନୀୟ ଯୋଗାଯୋଗ ବ୍ୟବସ୍ଥା ନେତୃବର୍ଗ, ସଂପ୍ରସାରଣ କର୍ମୀ ଓ ଶିକ୍ଷକମାନେ ବିଭିନ୍ନ ଉନ୍ନୟନ ନିମନ୍ତେ ହୋଇଥିବା ବହୁବିଧ ଯୋଜନାର ଲକ୍ଷ୍ୟ ସହ ନିବିଡ଼ଭାବେ ସଂଶ୍ଳିଷ୍ଟ ଥାନ୍ତି । ଏସବୁ

ମାଧ୍ୟମର ଉପଯୋଗ କଲେ ସମସ୍ୟା ସମାଧାନ ହୋଇ ପାରନ୍ତା ।

ବିଂଶ ଶତାବ୍ଦୀ ସୁଦ୍ଧା ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଯୋଜନାର ଆଭିମୁଖ୍ୟ ଫଳବତୀ ହେବ, ଯଦି ସହରଠାରୁ ଦୂର ଦୁରାନ୍ତ ଅଞ୍ଚଳରେ ବସବାସ କରୁଥିବା ଅଗଣିତ ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ କରିବା ଚିନ୍ତାଧାରାକୁ ଗ୍ରହଣ କରିବେ । ଏହା ଅଚିରେ ସମ୍ଭବହେବ ଯଦି ଆଧୁନିକ ଅନ୍ୟାନ୍ୟ ଚିକିତ୍ସା ସଙ୍ଗେ ସଙ୍ଗେ ପ୍ରାକୃତିକ ଚିକିତ୍ସାର ବିଧି ଓ ଦୈନନ୍ଦିନ ଜୀବନ ଯାତ୍ରାର ପଦ୍ଧତି ସମସ୍ତଙ୍କ ପାଖକୁ ଅଣାଯାଇପାରିବ । ଅନ୍ୟାନ୍ୟ ପଦ୍ଧତି ଅପେକ୍ଷା ଏହା ସୁଲଭ ଓ ସହଜବୋଧ ହୋଇ ଥିବାରୁ ସମସ୍ତଙ୍କପାଇଁ ଗ୍ରାହ୍ୟ । ଏହା ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀର ପରିପୂରକ ହୋଇଥିବାରୁ ବିଂଶ ଶତାବ୍ଦୀ ସୁଦ୍ଧା ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ପ୍ରକଳ୍ପ ନିମନ୍ତେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

କ୍ୱା: ନ: ୩ । ୨ ଟାଇପ୍-୪ଥାର
ୟୁନିଟ୍-୨, ଭୁବନେଶ୍ୱର

ଜାତୀୟ ଗର୍ବ ଓ ଗୌରବବୋଧ ନ ରହିଲେ କୌଣସି ଜାତି କେବେ ଉପରକୁ ଉଠି ପାରିବ ନାହିଁ ।

ଜାନକୀ ବଲ୍ଲଭ ପଟ୍ଟନାୟକ



ପୂର୍ବ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଭୁବନେଶ୍ୱରଠାରେ ଡିପ୍ଲୋମା ଇଂଜିନିୟର ସଂଘର ୩୭ତମ ବାର୍ଷିକ ଅଧିବେଶନରେ ଉଦବୋଧନ ଦେଉଛନ୍ତି ।

# କୃତ୍ରିମ ବୃଷ୍ଟିପାତ

## ଏହାର ସମ୍ଭାବନା ଓ ପରିସର

ବାୟୁମଣ୍ଡଳର ଗତିପଥ ନିର୍ଣ୍ଣୟ କରି ବର୍ଷାକାଳୀନ ମେଘମାଳାକୁ ନେଇ କୃତ୍ରିମ ଭାବେ କିପରି ବୃଷ୍ଟିପାତ କରାଯାଇ ପାରିବ, ସେ ଦିଗରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇ ପାରିଛି । ପୁନେସ୍ଥିତ ଭାରତୀୟ ପାଣିପାଗ ଗବେଷଣା ସଂସ୍ଥା ଏ ଦିଗରେ ବ୍ୟାପକ ଗବେଷଣା ଆରମ୍ଭ କରିଛନ୍ତି ଏବଂ ମହାରାଷ୍ଟ୍ରର ସିନ୍ଧୁର ଓ ବରମତୀ ଅଞ୍ଚଳରେ ସାଧାରଣ ଲବଣକୁ ବ୍ୟବହାର କରି ମେଘମାଳା କରିଆରେ ବୃଷ୍ଟିପାତ କରିବା-ପାଇଁ ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି, ତାହା ୧୯୭୩ ମସିହାରୁ ଉଲ୍ଲେଖନୀୟ ଅଗ୍ରଗତି କରିପାରିଛି । ଏହା ହେଉଛି ସମଗ୍ର ବିଶ୍ୱରେ ଏକମାତ୍ର କାର୍ଯ୍ୟକ୍ଷମ ବୈଜ୍ଞାନିକ ଗବେଷଣା ।

ସଂସ୍ଥାର ପ୍ରତିଷ୍ଠାନ ଦ୍ୱାରା ଦ୍ରବୀଭୂତ ଲବଣ ମାଧ୍ୟମରେ ପରୀକ୍ଷା ନିରୀକ୍ଷା ପରେ ଜଣାଗଲା ଯେ ଏହା ଫଳରେ ଅଧିକ ମାତ୍ରାରେ ବୃଷ୍ଟିପାତ ସମ୍ଭବ ହୋଇ ପାରୁଛି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଲା ଯେ ବୃହତ୍ ମେଘମାଳା ସହ ଅଧିକ ମାତ୍ରାର ଲବଣ ଉପଯୋଗ କରାଯିବା ଦ୍ୱାରା ମେଘମାଳାର ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ବ୍ୟାପକ ବୃଷ୍ଟିପାତ ସମ୍ଭବ ହୋଇ ପାରିବ । ଅଧିକ ପରିମାଣର ଲବଣ ମିଶ୍ରଣ ଫଳରେ ବ୍ୟାପକ ଉତାପ ଜନ୍ମି ଲବଣ କଣିକା ଉପରେ ଜଳୀୟବାଷ୍ପ ସୃଷ୍ଟି ହୋଇଥାଏ । ମେଘମାଳାରେ ବ୍ୟାପକ ଆର୍ଦ୍ରତା ସୃଷ୍ଟିହେଲେ ମେଘମାଳା ଗୁଡ଼ିକ ବର୍ଷଣୋନ୍ମୁଖ ହୋଇଥାଏ ।

ବୈଜ୍ଞାନିକମାନଙ୍କ ମତରେ ବୃଷ୍ଟିପାତ ବୃଦ୍ଧି ପାଇଁ ଏଭଳି କୌଶଳ ଅବଲମ୍ବନ କରାଗଲେ ଆଶାନୁରୂପ ସଫଳତା ହାସଲ ହୋଇଥାଏ । ସେମାନେ ପୁଣି କହିଛନ୍ତି ଯେ ଅନ୍ୟ କେତେକ ଋତୁରେ ମେଘମାଳାକୁ ଉପଯୋଗ କରି ପରୀକ୍ଷା ନିରୀକ୍ଷା କରାଗଲେ ବୃଷ୍ଟିପାତର ନିର୍ଦ୍ଧାରିତ ପରିମାଣ ନିର୍ଣ୍ଣୟ କରାଯାଇ ପାରିବ । ବୈଜ୍ଞାନିକମାନେ ମଧ୍ୟ ଅନୁଭବ କରନ୍ତି ଯେ ଉକ୍ତ କୌଶଳ ଅବଲମ୍ବନ କରିବା ପୂର୍ବରୁ ପାଗ ପରିବର୍ତ୍ତନ ପ୍ରକ୍ରିୟାକୁ ସବିଶେଷ ଅନୁଧ୍ୟାନ କରାଯିବା ଆବଶ୍ୟକ ।



# ପ୍ରଗତି ପ୍ରସଙ୍ଗ

## ଇ. ଆର. ଆର. ପି. ଯୋଜନା ମାଧ୍ୟମରେ ଦରିଦ୍ରତମ ଲୋକଙ୍କ କର୍ମ ସଂସ୍ଥାନ ସମ୍ଭବ

ଗତ ଜାନୁଆରୀ ୨୩ ତାରିଖଦିନ ପୁରୀ ଜିଲ୍ଲା ଭୁବନେଶ୍ୱର ବ୍ଲକ୍ ଅନ୍ତର୍ଗତ ନହରକଣ୍ଠାଠାରେ ଏକ ପଶୁ ସହାୟକ କେନ୍ଦ୍ର ଉଦ୍‌ଘାଟନ କରି ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କୁଆଁରିଆ ମାଝୀ ଆୟୋଜିତ ସଭାରେ କହିଲେ ଯେ ଓଡ଼ିଶା ସରକାର ଗରିବ ତଥା ଆଦିବାସୀ ଓ ହରିଜନମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ତନ୍ମଧ୍ୟରୁ ବିଶେଷତଃ ଇ. ଆର. ଆର. ପି. ଯୋଜନା ମାଧ୍ୟମରେ ପଶୁପାଳନ ଓ ମତ୍ସ୍ୟଚାଷ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ବର୍ତ୍ତମାନ ଓଡ଼ିଶାରେ ଗୁଜୁରାଟର ଆନନ୍ଦ ଢାଞ୍ଚାରେ ଦ୍ୱିତୀୟ ପର୍ଯ୍ୟାୟ ଦୁଗ୍ଧ ବନ୍ୟା ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ଏହାଦ୍ୱାରା ଗରିବ ଲୋକମାନେ ଗୋପାଳନ ମାଧ୍ୟମରେ ଉଚିତ ରୋଜଗାରକରି ସେମାନଙ୍କର ଆର୍ଥିକ ଉନ୍ନତି କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ଗୋ-ସଂପଦ ସମୃଦ୍ଧି ଘଟାଇ-ପାରିବେ ।

ଏହି ସଭାରେ ରାଜ୍ୟସଭା ସଦସ୍ୟ ଶ୍ରୀ ସନ୍ତୋଷ କୁମାର ସାହୁ ସଭାପତିତ୍ୱ କରିଥିଲେ ଏବଂ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପଶୁପାଳନ ଅଧିକାରୀ, ଭୁବନେଶ୍ୱର ବି. ଡି. ଓ ପ୍ରମୁଖ ଉପସ୍ଥିତ ଥିଲେ । ସଭାପତି ଶ୍ରୀ ସାହୁ ତାଙ୍କର ଭାଷଣରେ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ, ବିଶେଷତଃ ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କର ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳତାପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ ।

## ରାଜ୍ୟରେ ପଶୁପାଳନ କାର୍ଯ୍ୟକ୍ରମର ଅଗ୍ରଗତି

ପଶୁଚିକିତ୍ସା ଓ ପଶୁପାଳନ ବିଭାଗ ତରଫରୁ ଗତ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ୧୧ଲକ୍ଷ ୫୨ ହଜାର ୩୪୯ଟି ପଶୁଙ୍କର ବିଭିନ୍ନ ରୋଗର ଚିକିତ୍ସା କରାଯିବା ସଙ୍ଗେ ସଙ୍ଗେ ୧ଲକ୍ଷ ୯୪ ହଜାର ୫୦୫ଟି ପଶୁଙ୍କୁ ଧରାଣ କରାଯାଇଥିଲା ଏବଂ ୫ଲକ୍ଷ ୯୮ ହଜାର ୨୮୩ଟି ପଶୁଙ୍କୁ ବିଭିନ୍ନ ପ୍ରତିଷେଧକ ଟୀକା ଦିଆଯାଇଥିଲା । ଏହା ବ୍ୟତୀତ ସଘନ ଗୋ-ଉନ୍ନୟନ କାର୍ଯ୍ୟକ୍ରମ ଓ କି-ଭିଲେଜ କାର୍ଯ୍ୟକ୍ରମ ଅନୁଯାୟୀ ୨୩;୭୦୫ଟି ଗାଈଙ୍କୁ କୃତ୍ରିମ ପ୍ରଜନନ କରାଯାଇଥିଲା । ଉକ୍ତ ଦୁଇମାସରେ ପର୍ବରୁ କୃତ୍ରିମ ପ୍ରଜନନ କରାଯାଇଥିବା ଗାଈଗୁଡ଼ିକରୁ ୬,୭୦୬ଟି ଉନ୍ନତ ସଙ୍କର ଜାତୀୟ ବାଛୁରୀ ଜନ୍ମ ହୋଇଛନ୍ତି ।

ଉକ୍ତ ସମୟ ମଧ୍ୟରେ କେନ୍ଦୁଝର, ଭଞ୍ଜନଗର ବୌଦ, କଟକ, ବଲାଙ୍ଗୀର, କଳାହାଣ୍ଡି ରେମୁଣା, କଲ୍ୟାଣୀ, ସୁନ୍ଦରଗଡ଼, କୁଆଁରମୁଣ୍ଡା, କାଠପାଳ, ଚିପିଲିମା ବିଭାଗୀୟ ଗୋପାଳନ କେନ୍ଦ୍ର ଏବଂ ବ୍ରହ୍ମପୁର ଓ ଢେଙ୍କାନାଳର କାଇମାଟି ଦୁଗ୍ଧ ଉତ୍ପାଦନ କେନ୍ଦ୍ରରୁ ୧ଲକ୍ଷ ୯୯ ହଜାର ୫୦୭ ଲିଟର ଦୁଗ୍ଧ ଉତ୍ପାଦନ କରାଯାଇଥିଲା । ଏଥିମଧ୍ୟରେ ବ୍ରହ୍ମପୁର ଓ କାଇମାଟି ଦୁଗ୍ଧ ଉତ୍ପାଦନ କେନ୍ଦ୍ରରୁ ଯଥାକ୍ରମେ ୪୬,୭୨୯ ଲିଟର ଓ ୧୫,୨୯୦ ଲିଟର ଦୁଗ୍ଧ ଅନ୍ତର୍ଭୁକ୍ତ ।

## ସୁବର୍ଣ୍ଣରେଖା ପୋଲରେ ୭୭ ହଜାର ଟଙ୍କା ଟୋଲ୍ ଆଦାୟ

ବାଲେଶ୍ୱର-ଜଳେଶ୍ୱର-ଖଡ଼ଗପୁର ରାସ୍ତାର ନବ-ନିର୍ମିତ ସୁବର୍ଣ୍ଣରେଖା ସେତୁରେ ଯାନବାହାନ ଯାତାୟତ ପାଇଁ ଟୋଲ ବାବଦରେ ଜାନୁଆରୀ ମାସ ୨୧ ତାରିଖ ସୁଦ୍ଧା ସମୁଦାୟ ୭୭ ହଜାର ୨୦ ଟଙ୍କା ୫୦ ପଇସା ଆଦାୟ କରାଯାଇଛି । ଗତ ନଭେମ୍ବର ମାସ ୩ ତାରିଖଠାରୁ ସେଠାରେ ଟୋଲ ଆଦାୟକରାଯାଉଛି ବୋଲି ସୁବର୍ଣ୍ଣ-ରେଖା ଡ଼ିଭିଜନର ନିର୍ବାହୀ ଯନ୍ତ୍ରୀଙ୍କଠାରୁ ପ୍ରକାଶ ।

ଏହି ସେତୁରେ ବିଭିନ୍ନ ଯାନବାହାନ ଚଳାଚଳ ପାଇଁ ବିଭିନ୍ନ ହାରରେ ଟୋଲ ଆଦାୟ କରାଯାଉଛି । ମୋଟର ସାଇକେଲ ଓ ସ୍କୁଟରପରି ଦୁଇଚକିଆ ଯାନ ପାଇଁ ୧ଟଙ୍କା କାର, ଟାକ୍ସି, ଜିପ୍, ପିକ୍‌ଅପ୍‌ଭ୍ୟାନ, ଷ୍ଟେସନ ଉଆଗନ୍, ଟେଂପୋ, ଅଟୋରିକ୍‌ସା ପରି ହାଲୁକା ଗାଡ଼ିପାଇଁ ବିନା ଟ୍ରେଲରରେ ୫ଟଙ୍କା ଏବଂ ଟ୍ରେଲର ସହ ଟ୭'୫୦ ପଇସା ହାରରେ ଟୋଲ ଆଦାୟ ହେଉଛି । ଯାତ୍ରୀବାହୀ ବସ୍

ପାଇଁ ୨୦ ଟଙ୍କା ଏବଂ ଯାତ୍ରୀ ନ ଥିବା ବସ୍ ଓ ଖାଲି ଟ୍ରକ୍‌ପାଇଁ ୧୦ ଟଙ୍କା ଟୋଲ୍ ରଖାଯାଇଛି । ସେହିପରି ଭ୍ରାମ୍ୟମାଣ କ୍ରେନ୍, ଡ୍ରୋଜର ଓ ରୋଡ୍ ରୋଲରପରି ଯନ୍ତ୍ରଚାଳିତ ଓଜନଦାର ଯାନ ପାଇଁ ୨୦ ଟଙ୍କା ହାରରେ ଟୋଲ୍ ଆଦାୟ ହେଉଛି ।

## ସମ୍ବଲପୁର ଜିଲ୍ଲାରେ କ୍ଷୁଦ୍ର ଓ କୁଟୀର ଶିଳ୍ପର ଅଗ୍ରଗତି

୧୯୮୧-୮୨ ଆର୍ଥିକ ବର୍ଷର ୧୯୮୧ ନଭେମ୍ବର ମାସ ଶେଷ ସୁଦ୍ଧା ସମ୍ବଲପୁର ଜିଲ୍ଲାରେ ୬୦ଟି କ୍ଷୁଦ୍ର ଶିଳ୍ପ ସ୍ଥାପନ କରାଯାଇଛି । ଏଥିପାଇଁ ୪୧ ଲକ୍ଷ ୬୫ ହଜାର ଟଙ୍କା ମୂଳଧନ ଆକାରରେ ବିନିଯୋଗ କରାଯାଇଛି ଏବଂ ଏଥିରେ ୩୧୦ ଜଣ ବ୍ୟକ୍ତିଙ୍କୁ କର୍ମନିଯୁକ୍ତି ସୁବିଧା ମିଳି ପାରିଛି ।]

ସେହିପରି ଉକ୍ତ ଜିଲ୍ଲାରେ ସେହି ସମୟ ମଧ୍ୟରେ ଅଢ଼େଇ ହଜାର କୁଟୀର ଶିଳ୍ପ ସ୍ଥାପନ କରାଯାଇଛି । ଏଥିରେ ୧,୫୭୯ ଜଣଙ୍କୁ ନିଯୁକ୍ତି ସୁବିଧା ଯୋଗାଇ ଦିଆଯାଇଛି ।

## ଦଶ ଜଣ ପୁଲିସ ଓ ଜଣେ ହୋମ୍‌ଗାର୍ଡ଼ କର୍ମଚାରୀଙ୍କୁ ପୁଲିସ ପଦକ ପ୍ରଦାନ

ଉଲ୍ଲେଖନୀୟ ତଥା କୃତିତ୍ୱପୂର୍ଣ୍ଣ ସେବାକାର୍ଯ୍ୟ ପାଇଁ ରାଷ୍ଟ୍ରପତି ଆମ ରାଜ୍ୟର ୧୦ ଜଣ ପୁଲିସ କର୍ମଚାରୀ ଏବଂ ଜଣେ ଗୃହରକ୍ଷୀ କର୍ମଚାରୀଙ୍କୁ ୧୯୮୧ ମସିହା ସ୍ୱାଧୀନତା ଦିବସ ଅବସରରେ ପୁଲିସ ପଦକ ପ୍ରଦାନ ପାଇଁ ଘୋଷଣା କରିଥିଲେ । ରାଜ୍ୟସ୍ତରୀୟ ପତାକା ଉତ୍ତୋଳନ ଉତ୍ସବରେ ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଚ ଏହି ପୁଲିସ ପଦକ ପ୍ରଦାନ କରିଛନ୍ତି । ଯେଉଁମାନେ ଏହି ପଦକ ଲାଭ କରିଛନ୍ତି, ସେମାନେ ହେଲେ:

୧ । ଶ୍ରୀ ରାଜେନ୍ଦ୍ର ନାରାୟଣ ଦାସ, ଆଇ. ପି.ଏସ., ଅତିରିକ୍ତ ପୁଲିସ୍ ଇନ୍‌ସପେକ୍ଟର-ଜେନେରାଲ, ଦୁର୍ନୀତି ନିବାରଣ ବିଭାଗ, (୨) ଶ୍ରୀ ଶ୍ୟାମ ନାରାୟଣ ତିୱାରୀ, ଆଇ. ପି. ଏସ୍., ଉତ୍ତରାଞ୍ଚଳ ଡେପୁଟି ପୁଲିସ୍ ଇନ୍‌ସ-ପେକ୍ଟର-ଜେନେରାଲ, ସମ୍ବଲପୁର, (୩) ଶ୍ରୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସହକାରୀ କମାଣ୍ଡାଣ୍ଟ, ୭ମ ବ୍ୟାଟେଲିଆନ, ଓ. ଏମ୍. ପି. (୪) ଶ୍ରୀ ନିରଞ୍ଜନ ପଟ୍ଟନାୟକ, ଓ.ପି.ଏସ୍., କେନ୍ଦ୍ରାଞ୍ଚଳ ଦୁର୍ନୀତି ନିବାରଣ ବିଭାଗର ଡି. ଏସ୍. ପି. (୫) ଶ୍ରୀ କୈଳାସ ଚନ୍ଦ୍ର ମହାନ୍ତି, ସୁବେଦାର, (୬) ଶ୍ରୀ ଆନନ୍ଦ ଚନ୍ଦ୍ର ପ୍ରଧାନ, ପୁଲିସ୍ ଇନ୍‌ସପେକ୍ଟର, ଗୁଇନ୍ଦା ବିଭାଗ, (୭) ଶ୍ରୀ ଗୋପୀନାଥ ବେହେରା, ପୁଲିସ୍ ଇନ୍‌ସପେକ୍ଟର, ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ, କଟକ, (୮) ଶ୍ରୀ ସିରାଶଚନ୍ଦ୍ର ବିଶ୍ୱାଳ, ହାବିଲଦାର, ମୟୂରଭଞ୍ଜ, (୯) ଶ୍ରୀ ଅଭୟ ଚରଣ ବଳିୟାରସିଂହ, କନେଷ୍ଟବଲ, ଶ୍ରୀ ହାଇଦର ମହମ୍ମଦ, ଫାୟାରମ୍ୟାନ୍, (୧୧) ଶ୍ରୀ ବୈକୁଣ୍ଠନାଥ ମିଶ୍ର, କଂପାନୀ କମାଣ୍ଡର, ଗୃହରକ୍ଷୀ ବାହିନୀ, ଢେଙ୍କାନାଳ । ଶ୍ରୀ ମିଶ୍ରଙ୍କୁ ହୋମଗାର୍ଡ଼ ଓ ସିଭିଲ୍ ଡିଫେନ୍‌ସ ବୀରତ୍ୱ ପଦକ ପ୍ରଦାନ ସଙ୍ଗେ ସଙ୍ଗେ ରାଷ୍ଟ୍ରପତି ୫୦୦ ଟଙ୍କା ମଧ୍ୟ ମଞ୍ଜୁର କରିଛନ୍ତି ।

## ଦେଶର ପ୍ରଗତି ପାଇଁ ଶିକ୍ଷିତ ସମ୍ପ୍ରଦାୟ ସଂଗଠିତ ଉଦ୍ୟମ କରିବା ଆବଶ୍ୟକ

ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ନିଶ୍ଚିନ୍ତକୋଇଲି କଲେଜର ଶିଳାନ୍ୟାସ ଉତ୍ସବରେ ପୌରୋହିତ୍ୟ କରି ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଦେଶର ପ୍ରଗତି ସାଧନ ପାଇଁ ଶିକ୍ଷିତ ଯୁବକ-ମାନେ ଭବିଷ୍ୟତର ନାଗରିକ ହିସାବରେ ଶାସନ ପରିଚାଳନା କ୍ଷେତ୍ରରେ ସେମାନଙ୍କ କର୍ତ୍ତବ୍ୟ ସଂପାଦନ କରିବେ । ତେଣୁ, ଦେଶର ବିଭିନ୍ନ ସମସ୍ୟା ସଂପର୍କରେ ସେମାନେ ସଚେତନ ରହିବା ଆବଶ୍ୟକ । କଲେଜ ଗୃହ ନିର୍ମାଣ ପାଇଁ ଯେଉଁ ବଦାନ୍ୟବ୍ୟକ୍ତି ଦାନ କରିଛନ୍ତି, ସେମାନଙ୍କୁ ଶ୍ରୀମତୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ଏବଂ ଉକ୍ତ କଲେଜକୁ ସ୍ୱୀକୃତି ପ୍ରଦାନ ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ ।

ଜାନୁଆରୀ ୨୨ରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜଳସେଚନ ଓ ବିଦ୍ୟୁତ୍ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ କହିଲେ ଯେ ସଂପ୍ରତି ଆମ ରାଜ୍ୟରେ ଦ୍ରୁତ ଶିଳ୍ପ ବିକାଶ ଘଟୁଥିବାରୁ ରାଜ୍ୟରେ ଧନ୍ଦାମୂଳକ ଶିକ୍ଷା ପ୍ରସାର ଏକାନ୍ତ ଆବଶ୍ୟକ । ବୈଷୟିକ ତାଲିମପ୍ରାପ୍ତ ଯୁବକମାନେ ବିଭିନ୍ନ ଶିଳ୍ପ ସଂସ୍ଥା-ଗୁଡ଼ିକରେ ନିଯୁକ୍ତି ପାଇପାରିବେ । ତେଣୁ, କଲେଜ ଶିକ୍ଷା ସହିତ ଧନ୍ଦାମୂଳକ ଶିକ୍ଷା ପାଇଁ ଯୁବକମାନେ ଆଗ୍ରହ ପ୍ରକାଶ କରିବା ଆବଶ୍ୟକ ।

ଉକ୍ତ ସଭାରେ ଓ କଲେଜର ଶିଳାନ୍ୟାସ ଉତ୍ସବରେ ବିଧାନ ସଭା ସଦସ୍ୟ ଶ୍ରୀ ମତ୍‌ଲୁବ୍ ଅଲ୍ଲୀ, ଶ୍ରୀ ମାୟାଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁନ୍ଦରଗଡ଼ ଜିଲ୍ଲାରେ କ୍ଷୁଦ୍ର ଶିଳ୍ପ ଓ କୁଟୀର ଶିଳ୍ପର ଅଗ୍ରଗତି

୧୯୮୧-୮୨ ଆର୍ଥିକ ବର୍ଷରେ ସୁନ୍ଦରଗଡ଼ ଜିଲ୍ଲାରେ ଗତ ନଭେମ୍ବର ମାସ ସୁଦ୍ଧା ୧୧୨ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠିତ ହୋଇଛି । ଏଥିପାଇଁ ୧ କୋଟି ୬୪ ଲକ୍ଷ ୬୪ ହଜାର ଟଙ୍କା ବିନିଯୋଗ କରାଯାଇଛି ଏବଂ ୨,୨୩୭ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ସୁବିଧା ମିଳିପାରିଛି ।

ସେହିପରି ଉପରୋକ୍ତ ମାସରେ ଉକ୍ତ ଜିଲ୍ଲାରେ ୧,୧୦୪ କାରିଗରୀଭିତ୍ତିକ କୁଟୀର ଶିଳ୍ପ ପ୍ରତିଷ୍ଠିତ ହୋଇଛି ଏବଂ ଏଥିରେ ୧,୫୭୯ ଜଣ ଲୋକଙ୍କୁ ନିଯୁକ୍ତି ସୁବିଧା ମିଳିପାରିଛି ।

## ଜମି ବଣ୍ଟନ କାର୍ଯ୍ୟକ୍ରମ

### ଅକ୍ଟୋବର ସୁଦ୍ଧା ୫ଲକ୍ଷ ୬୦ହଜାର ୭୮୬ଜଣ ବ୍ୟକ୍ତି ଉପକୃତ

ଭୂମିହୀନଙ୍କୁ ସରକାରୀ ଜମି ବଣ୍ଟନ କାର୍ଯ୍ୟକ୍ରମ ଅନୁଯାୟୀ ଗତ ଅକ୍ଟୋବର ମାସ ଶେଷ ସୁଦ୍ଧା ୫ ଲକ୍ଷ ୯୧ ହଜାର ୬୫୯ ଏକର ଜମି ବଣ୍ଟନ କରାଯାଇଛି । ଏହାଦ୍ୱାରା ସର୍ବମୋଟ ୫ ଲକ୍ଷ ୬୦ ହଜାର ୭୮୬ ଜଣ ବ୍ୟକ୍ତି ଉପକୃତ ହେଲେଣି । ଉପକୃତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୩ ଲକ୍ଷ ୫୩ ହଜାର ୫୩୮ ଜଣ ବ୍ୟକ୍ତିଙ୍କୁ ୫ ଲକ୍ଷ ୭୮ ହଜାର ୫୨୩ ଏକର ଚାଷୋପଯୋଗୀ ଜମି ଏବଂ ୨ ଲକ୍ଷ ୭ ହଜାର ୨୪୮ ଜଣ ବ୍ୟକ୍ତିଙ୍କୁ ୧୩,୧୩୬ ଏକର ଘରଡ଼ିହ ଯୋଗାଇ ଦିଆଯାଇଛି । କେବଳ ଚାଷୋପଯୋଗୀ ଜମି ଦ୍ୱାରା ୧ ଲକ୍ଷ ୮୦ ହଜାର ୫୪ ଜଣ ଆଦିବାସୀ ଓ ୭୩,୪୪୨ ଜଣ ହରିଜନ ଉପକୃତ ହୋଇଛନ୍ତି । ସେହିପରି ଘରଡ଼ିହ ପାଇଥିବା ଆଦିବାସୀ ଓ ହରିଜନଙ୍କ ସଂଖ୍ୟା ଯଥାକ୍ରମେ ୭୪,୫୨୦ ଓ ୫୬,୭୭୨ ।

---

## ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ ଲାଗି ସରକାର ତତ୍ପର

ଶ୍ରୀ ବିଶ୍ୱାଳ

ଓଡ଼ିଶା ପରି ଏକ ଅନଗ୍ରସର ରାଜ୍ୟର ଅବହେଳିତ ଶ୍ରେଣୀ ଲୋକଙ୍କର ସର୍ବନିମ୍ନ ଆବଶ୍ୟକତା ତଥା ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିବା ଲାଗି ସରକାର ଦୃଢ଼ ପରିକର ବୋଲି ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ କହିଛନ୍ତି ।

ଗତ ଜାନୁଆରୀ ୨୨ ସଂଧ୍ୟାରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପବିତ୍ର ଚନ୍ଦନେଶ୍ୱର ପୀଠଠାରେ ଅନୁଷ୍ଠିତ ଏକ ବିରାଟ ଜନସମାବେଶରେ ଶ୍ରୀ ବିଶ୍ୱାଳ ଉଦ୍‌ବୋଧନ ଦେଇ ବ୍ୟାପକ ଶିଳ୍ପାୟନ, ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଉତ୍ଥାନ, ପାନୀୟ ଜଳଯୋଗାଣ ଏବଂ ବାର୍ଦ୍ଧକ୍ୟଭତ୍ତା ବଣ୍ଟନ ପରି ପ୍ରଗତିଶୀଳ କାର୍ଯ୍ୟକ୍ରମଗୁଡ଼ିକର ଉପାଦେୟତା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଏହି ସଭାରେ ବିଧାନସଭା ସଦସ୍ୟ ଶ୍ରୀ କାର୍ତ୍ତିକେଶ୍ୱର ପାତ୍ର ଅଧ୍ୟକ୍ଷତା କରି 'ଭାରତ ବନ୍ଦ' ଆନ୍ଦୋଳନରେ ଅସହଯୋଗ କରି ଏହାକୁ ବିଫଳ କରିଥିବାରୁ ସ୍ଥାନୀୟ ଜନସାଧାରଣଙ୍କୁ ସାଧୁବାଦ ଜଣାଇଥିଲେ ।

ପୂର୍ବରୁ ପୂର୍ତ୍ତମନ୍ତ୍ରୀ ଚନ୍ଦନେଶ୍ୱରଠାରେ ସମୁଦ୍ର ବେଳାଭୂମିରେ ୧୪ଲକ୍ଷ ୬୦ ହଜାର ୬୭୦ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ଏକ ପାନ୍ଥଶାଳାର ସ୍ଥାନ ପରିଦର୍ଶନ କରିଥିଲେ ।

ଏହି ସଭାରେ ମୁଖ୍ୟଯନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ପଟ୍ଟନାୟକ ଏବଂ ଜିଲ୍ଲାପାଳ ଶ୍ରୀ ଉପେନ୍ଦ୍ରନାଥ ଗୁରୁଙ୍କ ସମେତ ବିଭାଗୀୟ ଇଂଜିନିୟରମାନେ ଯୋଗ ଦେଇଥିଲେ ।

## ମୁଖ୍ୟ ଶାସନ ସଚିବ ଦୁଗ୍ଧ ଉତ୍ପାଦନ ସମବାୟ ଫେଡେରେସନ୍‌ର ଅଧ୍ୟକ୍ଷ ଭାବେ ମନୋନୀତ

ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଶ୍ରୀ ଏସ୍. ଏମ୍. ପଟ୍ଟନାୟକଙ୍କୁ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ଦୁଗ୍ଧ ଉତ୍ପାଦନ ସମବାୟ ଫେଡେରେସନ୍‌ର ଅଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ କରିବାକୁ ମନୋନୀତ କରିଛନ୍ତି ।

## ପାରାଦୀପ ବନ୍ଦରରେ ସାର ବର୍ଥ ନିର୍ମାଣ ଲାଗି ୧୫.୫ କୋଟି ଟଙ୍କା ମଞ୍ଜୁର

ପାରାଦୀପ ବନ୍ଦରଠାରେ ୧୫.୫ କୋଟି ଟଙ୍କା ବ୍ୟୟରେ ସାର ବର୍ଥ ନିର୍ମାଣ କରିବା ଲାଗି ଜାହାଜ ଚଳାଚଳ ଓ ପରିବହନ ମନ୍ତ୍ରାଳୟ ୧୫.୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହି ପ୍ରସ୍ତାବିତ ବର୍ଥ ନିର୍ମାଣ କାର୍ଯ୍ୟ ତିନି ବର୍ଷ ମଧ୍ୟରେ ସଂପୂର୍ଣ୍ଣ ହେବ ।

ପାରାଦୀପଠାରେ ୧୮୩.୬୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ସାର କାରଖାନାର ଏକ ଅଂଶ ଭାବେ ଏହି ବର୍ଥ ନିର୍ମାଣ କରାଯାଉଛି । ଏହି ବର୍ଥର ଲମ୍ବ ୨୫୦ ମିଟର ଏବଂ ଏହା ଜରିଆରେ ଉଭୟ କଠିନ ଓ ତରଳ ସାର ବୋଝାଇ କରାଯାଇ ପାରିବ ।

## ଭୁବନେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳରେ ମାତୃ ଓ ଶିଶୁମଙ୍ଗଳ କାର୍ଯ୍ୟକ୍ରମ

ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ମାତୃ ଓ ଶିଶୁମଙ୍ଗଳ ଉପବିଭାଗର ପ୍ରଚେଷ୍ଟା କ୍ରମେ ରାଜଧାନୀ ଭୁବନେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳରେ ୧୫-୧୨-୧୯୮୧ ଠାରୁ ଏକ ବ୍ୟାପକ ଶିଶୁମଙ୍ଗଳ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି ଓ ଜନ୍ମ ହେବାଠାରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କୁ ଡିପ୍‌ଥେରିଆ, ଲହରାକାଶ, ଧନୁଷ୍ଟଙ୍କାର ଓ ପୋଲିଓରୁ ରକ୍ଷା କରିବା ଲାଗି ଆବଶ୍ୟକୀୟ ପ୍ରତିଷେଧକ ଔଷଧ ବଣ୍ଟନ କରିବା ଏହାର ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳରେ ପ୍ରଥମେ ଆରମ୍ଭ କରାଯାଇଛି ଓ ଏହି ବୟସର ଯେଉଁ ଶିଶୁମାନେ ଏ ପର୍ଯ୍ୟନ୍ତ ଏହି ପ୍ରତିଷେଧକ ଚିକିତ୍ସା ସୁଯୋଗ ପାଇ ନାହାନ୍ତି, ସେ ସମସ୍ତ ଶିଶୁଙ୍କୁ ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରତିଷେଧକ ଔଷଧ ବଣ୍ଟନ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଆନୁମାନିକ ଅଟକଳରୁ ଜଣାଯାଏ ଯେ, ଏ ଅଞ୍ଚଳରେ ଏ ପର୍ଯ୍ୟନ୍ତ ପ୍ରାୟ ୨୮,୦୦୦ ଶିଶୁଙ୍କ ପାଇଁ ଏଭଳି ସେବାଦାନର ଆବଶ୍ୟକତା ରହିଛି । ବସ୍ତି ଅଞ୍ଚଳ ବାସିନ୍ଦାମାନଙ୍କ ପକ୍ଷରେ ଏଭଳି କାର୍ଯ୍ୟକ୍ରମ ବେଶ୍ ଆଦୃତ ହେବାର ଜଣା ଯାଉଛି ।



ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରିବାଲାଗି ଦୁଇଟି ଉଦ୍ଦେଶ୍ୟ ଅଛି । ପ୍ରଥମତଃ ଯେଉଁ ଶିଶୁମାନଙ୍କୁ ପୂର୍ବରୁ ପ୍ରତିଷେଧକ ଔଷଧ ବଣ୍ଟନ କରାଯାଇଛି ସେମାନଙ୍କୁ ଏହାର ସୁଯୋଗ ଦେବା ଓ ଦ୍ୱିତୀୟତଃ ଏହା ସନ୍ତାନ ଜନ୍ମକ୍ଷମ ଦମ୍ପତିମାନଙ୍କୁ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ କରାଇ ସେମାନଙ୍କର ଜୀବନ ଧାରଣର ମାନକୁ ବୃଦ୍ଧି କରିବା ପାଇଁ ପରିବାରକୁ ସୀମିତ କରିବାକୁ ସେମାନଙ୍କର ମନରେ ଆତ୍ମ ପ୍ରତ୍ୟୟ ସୃଷ୍ଟି କରିବା ।

ଏଭଳି କାର୍ଯ୍ୟକ୍ରମକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରା ରାଜ୍ୟରେ ପ୍ରଚଳନ କରାଇ ଏହାକୁ ଆହୁରି ବ୍ୟାପକ କରିବା ଲାଗି ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର କର୍ମକର୍ତ୍ତାମାନେ ଚିନ୍ତା କରୁଛନ୍ତି । ◎ ●

"ଉତ୍କଳ ପ୍ରସଙ୍ଗ"ର ଲେଖକ ଓ ଲେଖିକାଙ୍କ ପାଇଁ

(କ) ମାସର ସବୁ ସମୟରେ ଲେଖା ଗ୍ରହଣ କରାଯାଏ

(ଖ) ଅପ୍ରକାଶିତ ଲେଖା ଫେରସ୍ତ ଦିଆଯାଏ ନାହିଁ

(ଗ) ଅମନୋନୀତ ଲେଖାର କାରଣ ଦର୍ଶାଇବା ପାଇଁ ସଂପାଦକ ବାଧ୍ୟ ନୁହନ୍ତି

(ଘ) ଲେଖକ ଓ ଲେଖିକାମାନେ ଲେଖାଗୁଡିକ ଫୁଲସ୍କେପ୍ କାଗଜର ଗୋଟିଏ ପାଖରେ ସୁନ୍ଦର ଅକ୍ଷରରେ ଲେଖି ପଠାଇବାକୁ ଅନୁରୋଧ ।

(ଙ) ଲେଖା ପଠାଇବା ସମୟରେ ନିଜର ପୂରା ଠିକଣା ଦେବାକୁ ଭୁଲନ୍ତୁ ନାହିଁ

ସତ୍ୟାନନ୍ଦ ଚମ୍ପତିରାୟ
ମୁଖ୍ୟ ସଂପାଦକ

# ମଲାଗୁଣୀ କ୍ଷୁଦ୍ର ଜଳସେଚନ ଯୋଜନା

## ମୁଖ୍ୟମନ୍ତ୍ରୀଙ୍କଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପିତ

ଓଡ଼ିଶାକୁ ଭାରତର ଏକ ଶ୍ରେଷ୍ଠ ରାଜ୍ୟରୂପେ ଗଢ଼ିବାକୁ ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଯେଉଁ ଉଦ୍ୟମ କରାଯାଉଛି, ଯେଉଁ ଶିଳ୍ପ ବିପ୍ଳବର ଆରମ୍ଭ ହୋଇଛି, ସେଥିରେ ଓଡ଼ିଶାର ଯୁବକମାନେ ସାରଥି ହୋଇ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ।

ଖୋର୍ଦ୍ଧା ସବ୍‌ଡ଼ିଭିଜନର ରାମେଶ୍ୱର ନିକଟରେ 'ମଲାଗୁଣୀ' ନଦୀରେ ଡ଼ିସେମ୍ବର ୨୧ରେ ଏକ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଯେଉଁ ଖୋର୍ଦ୍ଧା ଅଞ୍ଚଳ ତଥା ଓଡ଼ିଶା ଏକଦା ବିପୁଳ ଗୌରବର ଅଧିକାରୀ ହୋଇଥିଲା, କାଳକ୍ରମେ ସେ ଅଞ୍ଚଳ ତଥା ଓଡ଼ିଶା ଅବହେଳିତ ହୋଇ ରହିଯାଇଛି ଏବଂ ଏହାର ଲୋକେ ଆଜି ଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରୁଛନ୍ତି । ଓଡ଼ିଶାର ଜନଗଣଙ୍କ ଏହି ଦାରିଦ୍ର୍ୟ ଲୋପ କରିବା ନିମନ୍ତେ ବର୍ତ୍ତମାନର ସରକାର ସଂକଳ୍ପବଦ୍ଧ ଭାବରେ କେତେଗୁଡ଼ିଏ ନିଷ୍ପତ୍ତି ନେଇଛନ୍ତି ଏବଂ ସେଇ ନିଷ୍ପତ୍ତି ହେଉଛି ଯେ ଓଡ଼ିଶାକୁ କୃଷି ଓ ଶିଳ୍ପ ଉଭୟ ଦିଗରୁ ଭାରତର ଏକ ଶ୍ରେଷ୍ଠ ରାଜ୍ୟରୂପେ ଗଢ଼ିବାକୁ ହେବ । ତେଣୁ, ବର୍ତ୍ତମାନ ସରକାର କୃଷି ଉତ୍ପାଦନ ବୃଦ୍ଧି ପାଇଁ ଜଳସେଚନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ସରକାରଙ୍କ ଉକ୍ତ ନିଷ୍ପତ୍ତି ଅନୁଯାୟୀ 'ମଲାଗୁଣୀ' ଜଳସେଚନ ଯୋଜନାକୁ ଆଜି ରୂପ ଦିଆଯାଉଛି ବୋଲି ସେ ଉଲ୍ଲେଖ କରିଥିଲେ । ଏଥିରେ ୩ କୋଟି ଟଙ୍କା ଖର୍ଚ୍ଚ ହେବ ଓ ୫ ହଜାର ଏକର ଜମି ଖରିଫ୍‌ରେ ଜଳସେଚିତ ହୋଇପାରିବ । ଏହା ଫଳରେ ଏ ଅଞ୍ଚଳର ୧୩ଟି ଗ୍ରାମ ଉପକୃତ ହେବ ।


ପୂର୍ବରୁ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ୍ ମଲାଗୁଣୀ ଜଳସେଚନ ଯୋଜନା କ୍ଷେତ୍ରରେ ଯେଉଁ ପ୍ରତିବନ୍ଧକ ଥିଲା, ତା'ର ସୂଚନା ଦେଇ କହିଲେ ଯେ ବିଗତ



"ମଳଗୁଣି, ତୋର ପାଣିକି ଏଣିକି
ମୁନା ଶିରୀ କ୍ଷେତ ଚଳି ଯାଉଅଛି,
ଜରନାହିଁ ଅକାରଣ,
ସେଚନ ହେଉ ତୋ ପଣ ।"

[illegible] ଖୁବ୍ [illegible], ତାହା ବର୍ତ୍ତମାନ ରୂପ ନେବାକୁ ଯାଉଛି । ନଦୀର ନିମ୍ନ ଭାଗରେ ଥିବା ଗ୍ରାମାଞ୍ଚଳର ଲୋକମାନଙ୍କ ମନରେ ଦୀର୍ଘ ଦିନଧରି ଯେଉଁ ଆଶଙ୍କା ଥିଲା, ତାହା ଖଣ୍ଡନ କରି ସେଚ ରାଷ୍ଟ୍ରମନ୍ତ୍ରୀ କହିଲେ ଯେ ବର୍ତ୍ତମାନ ଯେଉଁଭଳି ଭାବରେ ଯୋଜନାଟି କାର୍ଯ୍ୟକାରୀ କରାଯାଉଛି, ତା'ଫଳରେ ମାତ୍ର ୫ ହଜାର ଏକର ଜମିକୁ ଖରିଫ୍ ଋତୁରେ ଜଳସେଚନ କରିବାର ବ୍ୟବସ୍ଥା କରାଯାଉଛି । ମାତ୍ର, ଏହି ନଦୀର ପ୍ରବାହମାନ ଜଳରାଶି ୪୦ ହଜାର ଏକର ଜମିକୁ ପାଣି ଯୋଗାଇ ପାରନ୍ତା । ତେଣୁ, ୩୫ ହଜାର ଏକରକୁ ଯୋଗାଇ ପାରିବା ଭଳି ଜଳ ନଦୀରେ ନିଶ୍ଚିତ ଭାବରେ ବହିଯିବ । ଏଣୁ, ନିମ୍ନ ଭାଗରେ ଥିବା ଗ୍ରାମବାସୀମାନେ ଏଥିରେ ଆତଙ୍କିତ ହେବାର କିଛିନାହିଁ ।

ଏହି ଉତ୍ସବରେ ଅନ୍ୟତମ ବକ୍ତା ଭାବରେ ଶିକ୍ଷାମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର, ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଏବଂ ଲୋକସଭା ସଦସ୍ୟ ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ବର୍ତ୍ତମାନ ସରକାରଙ୍କ ପକ୍ଷରୁ କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ତଥା ଦରିଦ୍ରତମ ଲୋକଙ୍କ କଲ୍ୟାଣ ପାଇଁ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ବର୍ଣ୍ଣନା କରିଥିଲେ । ରାଜ୍ୟର ପ୍ରଥମ ମହିଳା ଲୋକସଭା ସଦସ୍ୟା ଭାବରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ପଟ୍ଟନାୟକ କହିଲେ ଯେ ଆଜି ଓଡ଼ିଶା ପ୍ରତି



ପ୍ରଧାନ ମନ୍ତ୍ରୀଙ୍କର ଯେଉଁ ଆଶୀର୍ବାଦ ରହିଛି ଏବଂ ସେଥିପାଇଁ ବର୍ତ୍ତମାନ ଓଡ଼ିଶା ସରକାର ଯେପରି ଭାବରେ କୃଷି, ଶିଳ୍ପ, ଶିକ୍ଷା ଓ ଯୋଗାଯୋଗ କ୍ଷେତ୍ରରେ ଆଗେଇ ଯିବାକୁ ବସିଛନ୍ତି, ତାହାକୁ ଜନସାଧାରଣ ଉପଲବ୍ଧି କରିବା ଉଚିତ ।

ଏହି ଉତ୍ସବରେ ଖୋର୍ଦ୍ଧା ବିଧାନ ସଭା ସଦସ୍ୟ ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ ଅଧ୍ୟକ୍ଷତା କରିଥିଲେ ।




ନଦୀ ମନ୍ଦାକିନୀ ଅମନ୍ଦଗାମିନୀ, ରଣପୁର ରାଜ୍ୟ ବନ ବିହାରିଣୀ ।

OGP—MP VI-(I. & P. R.) 99-10,000—24-3-1982

...ପ୍ରସଙ୍ଗ



ଭୁବନେଶ୍ୱର



କୋରାପୁଟ

## ଓଡ଼ିଶାରେ ଗଣରାଜ୍ୟ ଦିବସ ପାଳନ



ରାୟଗଡ଼ା



◄ ଝାରସୁଗୁଡ଼ା




ଭବାନୀପାଟଣା

ଲୋକ ଗୃହ ବସଥିଲେ, ତାହା ବରମାନ ହ...
ଯାଉଛି । ନଦୀର ନିମ୍ନ ଭାଗରେ ଥିବା ଗ୍ରା...
ମାନଙ୍କ ମନରେ ଦୀର୍ଘ ଦିନଧରି ...
ତାହା ଖଣ୍ଡନ କରି ସେତ ରା...
ସେହିଭଳି ଭାବରେ ମୋ...
ତା'ପରରେ ମାତ୍...
ଜଳସେଚନ...
ନଦୀ...

...P. 5—Licensed to post without Pre-Payment

ସ୍ୱାଗତ ଆହେ ସୂର୍ଯ୍ୟଦେବ,
ସ୍ୱାଗତ ଆହେ ମରୀଚିମାଳୀ।
ଅନ୍ଧକାର ତୁଟାଅ ତୁମେ
ଦୀପ୍ତ ତୁମ ମୟୂଖ ଜାଳି।
ଧରିତ୍ରୀର ବିଭାକର,
ପୂଣ୍ୟ କୋଳେ ଉଜ୍ଜଳର
[illegible] ଭୂଷଣ,
ତମସା ନେଇ ଆଲୋକ ଦିଅ
ପୂଷଣ ଆହେ ପୂଷଣ।

—ଗଡ଼ନାୟକ



ସ୍ୱତନ୍ତ୍ର ସ୍ୱାଧୀନ ଦିବସ ବିଶେଷାଙ୍କ, ୧୯୮୨

# ଉତ୍କଳ ପ୍ରସଙ୍ଗ

6408
23/1/93
3

